

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୬ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 26 November 2024
Vol.No. 35 ■ No.313 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା ପୂଜା ସଂଖ୍ୟା...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ମୋଦୀଙ୍କ ଫୋକସ୍‌ରେ ଓଡିଶା: ୩୦ ଦିନରେ ୩ ଥର ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ଓଡିଶାକୁ ପୂର୍ବୋଦୟ ବିକାଶର ଦ୍ୱାର ହେବ, କହୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାତ୍ର ୩୦ ଦିନ ଭିତରେ ୩ଥର ଓଡିଶା ଆସିବାକୁ ଯାଉଛନ୍ତି । ଓଡିଶାରେ ହେବାକୁ ଥିବା ପ୍ରଥମଥର ଡିଜି କନଫ୍ରେନ୍ସରେ ଯୋଗ ଦେବେ ମୋଦି । ୨୯,୩୦ ଏବଂ ୧ ତାରିଖ ତିନିଧରି ଏହି କାର୍ଯ୍ୟକ୍ରମ ଚାଲିବ । ପ୍ରଧାନମନ୍ତ୍ରୀ ନଭେମ୍ବର ୨୯ ତାରିଖ ରାତିରୁ ଆସି ଡିସେମ୍ବର ୧ ତାରିଖ ଅପରାହ୍ନ ପର୍ଯ୍ୟନ୍ତ ଓଡିଶାରେ ରହିବେ। ଶେଷ ଯାଏଁ ନିଜେ ପ୍ରଧାନମନ୍ତ୍ରୀ କନଫରେନ୍ସରେ ଉପସ୍ଥିତ ରହିବେ । ତାଙ୍କ ସହ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା, ଜାତୀୟ ସୁରକ୍ଷା ପରାମର୍ଶ



ଦାତା ଅଜିତ ଡୋଭାଲ ମଧ୍ୟ ୩ ଦିନ ଧରି ଓଡ଼ିଶାରେ ରହି କନଫରେନ୍ସରେ ଯୋଗ ଦେବେ । ଡିଜି ଆଇଜି ସମ୍ମିଳନୀ ପରେ ଡିସେମ୍ବର ୪ ତାରିଖରେ ନୌସେନା ଦିବସରେ ଓଡିଶା ଆସିବେ ମୋଦି । ଏହାପରେ ଜାନୁଆରୀ ୧୮ ରୁ ୧୦ତାରିଖରେ ହେବାକୁ ଥିବା ପ୍ରବାସୀ ଓଡ଼ିଆ ଦିବସରେ ପ୍ରଧାନମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ତୃଣମୂଳ ସ୍ତରରେ ବିଜେପିକୁ ଆହୁରି ସଂଗଠିତ କରି ପୌର ପଞ୍ଚାୟତ ନିର୍ବାଚନ ହାତେଇବାକୁ ଯୋଜନା କରୁଛି ବିଜେପି । କେନ୍ଦ୍ରୀୟ ନେତୃତ୍ୱଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନକୁ ଏକ ପାଖିଆ କରିବାକୁ ଲକ୍ଷ ରଖିଛି ଦଳ । ଚର୍ଚ୍ଚା ହେଉଛି, ରାଜ୍ୟରେ ପ୍ରଥମଥର ସରକାର କରିବାପରେ ଏବେ ରାଜ୍ୟରେ ଦୀର୍ଘ ମିଆଦି ଶାସନ କରିବାକୁ ଯୋଜନା ପ୍ରସ୍ତୁତ କରି ଘନ ଘନ ଗସ୍ତ କରୁଛନ୍ତି ଶୀର୍ଷ ନେତୃତ୍ୱ ।

## ଆଜି ସରିବ ସୁଜାତା କାର୍ତ୍ତିକେୟନଙ୍କ ଛୁଟି ଅବଧି: କାର୍ଯ୍ୟରେ ଯୋଗ ଦେବେ ନା ବଢ଼ାଇବେ ଛୁଟି

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ଭି.କେ ପାଣ୍ଡିଆନଙ୍କ ପତ୍ନୀ ତଥା କ୍ଷମତା କେନ୍ଦ୍ରର ଏକଦା ପ୍ରଭାବଶାଳୀ ଥିବା ୨୦୦୦ ବ୍ୟାଚର ବରିଷ୍ଠ ଆଇଏଏସ ଅଧିକାରୀ ସୁଜାତା କାର୍ତ୍ତିକେୟନକୁ ନେଇ ପ୍ରଶାସନିକ ସ୍ତରରେ ଜୋରଦାର ଚର୍ଚ୍ଚା । ସୁଜାତା ଲୋକସେବା ଭବନରେ କେଉଁଠି ବସିବେ ? ଗୁରୁତ୍ୱପୂର୍ଣ୍ଣ ନା ଗୌଣ ବିଭାଗ ମିଳବ ? ଏଭଳି ପୁଳା ପୁଳା ପ୍ରଶ୍ନକୁ ନେଇ ପାୱାର କରିଡରରେ ଟୁପର ଟାପୁର ଚାଲିଛି । କାରଣ ଆସନ୍ତା କାଲି ସରିବାକୁ ଯାଉଛି ସୁଜାତାଙ୍କ ଛୁଟି ଅବଧି । ମେ' ୩୧ରୁ ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ଛଅ ମାସ ପାଇଁ ଛୁଟି ଆବେଦନ କରିଥିଲେ ସୁଜାତା । ତତ୍କାଳିନ ନବୀନ ସରକାର ସମୟରେ ସୁଜାତା କାର୍ତ୍ତିକେୟନ



ମିଶନ ଶକ୍ତି ବିଭାଗର ସର୍ବେସର୍ବା ଥିଲେ । ୨୦୨୪ ନର୍ବାଚନ ସମୟରେ ତାଙ୍କୁ ବଦଳି କରି ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ପୋଷ୍ଟିଂ କରାଯାଇଥିଲା । ହେଲେ ଛଅ ମାସ ଛୁଟି ପରେ କଣ କରିବେ ସୁଜାତା । କୁହାଯାଉଛି, ସୁଜାତାଙ୍କ ପାଖରେ ଏହି ସବୁ ଅପସନ ରହିଛି । ଛୁଟି ଅବଧି ଆଉ କିଛି ମାସ ବଢିବା ପାଇଁ ଆବେଦନ କରିପାରନ୍ତି । କେନ୍ଦ୍ରୀୟ ଡେପୁଟେସନରେ ଯାଇପାରନ୍ତି । କିମ୍ବା ସ୍ୱାମୀଙ୍କ ଭଳି ଭିଆରଏସ ଆବେଦନ କରିପାରନ୍ତି। ୨୦୨୪ ନିର୍ବାଚନ ସମୟରେ ସୁଜାତଙ୍କ ନାଁରେ ସଙ୍ଗୀନ ଅଭିଯୋଗ ଆଣି ନିର୍ବାଚନ କମିଶନ ପାଖରେ ଫେରାଦ ହୋଇଥିଲା ସେତବେଳର ବିରୋଧୀ ଦଳ ବିଜେପି । କ୍ଷମତାର ଅପବ୍ୟବହାର କରି ବିଜେଡି ପାଇଁ କାମ କରୁଛନ୍ତି ବୋଲି ଅଭିଯୋଗ କରିଥିଲା । ଭାରତୀୟ ପ୍ରାଶାସନିକ ସେବାର ଉଲଙ୍ଘନ କରୁଛନ୍ତି ବୋଲି ଦର୍ଶାଇଥିଲା । ତେବେ ଯେଉଁ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆଣୁଥିଲା ବିଜେପି, ସେହି ସଚିବଙ୍କୁ କେଉଁ ଦାୟିତ୍ୱ ଦେବ ? ତା ଉପରେ ସାରା ଓଡିଶାର ନଜର ରହିଛି ।

## ଭବଙ୍କ ପାଇଁ ଅଡୁଆ ବଢିଲା: ଯୋଡି ହେଲା ଆଉ ୩ ମାମଲା

ଯାଜପୁର, ୨୫/୧୧ (ନି.ପ୍ର): ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କୁ କାହିଁକି କରାଗଲା ମରଣାନ୍ତକ ଆକ୍ରମଣ ଦୀର୍ଘ ସମୟ ଧରି ଆତଙ୍କରାଜ ଭିଆଇବା ସହ ଯାଜପୁର ଟାଉନଥାନା ଘେରାଉ ପଛର ରିଂ ମାଷ୍ଟର କିଏ ? କେଉଁ ପରିସ୍ଥିତିରେ ବିରଜା ହାଟରେ ହୋଇଥିଲା ଗଣ୍ଡଗୋଳ କାହା ନିର୍ଦ୍ଦେଶରେ ରାସ୍ତାରୋକ ସହ ବ୍ୟବସାୟୀଙ୍କୁ କରାଯାଇଥିଲା ଆକ୍ରମଣ ତଦନ୍ତ ଭାର ନେବା ପରଠୁ ଏହି ସବୁ ଦିଗକୁ ଧରି



ଘଣ୍ଟାଚକଟା କରୁଛି କ୍ରାଇମବ୍ରାଞ୍ଚ ଟିମ୍। ସେପଟେ ପ୍ରଣବ ପ୍ରକାଶ ଦାସଙ୍କ ଭାଇ ଭବପ୍ରକାଶ ଓରଫ୍ ଲଲଙ୍କ ନାଁରେ ରୁଜୁ ହେଲା ଆଉ ୩ ମାମଲା। ଆଜି ସକାଳେ କ୍ରାଇମବ୍ରାଞ୍ଚର

▶▶ପୃଷ୍ଠା ୭

## ବିରଜାଙ୍କ ପୀଠର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସାରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ଯାଜପୁରର ପ୍ରସିଦ୍ଧ ମା' ବିରଜା ପୀଠର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଠିକ୍ ସମୟରେ ସାରିବାକୁ ଆଜି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆବଶ୍ୟକ ପଡ଼ିଲେ ନୂତନ ପ୍ରକଳ୍ପ ମଧ୍ୟ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍‌ରେ କୁହାଯାଇଛି, ଯାଜପୁରର ବିରଜା କ୍ଷେତ୍ର କେବଳ ଓଡ଼ିଶାର ନୁହେଁ, ସାରା ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତି ପୀଠ। ଓଡ଼ିଶାର ଜନସାଧାରଣଙ୍କ ଧାର୍ମିକ ଓ ଆଧ୍ୟାତ୍ମିକ ଚେତନାରେ ଏହା ଏକ ପ୍ରମୁଖ ତୀର୍ଥ କ୍ଷେତ୍ର। ମହାଭାରତ, ଆଦି ଶଙ୍କରାଚାର୍ଯ୍ୟଙ୍କ ଶକ୍ତି ପୀଠ ସ୍ତବ



ଏବଂ ବାମନ ପୁରାଣରେ ମଧ ମା' ବିରଜାଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ନାଭି ଗୟା ଭାବରେ ବିରଜା ପୀଠର ପ୍ରସିଦ୍ଧି ରହିଛି। ମା' ବିରଜାଙ୍କ ପ୍ରତି ସାରା ଓଡ଼ିଶାର ଜନସାଧାରଣଙ୍କ ପ୍ରଗାଢ଼ ଭକ୍ତି ଓ ନିଷ୍ଠା ରହିଛି। ଏହି ପ୍ରାଚୀନ ପ୍ରସିଦ୍ଧ ଶକ୍ତି ପୀଠର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ମଞ୍ଜୁର କରାଯାଇଥିବା ପ୍ରକଳ୍ପ ଗୁଡ଼ିକ ଜାରି ରହିଛି। ଏହା ସହିତ ମନ୍ଦିରର ସର୍ବାଙ୍ଗୀନ ବିକାଶ ପାଇଁ ଆବଶ୍ୟକ ପଡ଼ିଲେ ନୂତନ ପ୍ରକଳ୍ପ ମଧ୍ୟ କାର୍ଯ୍ୟକାରୀ କରାଯିବ। ବିରଜା ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ଯେଉଁ ସବୁ ପ୍ରକଳ୍ପ ହାତକୁ ନିଆ ଯାଇଛି, ସେ ସବୁ ପ୍ରକଳ୍ପ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ଗଛରେ ପିଟିହେଲା ପିକ୍‌ଅପ୍: ୨ ଜଣଙ୍କ ମୃତ୍ୟୁ

ବଲାଙ୍ଗିର, ୨୫/୧୧ (ନି.ପ୍ର): ଭୟଙ୍କର ଦୁର୍ଘଟଣା। ଦ୍ରୁତ ଗତିରେ ଯାଉଥିବା ବେଳେ ରାସ୍ତା ପାର୍ଶ୍ୱ ଗଛରେ ପିଟିହେଲା ପିକ୍‌ଅପ୍। ଗାଡ଼ି ଚାଳକଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଛି। ଆଜି ଅପରାହ୍ନରେ ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ବଲାଙ୍ଗିର ଜିଲ୍ଲାରେ ଘଟିଛି। ଆଜି ଅପରାହ୍ନ ପ୍ରାୟ ସାଢ଼େ୨ଟା ହେବ। ପାଟଣାଗଡ଼ରୁ ପଦ୍ମପୁର ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ ପିକ୍‌ଅପ୍ ଭ୍ୟାନ୍‌ଟି ପଢେଲ ଗାଁ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଗଛରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଏନେଇ ପାଟଣାଗଡ଼ ଥାନାକୁ ଖବର ଦେଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଡ଼ି ଭିତରୁ ଡ୍ରାଇଭର ଓ ଡ୍ରାଇଭରଙ୍କ ସହଯୋଗୀଙ୍କ ମୃତ୍ୟୁ ମୃତଦେହ ଉଦ୍ଧାର କରିଥିଲା। ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

## ଆଜି ବିଧାନସଭା: ପୁଳାପୁଳା ପ୍ରସଙ୍ଗ, ରଣନୀତି ତିଆରି କଲେ ଶାସକ-ବିରୋଧୀ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ଆସନ୍ତାକାଲିଠୁ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେଉଛି । ଆଜି ସର୍ବଦଳୀୟ ବୈଠକ ଡାକି ବାଚସ୍ପତି ଗୃହ ସୁପରିଚାଳନା ପାଇଁ ସହଯୋଗ ଲୋଡ଼ିଥିବାବେଳେ ଉଭୟ ଶାସକ ଓ ବିରୋଧୀ ଭିନ୍ନ ଭିନ୍ନ ଭାବେ ବୈଠକ କରି ନିଜର ରଣନୀତି ଚୂଡ଼ାନ୍ତ କରିଛନ୍ତି । ରାଜ୍ୟର ବିଜେପି ସରକାରଙ୍କୁ ଘେରିବା ପାଇଁ ବିରୋଧୀ ବିଜେଡି ଓ କଂଗ୍ରେସ ପୁଳାପୁଳା ପ୍ରସଙ୍ଗ ପ୍ରସ୍ତୁତ ସହ ଗୃହ ଭିତରେ ଆକ୍ରାମକ ଆଭିମୁଖ୍ୟ ପୋଷଣ ନିମନ୍ତେ ରଣନୀତି ଚୂଡ଼ାନ୍ତ କରିଛନ୍ତି। ଆଉ ଶାସକ ଦଳ ମଧ୍ୟ ନିଜ ସରକାରର ୫ ମାସର



ଉପଲବ୍ଧିକୁ ରଖିବା ସହ ପୂର୍ବ ସରକାରର କଳାକାରନାମାକୁ ଉଜାଗର କରି ଗୃହ ଭିତରେ ବିରୋଧୀ ଦଳକୁ ଘେରିବା ପାଇଁ ଯୋଜନା କରିଥିବା ଜଣାପଡ଼ିଛି । ବିଧାନସଭା ସଚିବାଳୟରୁ ମିଳିଥିବା ସୂଚନା ଅନୁସାରେ, ଆସନ୍ତାକାଲି ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ୬ ଜଣ ଦିବଂଗତ ସଦସ୍ୟଙ୍କ ସମ୍ମାନରେ ଶୋକପ୍ରସ୍ତାବ ପାରିତ ହେବ। ଏହାପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚାଲିବ। ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ

▶▶ପୃଷ୍ଠା ୭

## ସମ୍ବିଧାନରୁ ହଟିବନି 'ସମାଜବାଦୀ' ଓ 'ଧର୍ମନିରପେକ୍ଷ' ଶବ୍ଦ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୫/୧୧ : ସମ୍ବିଧାନର ପ୍ରସ୍ତାବନାରୁ 'ସମାଜବାଦୀ' ଓ 'ଧର୍ମନିରପେକ୍ଷ' ଶବ୍ଦ ହଟାଇବା ପାଇଁ ହୋଇଥିବା ଆବେଦନକୁ ଆଜି ଖାରଜ କରିଦେଇଛନ୍ତି ସୁପ୍ରିମକୋର୍ଟ। ପ୍ରଧାନ ବିଚାରପତି ଜଷ୍ଟିସ ସଂଜୀବ ଖାନ୍ନା ଓ ଜଷ୍ଟିସ ପିଭି ସଂଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରି ଏହାକୁ ଖାରଜ କରିଦେଇଛନ୍ତି। ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ସମୟରେ ୧୯୭୬ ମସିହାରେ ସମ୍ବିଧାନ ସଂଶୋଧନ କରିଆରେ ଏଥିରେ

▶▶ପୃଷ୍ଠା ୭

## ପାର୍ଲାମେଣ୍ଟରେ ଆଦାନୀ ଝଡ଼: ମାତ୍ର ଏକ ମିନିଟରେ ଲୋକସଭା ମୁଲତବୀ



ନୂଆଦିଲ୍ଲୀ, ୨୫/୧୧ : ଆଦାନୀ ପ୍ରସଙ୍ଗରେ ପାର୍ଲାମେଣ୍ଟରେ ହଟ୍ଟଗୋଳ । ଆଜି ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ ଏହି ପ୍ରସଙ୍ଗରେ ଚାଲିପାରିନାହିଁ ଲୋକସଭା ଓ ବିଧାନସଭା । ଲୋକସଭା ମାତ୍ର ଗୋଟିଏ ମିନିଟ ପାଇଁ ଚାଲିଥିବାବେଳେ ରାଜ୍ୟସଭାରେ ବିରୋଧୀ ଜୋରଦାର ହଙ୍ଗାମା କରିଛନ୍ତି । ପାର୍ଲାମେଣ୍ଟ ଅଧିବେଶନର ପ୍ରଥମ ଦିନରୁ ହିଁ ହଙ୍ଗାମା । ଆଦାନୀ ଓ ଅନ୍ୟ ପ୍ରସଙ୍ଗରେ ଚାଲିପାରିନାହିଁ ଲୋକସଭା ଓ ରାଜ୍ୟସଭାର ଗୃହକାର୍ଯ୍ୟ ।

▶▶ପୃଷ୍ଠା ୭

## ଦୁର୍ଘଟଣାରେ ଇଞ୍ଜିନିୟର ଛାତ୍ରଙ୍କ ମୃତ୍ୟୁ: ଜଣେ ଗୁରୁତର

ନୀଳଗିରି ୨୫/୧୧: ଦୁର୍ଘଟଣାରେ ଇଞ୍ଜିନିୟର ଛାତ୍ରଙ୍କ ମୃତ୍ୟୁ । ଜଣେ ଗୁରୁତର। ବାଲେଶ୍ୱର ଜିଲ୍ଲା ସେରଗଡ଼ ନିକଟ ଜାତୀୟ ରାଜପଥରେ ଘଟିଛି ମର୍ମନ୍ତୁଦ ଦୁର୍ଘଟଣା । ଜଣେ ଇଞ୍ଜିନିୟର ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ବିସିଇଟି କଲେଜର ତୃତୀୟ ବର୍ଷର ଛାତ୍ର। ରେମୁଣା ବ୍ଲକ ଅଧିନ ଭୀମପୁରା ଅଞ୍ଚଳର ଶୁଭମରାଜ। ସୂଚନା ଥାଉକି, ବିସିଇଟିରେ ପଢୁଥିବା ଦୁଇ ଛାତ୍ର ବାଇକରେ

▶▶ପୃଷ୍ଠା ୭

## ଉତ୍ତର ଓଡିଶା ବିକାଶ ପରିଷଦରେ ସାମିଲ ହେବ କି ସୁନ୍ଦରଗଡ ? ସରକାରଙ୍କ ଯୋଜନା ପରେ ବିଭିନ୍ନ ମହଲରୁ ଉଠିଲାଣି ସ୍ୱର

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ଉତ୍ତର ଓଡ଼ିଶା ବିକାଶ ପରିଷଦରେ ସାମିଲ୍ ହେବ ସୁନ୍ଦରଗଡ଼ ଜିଲ୍ଲା । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସୁନ୍ଦରଗଡ଼ ସଂସ୍କୃତି ଭବନରେ ମଞ୍ଚ ଉପରେ ଏବଂ ଗଣମାଧ୍ୟମକୁ ଏକଥା କହିବା ପରେ ଜୋର ଧରିଛି ପ୍ରତିବାଦର ସ୍ୱର । ବିଜେଡି, କଂଗ୍ରେସ ଓ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ତୀବ୍ର ବିରୋଧ କରିଛନ୍ତି । କିନ୍ତୁ ବିଜେପି କହିଛି, ଯାହା ବି ହେଉ ଜିଲ୍ଲାର ବିକାଶ ହେଉ । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ମନ୍ତବ୍ୟକୁ ନେଇ ଏବେ ରାଜ୍ୟ ରାଜନୀତିରେ ଝଡ଼ । ବିକାଶ ତ୍ୱରାନ୍ୱିତ ପାଇଁ ସୁନ୍ଦରଗଡ଼ ଜିଲ୍ଲାକୁ ଉତ୍ତର ଓଡ଼ିଶାରେ ସାମିଲ୍ କରିବାକୁ ମୁଖ୍ୟମନ୍ତ୍ରୀ କହିବା ପରେ ସୁନ୍ଦରଗଡ଼ ଜିଲ୍ଲାରେ ତେଜିଛି ରାଜନୀତି । ବିଜେଡି, କଂଗ୍ରେସ ସମେତ ବିଭିନ୍ନ ମହଲରେ ପ୍ରକାଶ ପାଇଛି ଉଦବେଗ । ପଶ୍ଚିମ ଓଡ଼ିଶାକୁ ଭାଗ ଭାଗ ପାଇଁ ଏହା ଗଭୀର ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛି କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି । ସୁନ୍ଦରଗଡ଼ ଉପରେ କାହିଁକି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଫୋକସ୍ ? ପୂର୍ବରୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ସାମିଲ୍ ଅଛି ସୁନ୍ଦରଗଡ଼ ଜିଲ୍ଲା । ଏବେ ପୁଣିଥରେ ସୁନ୍ଦରଗଡ଼କୁ ଉତ୍ତର ଓଡ଼ିଶା ବିକାଶ ପରିଷଦରେ ସାମିଲ୍ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଘୋଷଣା କରିଛନ୍ତି । କେବଳ ଘୋଷଣା କରିନାହାନ୍ତି ବରଂ ଏଥିପାଇଁ ଟାସ୍କଫୋର୍ସ ଗଠନ ହୋଇଛି ଏବଂ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଥିବା କଥା କହିଛନ୍ତି । ସେପଟେ ସୁନ୍ଦରଗଡ଼ର ପୂର୍ବତନ ବିଧାୟିକା ତଥା ବିଜେପି ନେତ୍ରୀ କୁସୁମ ଟେଟେ କହିଛନ୍ତି, ପଶ୍ଚିମ ଓଡ଼ିଶା କି ଉତ୍ତର ଓଡ଼ିଶା ଯାହା ସାଙ୍ଗରେ ହେଉ ଜିଲ୍ଲାର ବିକାଶ ହେଉ । ତେବେ ଆଗକୁ ସୁନ୍ଦରଗଡ଼ ଜିଲ୍ଲା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ନା ଉତ୍ତର ଓଡ଼ିଶା ବିକାଶ ପରିଷଦରେ ରହୁଛି ତା ଉପରେ ସମସ୍ତଙ୍କ ନଜର ରହିଛି ।

## ଦିଲ୍ଲୀ ଗଲେ ଫଡନବୀସ, ସିନ୍ଦେ ଓ ପାୱାର

ନୂଆଦିଲ୍ଲୀ, ୨୫/୧୧ : ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀ କିଏ ହେବେ ତାକୁ ନେଇ ରାଜନୈତିକ ଗତିବିଧି ତୀବ୍ର ହେବାରେ ଲାଗିଛି । ବିଜେପି, ଏନସିପିର ଅଜିତ ପାୱାର ଗୋଷ୍ଠୀ ଏବଂ ଶିବସେନାର ସିନ୍ଦେ ଗୋଷ୍ଠୀ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଜାରି ରହିଛି ।

▶▶ପୃଷ୍ଠା ୭



## ଲାଇଟହାଉସଠାରୁ ବାଲି ହରଚଣ୍ଡୀ ମୁହାଣ ପର୍ଯ୍ୟନ୍ତ କୋଷ୍ଟାଲ ଟ୍ରେକିଂ

ପୁରୀ, ୨୫/୧୧ (ନି.ପ୍ର): ପରିବେଶ ସୁରକ୍ଷା ପାଇଁ ଟ୍ରେକିଂ କ୍ଲବ ପୁରୀର ସଦସ୍ୟ ମାନେ ଲାଇଟ ହାଉସ ବେଳାଭୂମିରୁ ଚାଲି ଚାଲି ମଙ୍ଗଳାନଦୀ ମୁହାଣ ପର୍ଯ୍ୟନ୍ତ ଅଳିଆ ସଫା କରିଥିଲେ । ପୁଣି ମଙ୍ଗଳା ମୁହାଣ ଠାରୁ ବାଲିହରଚଣ୍ଡୀ ମୁହାଣ ପର୍ଯ୍ୟନ୍ତ ସଫା କରିଥିଲେ । ଟ୍ରାକିଙ୍ଗ ରେ ୩୬ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ । ପ୍ରାୟ ୧୬ କିଲୋମିଟର ଚାଲିବା ଭିତରେ ବେଳାଭୂମିରେ ପଡିଥିବା ମଇଳା ଆର୍ବଜନାକୁ ସଫା କରିଥିଲେ ଟ୍ରେକିଂ କ୍ଲବର ସଦସ୍ୟ । ବେଳାଭୂମିର ବିଭିନ୍ନ ସ୍ଥାନରେ ସମୁଦ୍ର ଜୁଆର ପଟୁ ମଇଳା ଆବର୍ଜନା ପଡିଥିଲା ତାକୁ ସଫା କରିଥିଲେ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଟ୍ରେକିଂ କ୍ଲବର ଗୋଟିଏ ସ୍ଲୋଗାନ ରହିଥିଲା କ୍ଲିନ ବିଚ୍ ଗ୍ରୀନ ବିଚ୍। ଟ୍ରେକିଂ କ୍ଲବର ସଭାପତି ଜୟନାରାୟଣ ମହାନ୍ତି ଓ ସମ୍ପାଦକ ଶଙ୍କର ପ୍ରଧାନ, ଟ୍ରେକିଂ ର ଫାଉଣ୍ଡର ସଦସ୍ୟ ସାମ୍ବାଦିକ ମଧୁସୂଦନ ମିଶ୍ର, ଜିବେଶ ରଥ, ଶୀତିକଣ୍ଠ ଶତପଥୀ, ଡକ୍ତର ଶରତ ମହାନ୍ତି, ଭାସ୍କର ପୂଜାରୀଙ୍କ ନେତୃତ୍ୱରେ ପରିବେଶ ସନ୍ତୁଳିତ ପାଇଁ କୋଷ୍ଟାଲ ଟ୍ରେକିଂ କରାଯାଇଥିଲ। ଟ୍ରେକିଂ କ୍ଲବର ୧୯ତମ କୋଷ୍ଟାଲ ଟ୍ରେକିଂ ଭିନ୍ନ ଏକ ବାତାବରଣ ଭିତରେ ସମ୍ପାଦିତ କରାଯାଇଛି।

ଏଥିରେ ପ୍ରତାପ କୁମାର ସାହୁ, ବିରେନ୍ଦ୍ର ବେହେରା, ମଦନ ଦାସ ମହାପାତ୍ର, କୃଷ୍ଣଚନ୍ଦ୍ର ଗୁପ୍ତା, ଜିତେନ୍ଦ୍ର ପାତ୍ର, ଡାକ୍ତର ଶିବଶଙ୍କର ସିଂହାରୀ, ଦିଲ୍ଲୀପ ଜେସ୍ୱାଲ, ବବୁଲ ଦାସ, ଶକ୍ତି ପ୍ରସାଦ ପାଣି, ଧୀରେନ୍ଦ୍ର ଧୀର, ଭାସ୍କର ପୂଜାରୀଛ, ପ୍ରଶାନ୍ତ ପାତ୍ର, ଗୀରିଶ ପ୍ରଧନ, ରାଜା ରଥ, ସୀମାଚଂଳ ପାତ୍ର, ଲକ୍ଷ୍ମୀକାନ୍ତ ମହାନ୍ତି, ବଟକୃଷ୍ଣ ମହାପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ନିଗମାନନ୍ଦ ପାତ୍ର,ବ୍ରଜକିଶୋର ପାତ୍ର, ଜିବେଶ ରଥ, ଶ୍ୟାମସୁନ୍ଦର ମହାସୁଆର, ନରେନ୍ଦ୍ର ନାଥ ନନ୍ଦ, ଗଣେଶ କୁମାର ଚନ୍ଦୁକା, ରୁଦ୍ରନାରାୟଣ ସାହୁ, ସରୋଜ କୁମାର ସାହୁ, ଜତିନ୍ଦ୍ର କର ପ୍ରମୁଖ ଯୋଗଦାନ କରିଥିଲେ। ଆଗାମୀ ଡିସେମ୍ବର ଶେଷ ସପ୍ତାହରେ ପୁରୀ ସଂସ୍କୃତ ମହାବିଦ୍ୟାଳୟ ଠାରୁ ନୂଆନଇ ମୁହାଣ ପର୍ଯ୍ୟନ୍ତ ଚାଲି ଚାଲି ଯାଇ ବେଳାଭୂମିକୁ ସଫେଇ କରାଯିବ ବୋଲି ସମ୍ପାଦକଙ୍କ ତରଫରୁ କୁହାଯାଇଛି ।

## ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚାର ଅଧିବେଶନ

ଜୟପୁର, ୨୫/୧୧ (ନି.ପ୍ର): ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚାର ଚତୁର୍ଥ ରାଜ୍ୟ ଅଧିବେଶନ ସରୋଜିନୀ ଭବନ, ଜୟପୁର, କୋରାପୁଟ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନକୁ ପ୍ରଫେସର ଛବିଲାଲ ସାହୁ, ଅଧ୍ୟକ୍ଷ, ସାନ୍ଧ୍ୟ ମହାବିଦ୍ୟାଳୟ, ଭବାନୀପାଟଣା ଉଦ୍ଘାଟନ କରିଥିବା ବେଳେ ବିକାଶ ଚୌଧାରୀ, ରାଷ୍ଟ୍ରୀୟ ଅଧ୍ୟକ୍ଷ, ଆରପିଭିଏମ, ନୂଆଦିଲ୍ଲୀ ଅଧ୍ୟକ୍ଷତା କରିଥିଲେ। ମୂଖ୍ୟ ଅତିଥି ଭାବେ କିଶୋର ଚନ୍ଦ୍ର ପଟେଲ୍, ସମ୍ମାନିତ ଅତିଥି ଭାବେ ଇଂ. ପୀତବାସ ସେଠୀ, ରାଜ୍ୟ ସଭାପତି, ବିଏଏମସିଇଏଫ, ଓଡିଶା, ଜଗଦୀଶ ଯାଦବ, ରାଜ୍ୟ ସଭାପତି, ପଛୁଆବର୍ଗ ମୋର୍ଚ୍ଚା, ଓଡିଶା, କମଳିନୀ ଯାଦବ, ରାଷ୍ଟ୍ରୀୟ ସଭାନେତ୍ରୀ, ଭାରତ ମୁକ୍ତି ମୋର୍ଚ୍ଚା ( ମହିଳା), ନୂଆଦିଲ୍ଲୀ, ନିରଞ୍ଜନ ମଲ୍ଲ, ମଦନ ନାୟକ, ଜିଲ୍ଲା ସଭାପତି, ଯାଦବ ମହାସଭା, କୋରାପୁଟ ରାଜେନ୍ଦ୍ର କୁମାର ଗୌଡ଼, ଚନ୍ଦ୍ରକାନ୍ତ ସୁତାର, ଦଣ୍ଡପାଣି ମହାରଣା, ସୁଶାନ୍ତ ମହାରଣା, ମା ସଦାନନ୍ଦ ଭୋଇ, ଆଦିତ୍ୟ ହଂସ ଏବଂ ସାଥୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଧିବେଶନରେ ସମସ୍ତ ଅତିଥି ଗଣ ପଛୁଆବର୍ଗ ମୋର୍ଚ୍ଚା ମାନଙ୍କର ଜାତି ଭିତିକ ଜନ ଗଣନା କରାଇ ତାଙ୍କ ସଂଖ୍ୟା ଅନୁପାତରେ ଝଉ/ଝଞ୍ଚ ମାନଙ୍କ ଭଳି ଙଇଉ ଙ୍କୁ ମଧ୍ୟ ପ୍ରତିନିଧିତ୍ୱ ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ମଂଚ ମାଧ୍ୟମରେ ଦାବୀ ରଖିଥିଲେ।

## ବନଜ୍ୟୋସ୍ନା ସାହିତ୍ୟ ସଂସଦର ସାଧାରଣପରିଷଦ ବୈଠକ ଓ ୧୭ତମ ଦ୍ୱିବାର୍ଷିକ ନିର୍ବାଚନ : ପ୍ରଶାନ୍ତ ବେହେରା ସଭାପତି, କାହ୍ନୁଚରଣ ଶତପଥି ସମ୍ପାଦକ

କନ୍ଧମାଳ, ୨୫/୧୧ (ନି.ପ୍ର): ଫୁଲବାଣୀ ତଥା କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋସ୍ନା ସାହିତ୍ୟ ସଂସଦର ସାଧାରଣ ପରିଷଦ ବୈଠକ ଏବଂ ଏହାର ୧୭ ତମ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁଣି ସଭାପତି ଭାବରେ ପ୍ରଶାନ୍ତ କୁମାର ବେହେରା ଏବଂ ମୁଖ୍ୟ ସମ୍ପାଦକ ଭାବରେ ଡଃ. କାହ୍ନୁଚରଣ ଶତପଥି ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି । ଫୁଲବାଣୀ ସାର୍କିଟହାଉସ ପରିସରରେ ଆୟୋଜିତ ଏହି ସଭାରେ ଅନୁଷ୍ଠାନର ପୁରାତନ କମିଟିର ସଭାପତି ପ୍ରଶାନ୍ତ କୁମାର ବେହେରା ନିଜର ଅଭିଭାଷଣରେ ବିଗତ ଦିନମାନଙ୍କରେ ଅନୁଷ୍ଠାନ ପକ୍ଷରୁ ପ୍ରକାଶ ପାଉଥିବା ତ୍ରୟମାସିକ ସ୍ମରଣିକା ବନଜ୍ୟୋସ୍ନା ବାବଦରେ କହିବା ସହିତ ଆୟୋଜନ କରାଯାଉଥିବା ରାଜ୍ୟ ଓ ଜିଲ୍ଲା ସ୍ତରର ଅନ୍ୟତମ ପ୍ରସିଦ୍ଧ କାର୍ଯ୍ୟକ୍ରମ, "ପୁସ୍ତକମେଳା ଓ ସାଂସ୍କୃତିକ ଉତ୍ସବ" ରେ ଅନୁଷ୍ଠାନର ସମସ୍ତ ସଦସ୍ୟସଦସ୍ୟା ମାନଙ୍କର ସହାୟତା ବିଷୟରେ କହିଥିଲେ । ଏଥି ସହିତ ଫୁଲବାଣୀ ର ଆଖପାଖ ଅଂଚଳରେ ଥିବା ବିଦ୍ୟାଳୟ ମାନଙ୍କରେ ଓଡିଆ ଭାଷାସାହିତ୍ୟ କାର୍ଯ୍ୟକ୍ରମର ସଫଳତା ବିଷୟରେ କହିଥିଲେ । ପରେ ମୁଖ୍ୟ ସମ୍ପାଦକ ଡ.କାହ୍ନୁଚରଣ ଶତପଥି, ଅନୁଷ୍ଠାନର ଆୟବ୍ୟୟ ବିବରଣୀ ପାଠକରିଥିଲେ । ଅନୁଷ୍ଠାନର ପୂର୍ବତନ ସଭାପତି ତଥା ମୁଖ୍ୟ ଉପଦେଷ୍ଟା ପ୍ରଧାପକ ତୀର୍ଥ ଯାନୀଙ୍କ ପରିଚାଳନାରେ ନିର୍ବାଚନ ଅନୁଷ୍ଠିତ ହୋଥିଲା । ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବରେ ପୁନର୍ବାର ପ୍ରଶାନ୍ତ କୁମାର ବେହେରା ନିର୍ବାଚିତ ହୋଇଥିଲେ ।

ସେହିପରି ଅନୁଷ୍ଠାନର ଉପସଭାପତି ଭାବରେ ଶରତଚନ୍ଦ୍ର ମହାନ୍ତି ଓ ସୂଜିତ୍ କୁମାର ବେହେରାଙ୍କୁ ନିର୍ବାଚିତ କରାଯାଇଥିବା ବେଳେ ମୁଖ୍ୟ-ସମ୍ପାଦକ ଭାବରେ ପୁଣି ଡ.କାହ୍ନୁଚରଣ ଶତପଥି ନିର୍ବାଚିତ ହୋଇଛନ୍ତି । ସହସମ୍ପାଦକ ଭାବରେ ପ୍ରଣୟ ସାମନ୍ତରାୟ ଓ ବିରାଜିନି ମହାପାତ୍ର, ସଂଗଠନ ସମ୍ପାଦକ ଭାବରେ, ସୋମନାଥ ସାହୁ, ସାଂସ୍କୃତିକ ସମ୍ପାଦିକା ଭାବରେ ମୁସ୍କାନ ସୁଆର ସହ-ସାଂସ୍କୃତିକ ସମ୍ପାଦିକା, ରୁପମ୍ବିକା ତ୍ରିପାଠୀଙ୍କୁ ନିର୍ବାଚିତ କରାଯାଇଛି । ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ସଦସ୍ୟ ମାନଙ୍କ ମଧରେ ପ୍ରମୋଦ କୁମାର ସାହୁ,ଶଶିଭୁଷଣ ପ୍ରଧାନ,ରଞ୍ଜନ କୁମାର ଗିରି,ପ୍ରକାଶ ପଟ୍ଟନାୟକ, ସରସ୍ୱତୀ ସାହୁ ଏବଂ ଶୁଭ୍ରାରାଣୀ ପଟ୍ଟନାୟକ ରହିଛନ୍ତି । ସେହିପରି ଅନୁଷ୍ଠାନର ଉପଦେଷ୍ଟା ଭାବେ ପ୍ରାଧ୍ୟାପକ ତୀର୍ଥ ଯାନୀ, ଡ.ପୁଷ୍ପାଞ୍ଜଳି ମିଶ୍ର, ସୁବାଷ ମହାନ୍ତି, କଳ୍ପନାରାଣୀ ପାତ୍ର, ପ୍ରଣତୀ ତ୍ରିପାଠୀ ଏବଂ ସୁନିତୀ ଆଚାରୀଙ୍କୁ ପ୍ରଦାନ କରାଯାଇଛି । ଶେଷରେ ନୂତନ ସଭାପତି ତାଙ୍କ ଉପରେ ସମସ୍ତ ସଦସ୍ୟସଦସ୍ୟା ମାନେ ଏହି ଦାୟୀତ୍ୱ ନ୍ୟସ୍ତ କରିଥିବାରୁ ଧନ୍ୟବାଦ ଅର୍ପଣ କରିବା ସହିତ ଚଳିତ ବର୍ଷ ହେବାକୁ ଥିବା ପୁସ୍ତକ ମେଳା ଏବଂ ଅନ୍ୟାନ୍ୟ ସାଙ୍ଗଠନିକ କାର୍ଯ୍ୟରେ ସମସ୍ତଙ୍କ ସହଯୋଗ ଲୋଡିଥିଲେ । ଶେଷରେ ସହ-ସମ୍ପାଦିକା ବିରାଜିନି ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାନୁଆରୀ ୨୯ରୁ ୩୧ ଯାଏ ଆନନ୍ଦପୁର କଲେଜ ହୀରକ ଜୟନ୍ତୀ

ଘଟଗାଁ, ୨୫/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲାର ସର୍ବ ପୁରାତନ ଦ୍ୱିତୀୟ ବୃହତମ ଆନନ୍ଦପୁର କଲେଜ ର ହୀରକ ଜୟନ୍ତୀ ଉତ୍ସବ ପାଳନ କରିବା ପାଇଁ ବ୍ୟାପକ ପ୍ରସ୍ତୁତି ବୈଠକ। ଏହି ଅବସରରେ ଆଜି ଆନନ୍ଦପୁର କଲେଜ କନଫରେନ୍ସ ହଲ୍ ରେ ହୀରକ ଜୟନ୍ତୀ କମିଟିର ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଜାନୁଆରୀ ମାସ ୨୯ ତାରିଖ ଠାରୁ ୩୧ ତାରିଖ ୩ ଦିନ ବ୍ୟାପୀ ଆନନ୍ଦପୁର କଲେଜ ହୀରକ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳନ କରାଯିବା ପାଇଁ ବୈଠକରେ ନିଷ୍ପତି ହୋଇଛି । ଏହି କାର୍ଯ୍ୟକ୍ରମରେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ରାଜ୍ୟପାଳ ରଘୁବର ଦାସ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ, ଓଡିଶା ର ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ଶିକ୍ଷା ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପୂର୍ତ, ଅବକାରୀ ଓ ଆଇନ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ଶ୍ରୀମତୀ ପ୍ରଭାତୀ ପରିଡା, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ସମେତ ଓଡ଼ିଶାର ସୁନାମଧନ୍ୟ ସାହିତ୍ୟିକ, ସମାଜସେବୀ ମାନଙ୍କୁ ଯୋଗଦାନ କରିବା ପାଇଁ ନିମନ୍ତ୍ରଣ କରାଯିବ। ହୀରକ ଜୟନ୍ତୀ ର ୩ ଦିନ ବ୍ୟାପୀ ଓଡିଶା ତଥା ଦେଶର ସୁନାମଧନ୍ୟ କଣ୍ଠଶିଳ୍ପୀ, କଳାକାର ଓ ମେଲୋଡି ପରିବେଷଣ କରାଯିବା ପାଇଁ ବୈଠକରେ ନିଷ୍ପତି ହୋଇଛି। କଲେଜ ୬୦ ବର୍ଷ ର ପୁରାତନ ଛାତ୍ର ଓ ଛାତ୍ରୀଙ୍କ ସମେତ ପୂର୍ବତନ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ମାନଙ୍କ ସହିତ ଯୋଗାଯୋଗ କରିବା ପାଇଁ ବୈଠକରେ ନିଷ୍ପତି ହୋଇଛି।

ଏହି ବୈଠକରେ ସଂପାଦକ ନିରାକାର ଦଳେଇ, ଆନନ୍ଦପୁର କଲେଜ ର ପ୍ରଥମ ଛାତ୍ର ସଂସଦର ସଭାପତି ଚିନ୍ତାମଣି ମିଶ୍ର, ଦୀପକ କୁମାର ଜେନା, ପୁରାତନ ଛାତ୍ର ସଂସଦ ସଭାପତି ଦେବ ଜେନା, ଅଧ୍ୟାପକ ଅଭିମନ୍ୟୁ ସାହୁ, ପୂର୍ବତନ କଲେଜ ଅଧ୍ୟକ୍ଷ ରମାକାନ୍ତ ନାୟକ, ଉମାକାନ୍ତ ନାୟକ, ବିଜୟ କୁମାର ସାହୁ, ଶରତ କୁମାର ସ୍ୱାଇଁ, ପ୍ରାଣବନ୍ଧୁ ସାହୁ, ବାପି ମିଶ୍ର, ପ୍ରମୋଦ କୁମାର ସିଂ, ଦେବ ରଞ୍ଜନ ସାହୁ, ଭାଗିରଥି ଦାଶ, ସନୋଷ କୁମାର ରାଉତ , ହରେକୃଷ୍ଣ ପାତ୍ର, ବାଇଧର ସେଠୀ, ଅଜୟ କୁମାର ସେଠୀ, ରାମ ଚନ୍ଦ୍ର ସ୍ୱଁ, କୀର୍ତନ ସାହୁ, ଯଜ୍ଞ ପ୍ରସାଦ ସାହୁ, ମନୋରଞ୍ଜନ ସିଂ, ସୋମନାଥ ମିଶ୍ର, ଜ୍ୟୋତି ରଞ୍ଜନ ଜେନା, ସତ୍ୟ ରଞ୍ଜନ ଦାସ, ମମତା ରାଣୀ ଜେନା ପ୍ରମୁଖ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ବାଉଁଶ ବୁଦାରେ ପିଟି ହୋଇ ବାଇକ୍ ଚାଳକ ମୃତ

ଚମ୍ପୁଆ, ୨୫/୧୧ (ନି.ପ୍ର): ଚମ୍ପୁଆ ସୀମାନ୍ତ ଝାଡ଼ଖଣ୍ଡର ଭନଗାଁ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ବାଉଁଶ ବୁଦା ରେ ପିଟି ହେଲା ବାଇକ୍। ବାଇକ୍ ଚାଳକକୁ ଗୁରୁତର ଅବସ୍ଥାରେ ଚମ୍ପୁଆ ଉପଖଣ୍ଡ ଡ଼ାକ୍ତରଖାନାରେ ଭର୍ତି କରିଥିବା ବେଳେ ଏଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଭନଗାଁ ଗ୍ରାମର ଅନିଲ ନାଏକ ଚମ୍ପୁଆରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଗାଁ ମୁଣ୍ଡରେ ଏକ ବାଉଁଶ ବୁଦାରେ ଭାରସାମ୍ୟ ହରାଇ ତାଙ୍କ ବାଇକ ପିଟି ହୋଇଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଚମ୍ପୁଆ ଉପଖଣ୍ଡ ଡ଼ାକ୍ତରଖାନା ଆଣିଥିବା ବେଳେ ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

## ସିନିୟର ଇନଟ୍ରା କ୍ଲବ କ୍ରିକେଟ ମ୍ୟାଚ ଉଦ୍‌ଘାଟିତ: ଏନ୍‌ସିଏ ବଲାଙ୍ଗିର ବିଜୟୀ

ବଲାଙ୍ଗିର, ୨୫/୧୧ (ନି.ପ୍ର): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ସିନିୟର ଇନଟ୍ରା କ୍ଲବ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ ହୋଇଯାଇଛି । ଓଡିଶା କ୍ରିକେଟ ଏସୋସିଏସନ ଓ ଜିଲ୍ଲା କ୍ରୀଡା ସଂସଦର ଆନୁକୂଲ୍ୟରେ ଆୟୋଜିତ ଏହି କ୍ରିକେଟ ଟୁର୍ଣ୍ଣାମେଂଟ ର ଉଦ୍‌ଘାଟନି ପର୍ବରେ ଜିଲ୍ଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ସଂପାଦକ ହରିନାରାୟଣ ପୁଜାରୀ, ଯୁଗ୍ମ ସଂପାଦକ ଶତୃଘନ ସିଂ, କ୍ରିକେଟ ସଂପାଦକ ଓମ୍ ପ୍ରକାଶ ଚାନ୍ଦ ଓ କ୍ରିକେଟ କୋଚ ଅରୁଣ ନାଏକ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଆଜିର ଏହି ମ୍ୟାଚ ଟି କେଓ୍ୱାଇଏସସି କଂଟାବାଞ୍ଜି ଓ ବଲାଙ୍ଗିର ଏନସିଏ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏନସିଏ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ସମୁଦାୟ ୨୬୬ ରନ୍ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲେ । ଦଳ ପକ୍ଷରୁ ରାଘବେନ୍ଦ୍ର ତ୍ରିପାଠି ସର୍ବାଧିକ ୧୧୧ ରନ୍ ସଂଗ୍ରହ କରିଥିଲେ । କେଓ୍ୱାଏସ୍‌ସି ପକ୍ଷରୁ ସଫଳ ବୋଲର ଭାବରେ ସମିର ଖାନ ଓ ଶ୍ୟାମ ବଛା ପ୍ରତ୍ୟେକ ତିନିଗୋଟି ଲେଖାଏଁ ୱିକେଟ ନେଇଥିଲା । ୨୬୬ ରନ୍ ର ବିଜୟ ଲକ୍ଷ୍ୟକୁ ପିଛା କରି କେଓ୍ୱାଏସସି ଦଳ ସମସ୍ତ ୱିକେଟ ହରାଇ ମାତ୍ର ୧୦୯ ରନ୍ ସଂଗ୍ରହ କରିଥିଲେ । ଫଳରେ ଏହି ମ୍ୟାଚକୁ ଏନସିଏ ଦଳ ୧୫୭ ରନ୍ ରେ ବିଜୟୀ ହୋଇଥିଲେ । ଏନସିଏ ପକ୍ଷରୁ ସଫଳ ବୋଲର ଭାବରେ ଯୋଗେଶ୍ୱର ବାଗ ସର୍ବାଧିକ ୫ଗୋଟି ୱିକେଟ ନେଇଥିଲେ ।

ଆଜିର ଏହି ମ୍ୟାଚକୁ ରାଜେନ୍ଦ୍ର ସେଠ ଓ ମୁକେଶ ସ୍ୱାଇଁ ପରିଚାଳନା କରିଥିବା ବେଳେ ଜଗପତି ନାଏକ ଓ ସ୍ୱାଗତ ଶୁଭଙ୍କର ସ୍କୋରର ଦାୟିତ୍ୱ ତୁଲାଇଥିଲେ।

## ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଏନସିସି ଦିବସ ପାଳିତ

ଜୟପୁର, ୨୫/୧୧ (ନି.ପ୍ର): ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟରେ ଏନସିସି ଦିବସ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିଶ୍ୱ ବିଦ୍ୟାଳୟର କୁଳ ସଚିବ ରଞ୍ଜନ କୁମାର ପ୍ରଧାନ ଉପସ୍ଥିତ ରହି କ୍ୟାଡେଟ ମାନଙ୍କୁ ଦେଶ ପାଇଁ ଗର୍ବ ଓ ଗୌରବର କଥା ବୋଲି କହିଛନ୍ତି । କ୍ୟାପଟନ ଲକ୍ଷ୍ମଣ ପାତ୍ରଙ୍କ ତତ୍ୱବାଧାନରେ ସଭା କାର୍ଯ୍ୟ ପରିଚାଳନା ହୋଇଥିଲା । ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର କ୍ୟାଡେଟ, ସେଂଟ ଜାଭିଆର ସ୍କୁଲର କ୍ୟାଡେଟ, ପ୍ରକାଶ ବିଦ୍ୟାଳୟର କ୍ୟାଡେଟ ମାନେ ଖୁବ ସୁନ୍ଦର ପ୍ୟାରେଡ କରିଥିଲେ । ଏହା ପରେ କ୍ୟାଡେଟ ମାନଙ୍କ ଦ୍ୱାରା ଖୁବ ସୁନ୍ଦର ସଂସ୍କୃତିକ କାଯ୍ୟକ୍ରମ ପରିବେଷଣ ହୋଇଥିଲା । ବିଗତ ଦୁଇ ଦିନ ଧରି ବିଭିନ୍ନ ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇଥିବା କ୍ୟାଡେଟମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶ୍ରେଷ୍ଠ କ୍ୟାଡେଟ ଭାବେ ବିଶ୍ୱ ବିଦ୍ୟାଳୟର ସିନିୟର ଅଣ୍ଡର ଅଫିସର ଦେବସ୍ମିତା ବେନିଆ, ସିନିୟର ଅଣ୍ଡର ଅଫିସର ଉଇଲସନ ରାଜ ଖରା, ପ୍ରକାଶ ବିଦ୍ୟାଳୟର କ୍ୟାଡେଟ ପ୍ରତ୍ୟୁଷ ପାଢୀ, ସେଂଟ ସାଭିୟର ସ୍କୁଲ କ୍ୟାଡେଟ ସାଇ ପ୍ରିୟମ ପାଢୀ ଉପସ୍ଥିତ ଥିଲେ । କ୍ୟାଡେଟ ଶିତଳ ନନ୍ଦା ସ୍ଥଳ ସେନା କ୍ୟାମ୍ପ ପାଇଥିବାରୁ ୧ ହଜାର ଟଙ୍କା ପୁରସ୍କାର ପ୍ରଦାନକରାଯାଇଥିଲା। ଶେଷରେ ସିଟିଓ ସନ୍ତୋଷିନି ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ସଭାରେ ଏସ ଭାସ୍କରା ଭାନୁ, ବି ବି ନନ୍ଦ, ଦୁର୍ଗା ପ୍ରସାତ, ନିଶାନ ପଟ୍ଟନାୟକ ସୁବେଦାର ପ୍ରବିଣ କୁମାର, ସାରିପ ମହମ୍ମଦଙ୍କ ସହ ବିଶ୍ୱ ବିଦ୍ୟାଳୟର ଅଧାପକ ଓ ଅଧାପିକ ଉପସ୍ଥିତ ଥିଲେ ।

## ଜିଲ୍ଲା କ୍ରୀଡା ସଂସଦ ବାର୍ଷିକ ସାଧାରଣ ବୈଠକ

### ନୂତନ କର୍ମକର୍ତ୍ତା ନିର୍ବାଚିତ : ହରିନାରାୟଣ ପୁଜାରୀ ପଂଚମ ଥର ପାଇଁ ସାଧାରଣ ସଂପାଦକ ନିର୍ବାଚିତ

ବଲାଙ୍ଗିର, ୨୫/୧୧ (ନି.ପ୍ର): ଆଜି ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ପରିସରରେ ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସଂପାଦକ ହରିନାରାୟଣ ପୁଜାରୀଙ୍କ ଆବାହକତ୍ୱ ଓ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ରଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତୃଘନ ସିଂ, କୋଷାଧକ୍ଷ ପ୍ରଭାତ କୁମାର ମିଶ୍ର ଓ ଜିଲ୍ଲା କ୍ରୀଡାଧିକାରୀ ପରାଶର ବାଗ ପ୍ରମୁଖ ମଂଚାସିନ ଥିଲେ । ସାଧାରଣ ସଂପାଦକ ଶ୍ରୀ ପୂଜାରୀ ସମସ୍ତଙ୍କୁ ସ୍ୱାଗତ ଜଣାଇବା ପରେ ସଭାପତି ଶ୍ରୀ ମିଶ୍ର ନିଜର ବକ୍ତବ୍ୟ ରଖିଥିଲେ । ସଂପାଦକ ବାର୍ଷିକ ଆୟବ୍ୟୟ ବିବରଣୀ ଦେଇଥିଲେ । ପରେ ପରେ ଯୁଗ୍ମ ସଂପାଦକ ଶ୍ରୀ ସିଂ ଓ ଉପ-ସଭାପତି ଶ୍ରୀ ମିଶ୍ର ନିଜସ୍ୱ ବକ୍ତବ୍ୟ ରଖିଥିଲେ । ଏହି ପରିପ୍ରେକ୍ଷିରେ ପୂର୍ବରୁ ତା.୧୭ ଓ ୧୮ ନଭେମ୍ବର ୨୦୨୪ ରେ କର୍ମକର୍ତା ନିର୍ବାଚନ ପାଇଁ ନୋମିନେଶନ ଦାଖଲ କାର୍ଯ୍ୟକ୍ରମ ସରିଥିଲା । କ୍ରିଡାଧିକାରୀ ପରାଶର ବାଗ ନିୟମାନୁଯାୟୀ ଫର୍ମ ଯାଂଚ୍ କରି ଫଳାଫଳ ପ୍ରସ୍ତୁତ କରିଥିଲେ । ଆଜିର ବାର୍ଷିକ ବୈଠକରେ ର୍ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିଲା ନୂତନ କର୍ମକର୍ତାଙ୍କ ନାମ ଘୋଷଣା ହେଲା ।

କାର୍ଯ୍ୟକାରୀ ସଭାପତି ଭାବେ ଶ୍ରୀକର ମିଶ୍ର, ଉପ-ସଭାପତି ଭାବେ କୃଷ୍ଣଚନ୍ଦ୍ର ମିଶ୍ର ଓ ପ୍ରହଲ୍ଲାଦ ଶତପଥି, ସାଧାରଣ ସଂପାଦକ ଭାବେ ହରିନାରାୟଣ ପୁଜାରୀ, ଯୁଗ୍ମ ସଂପାଦକ ଭାବେ ପଦ୍ମ ଚରଣ ଆଚାର୍ଯ୍ୟ ଓ ଶତୃଘନ ସିଂ ଓ କୋଷାଧକ୍ଷ ହେମନ୍ତ ବେହେରା, ଫୁଟବଲ ସଂପାଦକ ଶରତ କୁମାର ନନ୍ଦ, କ୍ରିକେଟ ସଂପାଦକ ଓମ୍ ପ୍ରକାଶ ଚାନ୍ଦ, କ୍ରିଡା ସଂପାଦକ ବିଭୂତି ଭୂଷଣ ପଣ୍ଡା, ଭଲିବଲ ସଂପାଦକ ସଂଗ୍ରାମ କେଶରୀ ବହିଦାର, ଗ୍ରାମ୍ୟ କ୍ରୀଡା ଓ ଓମେନ୍ସ ଭେଷ୍ଟିଭାଲରେ ସୁଧାଂଶୁ ସେଠ ତଥା କାଉନସିଲ ସଭ୍ୟ ଭାବେ ଦ୍ୱାରିକାନାଥ ପଣ୍ଡା, ରାଜେନ୍ଦ୍ର ପୁରୋହିତ, ଶିଶିର ବହିଦାର, ପ୍ରଭାତ କୁମାର ମିଶ୍ର ଓ ବିଜୟ କୁମାର ବଂଶଲ ପ୍ରମୁଖ ନିର୍ବାଚିତ ହୋଇଥିବା ସଂଘ ସୂତ୍ରରୁ ପ୍ରକାଶ । ଶେଷରେ ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ଭାରତ ବିକାଶ ପରିଷଦ ଟିଟିଲାଗଡ଼ ଶାଖା ପକ୍ଷରୁ ପୁସ୍ତକ ଲୋକାର୍ପଣ ଉତ୍ସବ

ବଲାଙ୍ଗିର, ୨୫/୧୧ (ନି.ପ୍ର): ସମ୍ପର୍କ, ସହଯୋଗ, ସଂସ୍କାର, ସେବା ଓ ସମର୍ପଣ ଭାବକୁ ନେଇ ସମାଜକୁ ଏକ ବାର୍ତା ଦେଇ କାର୍ଯ୍ୟ କରିଥାଏ ଭାରତ ବିକାଶ ପରିଷଦ । ଭାରତ ବିକାଶ ପରିଷଦ ଟିଟିଲାଗଡ଼ ଶାଖା ପକ୍ଷରୁ ରବିବାର ଦିନ ଏକ ପୁସ୍ତକ ଲୋକାର୍ପଣ ଉତ୍ସବ ସ୍ଥାନୀୟ ଆଦିବାସୀ ଭବନ ଠାରେ ସଭାପତି ବ୍ରହ୍ମାନନ୍ଦ ପୂହାଣଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରାଜୀବଲୋଚନ ପାଢୀଙ୍କ ଲିଖିତ ଜୀବନ ପାବଚ୍ଛର କବିତା ଓ ଡ. ଛାୟାକାନ୍ତ ଷଡ଼ଙ୍ଗୀଙ୍କ ଲିଖିତ ପ୍ରବନ୍ଧ, ପ୍ରବୋଧ ଲୋକାର୍ପଣ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଆଇନଜୀବୀ କୃଷ୍ଣ ଚନ୍ଦ୍ର ସାହୁ, ଭାରତ ବିକାଶ ପରିଷଦର ସମ୍ପାଦକ ପ୍ରମୋଦ କୁମାର ପାଲ, ସମୀକ୍ଷକ ଭିକାରୀ ଚରଣ ମିଶ୍ର ଓ ଉମେଶ ଚନ୍ଦ୍ର ଦାସ ମଂଚାସୀନ ଥିଲେ । ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଅଭିନ କିଶୋର ରଥ, ଭକ୍ତ ପ୍ରସାଦ ପାଢ଼ୀ, ସାହିତ୍ୟ ପ୍ରେମି ଅଖିଳ କିଶୋର ପଣ୍ଡା, ଅଞ୍ଜନା ପରମଗୁରୁ, ପାଣ୍ଡବ ତ୍ରିପାଠୀ, ମୁରିବାହାଲ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ନାୟକ, ଟିଟିଲାଗଡ଼ ସହରର କବି, ଲେଖକ, ସମାଜସେବୀ, ବୁଦ୍ଧିଜୀବୀ ଏବଂ ବହୁତ ଅବସରପ୍ରାପ୍ତ ଶିକ୍ଷକ ମାନେ ଉପସ୍ଥିତ ଥିଲେ ।

## ଜୟପୁରରେ ସାହିତ୍ୟ ଉତ୍ସବ 'ହର୍ଷିତା'ର ଉଦ୍ଘାଟନ

ଜୟପୁର, ୨୫/୧୧ (ନି.ପ୍ର): ଦେଶିଆ କୁଟୁମ୍ ଦ୍ୱାରା ସାହିତ୍ୟ ଉତ୍ସବ 'ହର୍ଷିତା'ର ଉଦ୍ଘାଟନ ଜୟପୁର ସହରର ଏସ୍ ଆର୍ ମଲ୍ ରେ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନିପତି ଉଦ୍ଘାଟନ କରି 'ଏବେ ବାସ୍ତବ କଥା କହିବା, କଳ୍ପନା ଯେତେ ଜାବୁଡି ଧରିଛୁ ସବୁ ପ୍ରହେଳିକା ମୋହ' ବୋଲି କହିଥିଲେ। ମୁଖ୍ଯ ଅତିଥି ବିଶିଷ୍ଟ ସାହିତ୍ୟିକା ଡଃ. ସରୋଜିନୀ ସାହୁ ଯୋଗ ଦେଇ ସାମ୍ପ୍ରତିକ ସମୟର ସୌଖୀନ ସାହିତ୍ୟ ଅପେକ୍ଷା ଭୋଗୁଥିବା ସାହିତ୍ୟ ସମାଜରେ ଅଧିକ ପ୍ରଭାବିତ କରେ ବୋଲି ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ତଥା ପ୍ରଶାସକ ଧର୍ମରାଜ ମାଝୀ ଯୋଗ ଦେଇ ହର୍ଷିତା କାର୍ଯ୍ୟକ୍ରମ ଉପରେ କହିଥିଲେ। ଦେଶିଆ କୁଟୁମର ସଭାପତି ସାଇମନ ବିଡିକା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ସବ୍ୟସାଚୀ ବିଷୋୟୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଧର୍ମରାଜ ମାଝୀଙ୍କ ବାବୁଲାଲର ବଂଗଳା ଅନୁବାଦ ଓ ନିଃଶବ୍ଦ ନିରବତା ପୁସ୍ତକ ଉନ୍ମୋଚିତ ହୋଇଥିବା ବେଳେ ବିମଳଚାନ୍ଦ ପଟ୍ଟନାୟକଙ୍କ 'ଟିସୁପେପର' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଜୀବନବ୍ୟାପୀ ଐତିହାସିକ ଗବେଷଣା କରି ସାହିତ୍ୟ ସାଧନ କରିଥିବା ହେତୁ ବର୍ଷିୟାନ୍ ସାହିତ୍ୟିକ ତଥା ଗବେଷକ ଶ୍ରୀରଙ୍ଗ ନାୟକଙ୍କୁ 'ପ୍ରଥମ ଆଦିଭୂମୀ ସାହିତ୍ୟ ସମ୍ମାନ - ୨୦୨୪' ପ୍ରଦାନ କରାଇଥିଲା। ସେହି ଭଳି ହର୍ଷିତା ସମ୍ମାନ ମରଣୋତର ଭାବେ ସ୍ୱର୍ଗତ ବଳରାମ ପୂଜାରୀଙ୍କୁ ଦିଆଯାଇଥିବା ବେଳେ ହର୍ଷିତା ସାରସ୍ୱତ ସମ୍ମାନ ବିଶିଷ୍ଟ ସାହିତ୍ୟିକ ଚନ୍ଦ୍ରକାନ୍ତ ବିଶ୍ୱାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ହର୍ଷିତାର ପ୍ରକାଶନ ଲୋଗୋ ଉନ୍ମୋଚନ ହୋଇଥିଲା। ଦୁଇଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ହର୍ଷିତା କାର୍ଯ୍ୟକ୍ରମରେ ସାହିତ୍ୟ, ସଂସ୍କୃତି, ଇତିହାସ ଓ ସାମ୍ପ୍ରତିକ ସମାଜ ଉପରେ ବିଶିଷ୍ଟ ବକ୍ତାମାନେ ଯୋଗଦେଇ ଆଲୋଚନା କରିବା ପାଇଁ ସ୍ଥିର ହୋଇଛି।ପ୍ରଥମ ଦିନରେ ଅବିଭକ୍ତ କୋରାପୁଟ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମକୁ ନେଇ ମନୋରଞ୍ଜନ ତ୍ରିପାଠୀ ଓ ରଞ୍ଜନ ମହୁରିଆ ଆଲୋଚନା କରିଥିବା ବେଳେ ସୁଜାତା ମହାପାତ୍ର ସଂଚାଳନ କରିଥିଲେ। ତୃତୀୟ ଅଧିବେଶନରେ ଆଦିବାସୀ ଅସ୍ମିତା ଉପରେ ପ୍ରଫେସର ଡଃ ଆଲୋକ ବରାଳ ଓ ଅଜିତ କୁମାର ଭୋଇ ଆଲୋଚନା କରିଥିଲେ। ବିଶିଷ୍ଟ ଉପସ୍ଥାପକ ରଘୁନାଥ ବିଶ୍ୱାଳଙ୍କ ସଂଯୋଜନାରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସାହିତ୍ୟିକ ଚନ୍ଦ୍ରକାନ୍ତ ବିଶ୍ୱାଳ ଓ ଡଃ ମନୋରଞ୍ଜନ ପ୍ରଧାନ ପାଠକ କଣ ଚାହେଁ ଶୀର୍ଷକରେ ଆଲୋକପାତ କରି ଥିବା ବେଳେ ଶ୍ରୀଧର ପଟ୍ଟନାୟକ ସଂଚାଳନ କରିଥିଲେ। ଶେଷରେ ଅବିଭକ୍ତ କୋରାପୁଟ ଜିଲ୍ଲାର ସଂଗୀତ ଓ ଚଳଚ୍ଚିତ୍ରରକୁ ନେଇ ନିର୍ଦ୍ଦେଶକ ଅମର ମିଶ୍ର ଓ ସଂଗୀତ ନିର୍ଦ୍ଦେଶକ ଧିରେନ ମୋହନ ପଟ୍ଟନାୟକ ଆଲୋଚନା କରିଥିବା ବେଳେ ଜୟନ୍ତ ପଟ୍ଟନାୟକ ପରିଚାଳନା କରିଥିଲେ।

ସମସ୍ତ କାର୍ଯ୍ୟକ୍ରମକୁ ଉପସ୍ଥାପିକା ତଥା କବି ବିଜୟଲକ୍ଷ୍ମୀ ପାଣିଗ୍ରାହୀ ଓ ଦୂରଦର୍ଶନର ଉପସ୍ଥାପକ ଶିବାନନ୍ଦ ବାରିକ ସଂଯୋଜନା କରିଥିଲେ।

## ମଣ୍ଡଳସ୍ତରୀୟ ବିଜ୍ଞାନମେଳା କାର୍ଯ୍ୟକ୍ରମ ଓ ଭଲିବଲ ପ୍ରତିଯୋଗିତା

ଘଟଗାଁ, ୨୫/୧୧ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ବିଦ୍ୟାଳୟ ସମୂହ ଆନୁକୂଲ୍ୟରେ ନରଣପୁର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ ବିଜ୍ଞାନମେଳା ଓ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରବିବାର ଆୟୋଜିତ ଏହି ମଣ୍ଡଳ ସ୍ତରୀୟ ବିଜ୍ଞାନମେଳା ଓ ଭଲିବଲ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ୧୦ଟି ଜିଲାର ବିଜ୍ଞାନୀ ଭାଗନେଇ ବିପର୍ଯ୍ୟୟ ପରିଚାଳନା ଉପରେ ସେମାନଙ୍କର ମଡେଲ ପ୍ରଦର୍ଶିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ, ମୁଖ୍ୟ ବକ୍ତା ଭାବେ ଜିଲା ଉପ ନିରୀକ୍ଷକ ସଞ୍ଜୟ କୁମାର ଧଳ ଓ ସମ୍ମାନିତ ଅତିଥି ଭାବେ ସହକାରୀ ଜିଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ସାମନ୍ତସିଂହାର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ଶ୍ରୀ ଦେଓ କ୍ରୀଡ଼ାବିତାଙ୍କୁ କରମର୍ଦ୍ଦନ କରିବା ସହ ଭଲିବଲ ମାରି ଖେଳ ଆରମ୍ଭ କରିଥିଲେ। ସେହିପରି ମଣ୍ଡଳ ସ୍ତରୀୟ ବିଜ୍ଞାନମେଳା କୁ ଫିତା କାଟି ଏହାର ଉଦଘାଟନ କରିଥିଲେ। ପିଲାଙ୍କୁ ବିଜ୍ଞାନୀ ମନୋଭାବ ନେଇ ପ୍ରତ୍ୟେକ କ୍ଷେତ୍ରରେ ଆଗେଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ମଣ୍ଡଳ ସ୍ତରୀୟ ବିଜ୍ଞାନମେଳାରେ କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ଟମକା, ଖୋର୍ଦ୍ଧା ହରିପୁର ସରକାରୀ ଉଚ୍ଚ ବିଦ୍ୟାଳୟ,ଢେଙ୍କାନାଳ ଜିଲାର ସରକାରୀ ଉଚ୍ଚ ବିଦ୍ୟାଳୟ ତାରିଣୀପଶି, କଟକ ଜିଲାର ମାଧପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ , ନୟାଗଡ଼ ଜିଲାର ସରକାରୀ ଉଚ୍ଚ ବିଦ୍ୟାଳୟ ବାଣୀଗୋଛା, ପାରେଶ୍ୱର ଗମେଣ୍ଟ ଗାର୍ଲସ ହାଇସ୍କୁଲ ପାରାଦୀପ, ସରକାରୀ ଉଚ୍ଚ ବିଦ୍ୟାଳୟ ଫୁଲମ୍ବା, ଅନଗୁଳ, ସରକାରୀ ବାଳିକା ବିଦ୍ୟାଳୟ ଅସନପାଟ, ଅନ୍ୱେଶା ଛାତ୍ରାବାସ ଚମ୍ପୁଆ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରାଇଡିହା, ଅନ୍ୱେଶା ବାଳିକା ଛାତ୍ରାବାସ ଡିଡି କଲେଜ ପରିସର, କେନ୍ଦୁଝର, ଶୁଆକାଟି ସରକାରୀ ଉଚ୍ଚ ବିଦ୍ୟାଳୟ, ନିଶାଗଡ଼ିଆ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ର ବିଜ୍ଞାନୀ ଛାତ୍ରଛାତ୍ରୀ ନିଜ ନିଜର ମୋଟ ୧୪ ଟି ମଡେଲ ପ୍ରଦର୍ଶିତ କରିଥିଲେ। କୃତୀ ବିବେଚିତ ପ୍ରତିଯୋଗୀମାନେ ଭୁବନେଶ୍ୱରର ଆଦିବାସୀ ପଡିଆଠାରେ ରାଜ୍ୟସ୍ତରୀୟ ସରଗିଫୁଲ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ଜଣା ପଡ଼ିଛି। ବରିଷ୍ଠ ଶିକ୍ଷକ ବିନୋଦ ବିହାରୀ ତନ୍ତୀଙ୍କ ସହିତ ମାଟକାମବେଡା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲକ୍ଷ୍ମୀ ମୁର୍ମୁ, ରାଇଡିହା ର ପପିନା ନାଏକ, ଅନ୍ୱେଷା ଛାତ୍ରୀନିବାସ ର ଦୀପାଳି ନାଏକ, ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟର ରୋଜାଲିନ ବେହେରା ମଂଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ରାଇଡିହା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟ ମା' ମଙ୍ଗଳା ଆଂଚଳିକ ଉଚ୍ଚବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର

ଘଟଗାଁ , ୨୫/୧୧ (ନି.ପ୍ର): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜୟ ମା ମଙ୍ଗଳା ଆଂଚଳିକ ଉଚ୍ଚବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତ ଦାନ ଶିବିରକୁ ବେଲବାହାଳି ସରପଂଚ ଦୀପ୍ତି ସାହୁଓ ହରିଡାପାଳ ସରପଂଚ ମିନତି ମହାରଣା ପ୍ରମୁଖ ଯୋଗଦେଇ ଉଦ୍ଘାଟନ କରିଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ସହଯୋଗ ରେ ଆୟୋଜିତ ରକ୍ତଦାନ ଶିବିରରେ ବରିଷ୍ଠ ସାମ୍ବାଦିକ ଶରତ ଚନ୍ଦ୍ର ମଦନ ପାଣି,ରତିକାନ୍ତ ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ପରିଡା, ସହକାରୀ ଶିକ୍ଷକ ମଦନ ମୋହନ ବାରିକ ,ବୁଦ୍ଧଦେବ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଶିବିରରେ ମୋଟ ୩୫ ୟୁନିଟି ରକ୍ତ ସଂଗ୍ରହ କରା ଯାଇଥିଲା। ଉକ୍ତ ରକ୍ତଦାନ ଶିବିର କୁ ଆନନ୍ଦପୁର ଉପଖଣ୍ଡ ରକ୍ତ ଭଣ୍ଡାର ଡ଼ାକ୍ତର ଅମର ବେହେରା, ପିଙ୍କନ୍ ଚକ୍ର, ଶରତ ଓଝା ,ରାମନାଥ ମହାନ୍ତି ମଙ୍ଗୁଳି ଚରଣ ସାହୁ ସେବୀକା ସସ୍ମିତା ଦେହୁରୀ, ପୂର୍ଣ୍ଣ ଚନ୍ଦ୍ର ମାଝୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

# ମସ୍ତିଷ୍କର ସ୍ୱାସ୍ଥ୍ୟ



ଅନେକଙ୍କ କ୍ଷେତ୍ରରେ ବୟସ ବଢ଼ିବା ସହ ମସ୍ତିଷ୍କର କାର୍ଯ୍ୟ ଦକ୍ଷତା କମେ ଏବଂ ସ୍ମୃତିଶକ୍ତି ହ୍ରାସପାଏ। ତେବେ, ଜଣେ ଚାହିଁଲେ ବେଳ ଥିବା ବେଳ, ଖାଦ୍ୟ ଓ ଜୀବନ ଶୈଳୀରେ ପରିବର୍ତ୍ତନ ଆଣି, ମସ୍ତିଷ୍କର ସାମର୍ଥ୍ୟକୁ ଅନେକ ଦିନ ପର୍ଯ୍ୟନ୍ତ ଅତୁଟ ରଖିପାରେ।

ଖାଦ୍ୟ: ପଚାଶ ପରେ ଅଧିକ ସ୍ନେହସାର ଯୁକ୍ତ ଖାଦ୍ୟ ମସ୍ତିଷ୍କର ସ୍ୱାସ୍ଥ୍ୟ ନଷ୍ଟକରେ। ଜଟିଳ ଶ୍ୱେତସାର ଜାତୀୟ ଖାଦ୍ୟ ଯଥା ଆଳୁ, ସଂପୂର୍ଣ୍ଣ ଶସ୍ୟ ସହ ଓମେଗା-୩ ଥିବା ମାଛ, ଫଳ-ମୂଳ ଓ ପନିପରିବା ନିୟମିତ ଖାଆନ୍ତୁ।

ସୁରା ଓ ଧୂମପାନ: ଦିନରେ ଦୁଇ ପେଗରୁ ଅଧିକ ସୁରାପାନ କରନ୍ତୁ ନାହିଁ। କୌଣସି ପ୍ରକାରର ଅବୈଧ ନିଶା ଦ୍ରବ୍ୟ ସେବନ କରନ୍ତୁ ନାହିଁ। ଧୂମପାନ ସଂପୂର୍ଣ୍ଣ ପରିତ୍ୟାଗ କରନ୍ତୁ।



ବ୍ୟାୟାମ: ବ୍ୟାୟାମ କରୁନଥିବା ଲୋକଙ୍କ ମସ୍ତିଷ୍କର କାଯ୍ୟଦକ୍ଷତା ଶୀଘ୍ର ହ୍ରାସପାଏ। ୬୦-୭୫ ବର୍ଷ ବୟସ୍କ ବ୍ୟକ୍ତିମାନେ ଦୈନକ ଘଂଟେରୁ ଦେଢ଼ଘଂଟା ଏରୋବିକ ବ୍ୟାୟାମ କରିବା ଉଚିତ। ଯେଉଁମାନେ ପୂର୍ବରୁ କୌଣସି ବ୍ୟାୟାମ କରି ନଥିବେ, ସେମାନେ ଚିକିତ୍ସକଙ୍କ ପରାମର୍ଶ ନେଇ ବ୍ୟାୟାମ ଆରମ୍ଭ କରନ୍ତୁ। ସର୍ବଦା ପ୍ରଶିକ୍ଷକଙ୍କ ଉପସ୍ଥିତିରେ ବ୍ୟାୟାମ କରନ୍ତୁ।

ଔଷଧ: ବୟସ ବିବା ସହ ଔଷଧର ଆବଶ୍ୟକତା ବଢ଼େ। ବୟସ୍କଙ୍କ କ୍ଷେତ୍ରରେ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଅଧିକ। ଏହା ଜାଣି ନପାରିଲେ ବିପଦ। ତେଣୁ ମନଇଚ୍ଛା ଔଷଧ ଖାଇବା ତଥା ଚିକିତ୍ସକଙ୍କ ପରାମର୍ଶ ନନେଇ ଔଷଧ ବଦଳାଇବା ଅନୁଚିତ।

ଅବସାଦ: ମାନସିକ ଅବସାଦ ମସ୍ତିଷ୍କର ସ୍ୱାସ୍ଥ୍ୟ ନଷ୍ଟ କଲେ ଚିକିତ୍ସା ନକଲେ ଅବସାଦ କ୍ରମଶଃ ବଢ଼ି ଗୁରୁତର ପରିସ୍ଥିତି ସୃଷ୍ଟି କରେ। ତେଣୁ ମନରେ ସ୍ୱାସ୍ଥ୍ୟ ଅତୁଟ ରଖିବାକୁ ଚେଷ୍ଟା କରନ୍ତୁ।

# ଚଷମାବାଲୀଙ୍କ ପାଇଁ ମେକ୍-ଅପ୍ ଟିପ୍ସ



ଅନେକ ଚଷମାକୁ ମହିଦଳାଙ୍କ ସୌନ୍ଦର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧ ମନେକରନ୍ତି। ତେବେ ଏହି ଧାରଣା ଭ୍ରମାତ୍ମକ। ଚଷମା ପିନ୍ଧୁଥିଲେ ବି ମେକ-ଅପ ନେବାରେ କୌଣସି ସମସ୍ୟା ନାହିଁ। କେବଳ ଠିକ୍ ଭାବେ ମେକଅପ ନେଇପାରିଲେ ହେଲା; ଚମକିବେ। କେତେକ ଟିପ୍ସ:

- ଆଖିରେ ଦଇ ପରସ୍ତ ମସ୍କାରା ସହ ଆଇଲେସ୍ ବ୍ୟବହାର କରନ୍ତୁ।
- ନିୟମିତ ବ୍ୟବଧାନରେ ଭ୍ରୁଲତାର ଥ୍ରେଡିଂ କରାନ୍ତୁ। ମୋଟା ଫ୍ରେମ୍‌ବାଲା ବଡ଼ ଚଷମା ପିନ୍ଧୁଥିଲେ, ଭ୍ରୁଲତା ପତଳା ରଖନ୍ତୁ ଏବଂ ବିପରୀତ ପିନ୍ଧୁଥିଲେ ମୋଟା ରଖନ୍ତୁ।
- ଆଖିକୁ ଧୂମ୍ରାଭ (ସ୍ମୋକି ଆଇ) ଦେଖାଇବା ପାଇଁ ଦୁଇ ପରସ୍ତ ଆଇଲାଇନର ସହ ପତାରେ ଅଳ୍ପ ସ୍ମକ୍ ବ୍ୟବହାର କରନ୍ତୁ।
- ଚଷମା ପିନ୍ଧୁଥିବା ମହିଳାଙ୍କ ଆଖି ତଳେ, କଡ଼ରେ କଳା ଦାଗ ଦିଶିବା ସାଧାରଣ। ଏହା ଦ୍ୱାରା ବିଚଳିତ ନହୋଇ କନ୍‌ସିଲର୍ ବ୍ୟବହାର କରନ୍ତୁ।
- କଳା ପେନସିଲ୍ ଲାଇନର୍ ପାଖରେ ରଖନ୍ତୁ।
- ଚଷମାବାଲୀମାନେ ଲିପଷ୍ଟିକ, ଲିପଗ୍ଲସ ଓ ବ୍ଲସର ବ୍ୟବହାର କରିବାକୁ ଭୟ କରନ୍ତୁ ନାହିଁ।

# ଡାଲଚିନି ନିୟନ୍ତ୍ରଣ କରେ ମେଦବୃଦ୍ଧି

ଡାଇବେଟିସ ଓ ମେଦବହୁଳ ଲୋକଙ୍କ ପାଇଁ ଏକ ଖୁସି ଖବର। ଡାଲଚିନିର ବ୍ୟବହାର କରି ଡାଇବେଟିସ୍ ଓ ମୋଟାପଣକୁ ନିୟନ୍ତ୍ରଣ କରାଯାଇପାରିବ। ଭାରତୀୟମାନଙ୍କ ଉପରେ ହୋଇଥିବା ଏକ ରିସର୍ଚ୍ଚରୁ ଜଣାପଡ଼ିଛି ଦୈନିକ ୩ ଗ୍ରାମ ଡାଲଚିନି ପାଉଡ଼ର ଖାଇଲେ ମେଦବୃଦ୍ଧି ନିୟନ୍ତ୍ରଣ କରାଯାଇପାରିବ। ଏହାଦ୍ୱାରା ଅଂଟା ପାଖରେ ଜମିଥିବା ଚର୍ବି କମ ହେବା ସହ କୋଲେଷ୍ଟ୍ରୋଲ ଓ ହାଇ ବ୍ଲଡ଼ପ୍ରେସରକୁ ମଧ୍ୟ ନିୟନ୍ତ୍ରଣରେ ରଖାଯାଇପାରିବ। ରିସର୍ଚ୍ଚ ବେଳେ ଡାଇବେଟିସ୍ ପାଇଁ ଡାଲଚିନି ଏକ ଅମୋଘ ଔଷଧ ବୋଲି ଜଣାପଡ଼ିଛି। ଏମସ ଓ ଦିଲ୍ଲୀ ୟୁନିଭର୍ସିଟି ଫୋର୍ଟିସ ସିଡ଼ିଓସି ହସପିଟାଲ ପକ୍ଷରୁ ମିଳିତ ଭାବେ ହୋଇଥିବା ଏହି ରିସର୍ଚ୍ଚରେ ୧୩୦ଜଣ ରୋଗୀଙ୍କୁ ୧୬



ସପ୍ତାହ ଧରି ଡାଲଚିନି ପାଉଡ଼ର ଦିଆଯାଇଥିଲା। ପ୍ରତ୍ୟେକ ରୋଗୀଙ୍କୁ ଦୈନକ ୩ଗ୍ରାମ ଡାଲଚିନି ପାଉଡ଼ର ଦିଆଯାଇଥିଲା, ଯେଉଁଥିରେ ସେମାନଙ୍କ ଓଜନ ୩.୮ ପ୍ରତିଶତ କମିଯାଇଥିବା ଦେଖାଯାଇଥିଲା। ସେହିଭଳି ଶରୀରର ଚର୍ବି ୪.୩ ପ୍ରତିଶତ ଓ ଅଣ୍ଟା ଚଉଡ଼ା ୫.୩ ପ୍ରତିଶତ କମିଯାଇଥିଲା। ବ୍ଲଡ଼୍‌ପ୍ରେସର ୯.୭ ପ୍ରତିଶତ କମିଥିଲା ଓ ରକ୍ତରେ ଫାଷ୍ଟିଂ ଗ୍ଲୁକୋଜ୍‌ର ସ୍ତର ୭.୧ ପ୍ରତିଶତ କମିଯାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଦୈନିକ ୩ ଗ୍ରାମ ଡାଲଚିନି ପାଉଡ଼ର ଖାଇଥିଲେ ମଧ୍ୟ ରୋଗୀଙ୍କର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ହୋଇ ନଥିଲା। ଏହି ରିସର୍ଚ୍ଚ ସମ୍ପର୍କରେ ଅନ୍ତର୍ଜାତୀୟ ପତ୍ରିକା 'ଲିପିଡ୍ ଇନ୍ ହେଲଥ୍ ଡିଜିଜ୍‌ରେ ପ୍ରକାଶ ପାଇଛି।

# ଜାଣନ୍ତୁ, ଗୃହର ଅଗ୍ନିକୋଣରେ କ'ଣ କରିବେ ଓ କ'ଣ ନକରିବେ: ନହେଲେ ମାଡ଼ି ଆସିବ ଏହି ସବୁ ବିପଦ



୧.ଗୃହର ଅଗ୍ନିକୋଣ ୧୩୫ ଡିଗ୍ରୀ ଦକ୍ଷିଣ-ପୂର୍ବକୁ ବୁଝାଇଥାଏ। ଏହି ଅଗ୍ନିକୋଣ ହେଉଛି ଗୃହର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ।

୨.ଗୃହର ଅଗ୍ନିକୋଣରେ ଦ୍ୱାର ରହିଲେ ବ୍ୟବସାୟରେ ଆସିଥାଏ ସମସ୍ୟା।

୩.ଗୃହର ଅଗ୍ନିକୋଣର ରଙ୍ଗ କଳା, ନୀଳ ବା ସବୁଜ ହେଲେ ଗୃହରେ ଆର୍ଥିକ ସଂକଟ ଦେଖାଦେଇଥାଏ।

୪.ଗୃହର ଅଗ୍ନିକୋଣରେ ସିଡ଼ି ଥିଲେ ମାନସିକ ଚାପ ବୃଦ୍ଧି ହୋଇଥାଏ।

୫.ଗୃହର ଅଗ୍ନିକୋଣରେ ପାଇଖାନା ଥିଲେ ଆର୍ଥିକ ସ୍ଥିତି ଖରାପ ହେବା ସହିତ ଅପମାନଜନକ ସ୍ଥିତି ଓ ମାରାତ୍ମକ ରୋଗ ମଧ ଦେଖାଦେଇଥାଏ ।

୬.ଗୃହର ଅଗ୍ନିକୋଣ ନିଚା ହେଲେ କିମ୍ବା ଅଗ୍ନିକୋଣରେ ବେସିନ୍ ଥିଲେ ଏବଂ ବେସିନରୁ ପାଣି ପଡୁଥିଲେ ଆର୍ଥିକ ସ୍ଥିତି ଖରାପ ହୋଇଥାଏ ।

୭.ଗୃହର ଅଗ୍ନିକୋଣ ବୃଦ୍ଧି ହୋଇଥିଲେ ଦୁର୍ଘଟଣା ଘଟିଥାଏ।

୮. ଗୃହର ଅଗ୍ନିକୋଣକୁ ସଦା ସର୍ବଦା ସଫା ରଖିବା ସହିତ ଗୋଲାପି କିମ୍ବା ଲାଲ ରଙ୍ଗ କଲେ ସର୍ବଦା ଶୁଭଫଳ ପ୍ରାପ୍ତ ହେବ ।

୯.ଅଗ୍ନିକୋଣରେ କେବେ ହେଲେ ସିଡ଼ି କିମ୍ବା ପାଇଖାନା ନିର୍ମାଣ କରିବେ ନାହିଁ ।

# ଗର୍ଭଧାରଣରେ ଅକ୍ଷମତା: କାରଣ ଓ ପ୍ରତିକାର



ଗର୍ଭଧାରଣ ବା ପ୍ରଜନନ ଜନିତ ଅକ୍ଷମତା ଆଜିକାଲି ଏକ ବଡ଼ ସମସ୍ୟା। ପରିବର୍ତ୍ତିତ ଜୀବନଶୈଳୀ, ସାମାଜିକ ଓ ପାରିପାର୍ଶ୍ୱିକ ଅବସ୍ଥିତି ତଥା କେତେକ ଚିକିତ୍ସାଗତ ସମସ୍ୟା ଏହାର ପ୍ରମୁଖ କାରଣ। ଆବଶ୍ୟକତା ଠାରୁ କମ୍ କିମ୍ବା ଅଧିକ ଓଜନର ମହିଳାଙ୍କ କ୍ଷେତ୍ରରେ



ପ୍ରଜନନ କ୍ଷମତା ସ୍ୱାଭାବିକ ଭାବେ କମ୍। ଭୋକ ଓ ଦୁର୍ବଳତାକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହେଉଥିବା ହରମନ ଏଥିପାଇଁ ଦାୟୀ। ଏହି ହରମନ ଋତୁସ୍ରାବ ପାଇଁ କାର୍ଯ୍ୟକରେ। କମିଗଲେ ପ୍ରଜନନ କ୍ଷମତା ହ୍ରାସପାଏ। ବିଶେଷ କ୍ଷେତ୍ରରେ ପତଳୀମାନେ ଗର୍ଭଧାରଣରେ ଅସୁବିଧା ଭୋଗକରନ୍ତି। ଗର୍ଭରୋଧକ ଟୀକା, ଦୀର୍ଘକାଳ ଧରି ବଟିକା ସେବନ,ଇଞ୍ଜେକସନ ଗ୍ରହଣ ଦ୍ୱାରା ପ୍ରଜନନ କ୍ଷମତା ହ୍ରାସପାଏ। ମେଦ ବହୁଳତା ଦ୍ୱାରା ଆବଶ୍ୟକ ହରମନ ନିର୍ଗତରେ ବାଧା ଉପୁଜେ ଓ ଗର୍ଭଧାରଣ ସମ୍ଭବ ହୁଏନାହିଁ। କମ ବୟସରେ ଅନିୟମିତ ଋତୁସ୍ରାବ ସମସ୍ୟା ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ। ଏହାଚଡ଼ା ପଞ୍ଚତିରିଶ ବର୍ଷପରେ ସ୍ୱାଭାବିକ ଭାବେ ଡିମ୍ବାଣୁ ସଂଖ୍ୟା କମିଯାଉଥିବାରୁ ପ୍ରଜନନ କ୍ଷମତା ମଧ୍ୟ କମିଯାଏ। ଯୌନାଙ୍ଗ ସଂହକ୍ରମଣ, ପ୍ରମେହ ଆଦି ଯୌନରୋଗ, ଥାଇରଏଡ଼ ସମସ୍ୟା ପ୍ରଜନନ କ୍ଷମତାକୁ କମାଇଦିଏ। ଆଜିକାଲି ସୌନ୍ଦର୍ଯ୍ୟ ସଚେତନ ମହିଳା ଓ ଯୁବତୀମାନେ ଡାଏଟିଂ ଜିମ ବ୍ୟାୟାମ ଆଦି ଅଭ୍ୟାସ କରୁଛନ୍ତି। ସିଧାସଳଖ ପ୍ରଶିକ୍ଷକ କିମ୍ବା ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେଉ ନାହାନ୍ତି। ଏ ବାବଦରେ ଟେଲିଭିଜନରେ ପ୍ରସାରିତ କାର୍ଯ୍ୟକ୍ରମ ଗୁଡ଼ିକ ଦେଖି ଘରେ ଅଭ୍ୟାସ କରୁଛନ୍ତି। ଶରୀର ପାଇଁ ଏହା କ୍ଷତିକାରକ। ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼େ ଓ ଗର୍ଭାଶୟ ପ୍ରଭାବିତ ହୁଏ। ପତଳୀ ହେବା ପାଇଁ ସପ୍ତାହକୁ ପାଂଚଘଂଟାରୁ ଅଧିକ ସମୟ ବ୍ୟାୟାମ କଲେ ପ୍ରଜନନ କ୍ଷମତା କମିଯାଏ। ମାତୃତ୍ୱ ଲାଭରୁ ବଂଚିତ ହେବାକୁ ପଡ଼େ। ସୁରା ଓ ଧୂମପାନ, ନିଶା ସେବନ ମଧ୍ୟ ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ। ଏଥିପ୍ରତି ସତର୍କ ରହିବା ଜରୁରୀ। ସୁସ୍ଥ ଓ ସୁନ୍ଦର ରହିବା ପାଇଁ ଆବଶ୍ୟକ ସୁଷମ ଖାଦ୍ୟ ଖାଆନ୍ତୁ, ଅଧିକ ନୁହେଁ କିମ୍ବା କମ ନୁହେଁ। ଫାଷ୍ଟ ଫୁଡ଼, ଅଧିକ ପୁଷ୍ଟିସାରଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ତାଲିମପ୍ରାପ୍ତ ପ୍ରଶିକ୍ଷକଙ୍କ ପରାମର୍ଶରେ ବ୍ୟାୟାମ କରନ୍ତୁ। ଠିକ ଭାବେ ବିଶ୍ରାମ ନିଅନ୍ତୁ।



ଦୁଶ୍ଚିନ୍ତା ଠାରୁ ନିଜକୁ ଦୂରେଇ ରଖନ୍ତୁ। ସୁନିଦ୍ରା ଓ ଉତମ ଭାବନା ମନରେ ପୋଷଣ କରନ୍ତୁ। ଏହାଦ୍ୱାରା ହରମୋନ ସନ୍ତୁଳିତ ରହେ ଓ ପ୍ରଜନନ କ୍ଷମତା ବଢ଼େ। ମାଆ ବନିବାର ସୌଭାଗ୍ୟ ମିଳେ। ଆବଶ୍ୟକ ସ୍ଥଳେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ।

# ନିମ୍ନ ରକ୍ତଚାପରେ ଘରୋଇ ଉପଚାର

♦ମୁଣ୍ଡ ବୁଲାଇବା, ହାଲିଆ ଲାଗିବା, ବସିବା ଜାଗାରୁ ହଠାତ୍ ଉଠିପଡ଼ିଲେ ଅନ୍ଧାର ଦିଶିବା ଆଦି ନିମ୍ନ ରକ୍ତଚାପର ଲକ୍ଷଣ।

♦ଜଳ ଶୁଷ୍କତା ନିମ୍ନ ରକ୍ତଚାପର ଏକ କାରଣ। ଏଣୁ ଅଧିକ ଜଳ ପିଅନ୍ତୁ। କ୍ଲାନ୍ତି ଦୂର ହେବ। ଆରାମ ଲାଗିବ।

♦ଖାଦ୍ୟରେ ଲୁଣ ପରିମାଣ ବଢ଼ାନ୍ତୁ। ଜଳରେ ଲୁଣ ଫେଂଟି ପିଅନ୍ତୁ। ରକ୍ତଚାପ ସନ୍ତୁଳନ ରହିବ।

♦ଦୁଇ ତିନି ଚାମଚ ବିଟ ରସ ଦିନକୁ ଦୁଇଥର ଲେଖାଏ ସପ୍ତାହେ ପର୍ଯ୍ୟନ୍ତ ପିଇବା ଦ୍ୱାରା ନିମ୍ନ ରକ୍ତଚାପରୁ ଉପଶମ ମିଳେ।

♦କଫି ସେବନ ଓ ଡାର୍କ ଚକଲେଟ ଖାଇବା ଦ୍ୱାରା ସାମୟିକ ଭାବେ ନିମ୍ନ ରକ୍ତଚାପରୁ ମୁକ୍ତି ମିଳୁଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ତେବେ, କ୍ରମାଗତ ଏହି ସମସ୍ୟା ଭୋଗୁଥିଲେ ଦିନକୁ ଦୁଇଥର କଫି ସେବନ କଲେ ସୁଫଳ ମିଳେ।

♦ଦଶ, ବାରଟି ତୁଳସୀ ପତ୍ର ରସରେ ଏକ ଚାମଚ ମହୁ ଫେଣ୍ଟି ସକାଳେ ଖାଲିପେଟରେ ପିଅନ୍ତୁ, ନିମ୍ନ ରକ୍ତଚାପ ନିୟନ୍ତ୍ରଣରେ ରହିବ।

# ଘରେ ତିଆରି କରନ୍ତୁ ପନିରର ଏହି ରେସିପି



ଆବଶ୍ୟକ ସାମଗ୍ରୀ: ପନିର, ପିଆଜ, ଟମାଟୋ, ଶିମଳା ଲଙ୍କା, ଅଦା ରସୁଣ ପେଷ୍ଟ, ଜିରା, ପାଣି, ଧନିଆ ପାଉଡର, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, କ୍ରିମ୍, ଧନିଆପତ୍ର, ଗରମ ମସଲା, ତେଲ ଓ ଲୁଣ ସ୍ୱାଦ ଅନୁସାରେ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ପିଆଜ, ଟମାଟୋ ଓ ଶିମଳା ଲଙ୍କାକୁ ଲମ୍ବା କରି କାଟିଦିଅନ୍ତୁ। ତା' ପରେ କରେଇରେ ତେଲ ଗରମ କରି ଜିରା ପକାନ୍ତୁ। ଜିରା ଫୁଟିବା ପରେ କଟା ପିଆଜକୁ ସେଥିରେ ପକାନ୍ତୁ। ଏହାପରେ ଏଥିରେ କଟା ହୋଇଥିବା ଟମାଟୋ ଏବଂ ଶିମଳା ଲଙ୍କା ପକାଇ କିଛି ସମୟ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ। ଏହାପରେ ଅଦା ରସୁଣ ପେଷ୍ଟ, ଧନିଆ ପାଉଡର, ଲଙ୍କାଗୁଣ୍ଡ, ପନିର ମସଲା, ହଳଦିଗୁଣ୍ଡ ଓ ସ୍ୱାଦ ଅନୁସାରେ ଲୁଣ ପକାଇ କଷନ୍ତୁ। ମସଲା କଷି ହେବା ପରେ ଏଥିରେ ଅଳ୍ପ ପାଣି ସହିତ ପନିର ପକାଇ ଘୋଡ଼ାଇ ଦିଅନ୍ତୁ । ୧୦ ମିନିଟ୍ ପରେ ଗ୍ୟାସକୁ ବନ୍ଦ କରି କ୍ରିମ ଏବଂ ଗରମ ମସଲା ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ରେଶମି ପନିର । ଏହାକୁ ଗରମ ଗରମ ପରଷନ୍ତୁ।ଏହି ରେସିପିଟି ଘରେ ବନେଇ ନିଜେ ଖାଆନ୍ତୁ ଓ ଘର ଲୋକଙ୍କୁ ପରଷନ୍ତୁ ।

# ଶୁଷ୍କ ହୋଇଯାଉଛି କି ଆପଣଙ୍କ କେଶ ? : ଘରୋଇ ଟିପ୍ସ ଉପରେ ଦିଅନ୍ତୁ ଧ୍ୟାନ

ଅନେକ ଲୋକଙ୍କ ପାଇଁ ସବୁଠାରୁ ବଡ ସମସ୍ୟା ହେଉଛି ଶୁଷ୍କତା । ତ୍ୱଚାର ଶୁଷ୍କତା ଏବଂ କେଶର ଶୁଷ୍କତା ଦୂର କରିବା ପାଇଁ ଅନେକ ଲୋକ ବିଭିନ୍ନ ପଦ୍ଧତି ଗ୍ରହଣ କରନ୍ତି । ତ୍ୱଚାର ଶୁଷ୍କତାକୁ ମଶ୍ଚରାଇଜିଂ ଦ୍ୱାରା ସହଜରେ ହଟାଯାଇପାରିବ। କିନ୍ତୁ ଯେତେବେଳେ କେଶର ଶୁଷ୍କତାକୁ ହଟାଇବା କଥା ଆସେ କଣ କରାଯିବ ତାହା ବୁଝାପଡେ ନାହିଁ। ଶୀତଦିନେ କେଶର ଶୁଷ୍କତା ଅପସାରଣ କରିବା ମଧ ଆପଣଙ୍କ ପାଇଁ ଏକ ବଡ କାର୍ଯ୍ୟ। ତେବେ ଆପଣ ଏଥିପାଇଁ ସହଜରେ ଘରୋଇ ଉପଚାର ଗ୍ରହଣ କରିପାରିବେ। କେଶ ଶୁଷ୍କତାରୁ ମୁକ୍ତି ପାଇବା ପାଇଁ ଗାଧୋଇବା ପୂର୍ବରୁ ଆପଣଙ୍କୁ କିଛି କାମ କରିବା ଉଚିତ୍। ଏପରି କରିବା ଦ୍ୱାରା ଆପଣ ସହଜରେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ ।

ଆଲୋଭେରା ଜେଲର ଅନେକ ଲାଭ ଅଛି । ଚର୍ମଠାରୁ ଆରମ୍ଭ କରି କେଶ ପର୍ଯ୍ୟନ୍ତ ସବୁକିଛି ବ୍ୟବହାର କରାଯାଇପାରିବ। ଆପଣ କେଶ ଧୋଇବାର ୩୦ ମିନିଟ୍ ପୂର୍ବରୁ ଆଲୋଭେରା ଜେଲ୍ ଲଗାଇ ପାରିବେ। ଏହା ପରେ ଆପଣ ସାମ୍ପୁ ସାହାଯ୍ୟରେ କେଶ ଧୋଇ ପାରିବେ । ଏହି ଉପାୟରେ ଆପଣଙ୍କ କେଶର ଶୁଷ୍କତା ଦୂର ହୋଇପାରିବ। କେଶର ଶୁଷ୍କତା ଦୂର କରିବା ପାଇଁ, ଆପଣ ନଡିଆ ତେଲ ଲଗାଇ ପାରିବେ । ଏହା କେଶ ମୂଳକୁ ମଶ୍ଚରାଇଜ୍ ରଖିବ। ତେଣୁ ଏହାକୁ ବ୍ୟବହାର କରିବା ପୂର୍ବରୁ ଅଳ୍ପ ଉଷୁମ କରନ୍ତୁ । ତା'ପରେ କେଶରେ ତେଲ ଲଗାନ୍ତୁ । ମନେରଖନ୍ତୁ ଯେ ତେଲ ଥଣ୍ଡା ହେବା ପରେ ହିଁ ବ୍ୟବହାର କରିବେ। ସାମ୍ପୁ କରିବା ପୂର୍ବର ୨ ରୁ ୩ ଘଣ୍ଟା ପୂର୍ବରୁ ତେଲ ଲଗାନ୍ତୁ ଏବଂ ତା'ପରେ କେଶ ଧୋଇ ଦିଅନ୍ତୁ । ଏହିପରି କରିବା ଦ୍ୱାରା ଆପଣଙ୍କ କେଶ ଶୁଷ୍କ ରହିବ ନାହିଁ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ହିଂସାତ୍ମକ ପ୍ରତିବାଦର ଅନ୍ତ କେବେ ?

ସବୁବେଳେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୁଏ ଯେ ଯଦି ହିଂସାର ପଥରେ କୌଣସି ସମାଧାନ ନାହିଁ, ତେବେ ଲୋକେ ଏହାକୁ ଅନୁସରଣ କରନ୍ତି କାହିଁକି ? ବିଭିନ୍ନ ସମୟରେ ସରକାରୀ ନୀତି, ନିୟମ ଓ ଯୋଜନାକୁ ବିରୋଧ କରି ହେଉ କିମ୍ବା ଦାବି ପୂରଣ ପାଇଁ, ଅଧିକାର ସାବ୍ୟସ୍ତ କରିବା ପାଇଁ ବିକ୍ଷୋଭ, ଆନ୍ଦୋଳନମାନ ଦେଖିବାକୁ ମିଳିଥାଏ। ଏହାଛଡ଼ା ସାମ୍ପ୍ରଦାୟିକ ଦଙ୍ଗା ଓ ହିଂସା ଆଦି ମଧ ଦେଖିବାକୁ ମିଳେ। ଆଞ୍ଚଳିକ ସ୍ତରରୁ ଆରମ୍ଭ ହୋଇଥିବା ଏହି ହିଂସାର ନିଆଁ ସାରା ଦେଶକୁ ବ୍ୟାପିଥାଏ। ଏହାଦ୍ୱାରା ରାଜ୍ୟ ଓ ଦେଶର କୋଟି କୋଟି ଟଙ୍କାର କ୍ଷୟକ୍ଷତି ହୋଇଥାଏ। ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହେବା ସହ ନିରୀହ ଲୋକମାନେ ମଧ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କ୍ଷତିଗ୍ରସ୍ତ ହୋଇଥା'ନ୍ତି। ଆଜି ଦେଶର ପ୍ରମୁଖ ସହରମାନଙ୍କରେ ଆନ୍ଦୋଳନକାରୀଙ୍କ ଦ୍ୱାରା ଘଟୁଥିବା ଅପହରଣ, ହତ୍ୟା, ଲଢ଼େଇ, ଉଗ୍ର, ହିଂସ୍ର ଓ ଅବୈଧ କାର୍ଯ୍ୟକଳାପ ତଥା ଅନୈତିକ ଓ ଅସମ୍ବିଧାନିକ ଘଟଣାଗୁଡ଼ିକର ଦୃଶ୍ୟ ଓ ଖବର ସାଧାରଣ, ସଭ୍ୟ ଲୋକଟିଏର ମନ, ହୃଦୟ ଓ ଭାବନାକୁ ସ୍ତବ୍ଧ କରିଦେଉଛି ! ଏହି ହିଂସାରେ ଅନେକ ମୂଲ୍ୟବାନ ଜାତୀୟ ସମ୍ପତ୍ତି ଜଳିଯିବାର ଦୃଶ୍ୟ ହୃଦୟ ବିଦାରିତ କରୁଛି। ଉକ୍ତ ବେଆଇନ ଓ ହିଂସ୍ର କାର୍ଯ୍ୟକଳାପଗୁଡ଼ିକରେ ଦେଶର ଯୁବବର୍ଗର ସକ୍ରିୟ ଅଂଶଗ୍ରହଣ, ସେମାନଙ୍କର ଓ ଦେଶର ଭବିଷ୍ୟତର ସ୍ଥିତିକୁ ନେଇ ମନକୁ ଆହୁରି ବିଚଳିତ କରୁଛି। ପ୍ରତିବାଦ ତଥା ବିରୋଧ ହେଉଛି ଭାରତୀୟ ନାଗରିକଙ୍କର ଏକ ସାମ୍ବିଧାନିକ ଅଧିକାର, ଯାହାକି ଭାରତ ସମ୍ବିଧାନର ଧାରା -୧୯ ଆମକୁ ଦେଇଛି। ସମ୍ବିଧାନର ପ୍ରତିଷ୍ଠାତା ଡକ୍ଟର ବି.ଆର. ଆମ୍ବେଦକର କହିଥିଲେ, ଭବିଷ୍ୟତରେ ସ୍ୱାଧୀନ ଭାରତରେ ଆନ୍ଦୋଳନ ବା ବିରୋଧ ବିରଳ ହେବ। କାରଣ ନ୍ୟାୟ ପାଇବା ପାଇଁ ସମ୍ବିଧାନରେ ଅନ୍ୟ ଉପାୟ ମାନ ଉପଲବ୍ଧ ରହିଛି। କିନ୍ତୁ ଭାରତ ସ୍ୱାଧୀନ ହେବା ପରଠାରୁ ଦେଶରେ ଅନେକ ଜନଆନ୍ଦୋଳନ ଘଟିଥିବାର ଦୃଷ୍ଟାନ୍ତ ରହିଛି। ସେଥିରେ କିଛି ଆନ୍ଦୋଳନ ଶାନ୍ତି ଓ ଅହିଂସାର ମାର୍ଗକୁ ଆପଣେଇ ସଫଳ ହୋଇଛି, ସରକାର ବଦଳାଇଛି, ସାମାଜିକ ସମର୍ଥନ ପାଇଛି, ଅର୍ଥନୈତିକ ଓ ରାଜନୈତିକ ସଂସ୍କାର ଆଣିଛି ଏବଂ ଆମ ଅନୁଷ୍ଠାନର ପ୍ରକୃତି ବଦଳାଇ ଦେଇଛି। ସେଥିମଧ୍ୟରୁ ଜୟପ୍ରକାଶ ନାରାୟଣ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ କରି ୧୯୭୭ ମସିହାରେ କେନ୍ଦ୍ର ସରକାରଙ୍କ ଶାସନର ପତନ ଘଟାଇଥିଲେ। ସେହିଭଳି ୨୦୧୧ ରେ ଆନ୍ନା ହଜାରେଙ୍କ ଦୁର୍ନୀତିବିରୋଧୀ ଆନ୍ଦୋଳନ କେନ୍ଦ୍ର ସରକାରଙ୍କୁ ହଟାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ବଳାତ୍କାର ଭଳି ସାମାଜିକ ସମସ୍ୟାକୁ ମଧ ବିରୋଧ ମାଧ୍ୟମରେ ସମାଧାନ କରାଯାଇଛି, ଯାହାକି ୨୦୧୨-୧୩ ମସିହାରେ ନିର୍ଭୟା ମାମଲା ପରେ ଏକ ବୃହତ ଆନ୍ଦୋଳନ ଦ୍ୱାରା ପ୍ରମାଣିତ ହୋଇଥିଲା। ବ୍ୟବସ୍ଥାପକ ତଥା ସରକାରଙ୍କୁ ତୁରନ୍ତ ପରିସ୍ଥିତିର ସମାଧାନ କରିବାକୁ ବାଧ କରିଥିଲା। ଦୀର୍ଘ ୧୦୦ ବର୍ଷ ତଳେ ଅତ୍ୟାଧୁନିକ ଅସ୍ତ୍ର-ଶସ୍ତ୍ର ଧାରୀ ବିଶାଳ ବ୍ରିଟିଶ ସେନାର ଅତ୍ୟାଚାର ଓ ଅନ୍ୟାୟ ବିରୁଦ୍ଧରେ ବିନା କୌଣସି ଅସ୍ତ୍ର ସହାୟତାରେ କେବଳ ଅହିଂସାର ମାର୍ଗକୁ ଅନୁସରଣ କରି ଜାତି ଓ ଦେଶର ସ୍ୱାର୍ଥରେ ଗାନ୍ଧିଜୀ କୋଟି କୋଟି ଜନତାଙ୍କୁ ଏକାଠି କରିପାରିଥିଲେ ଏବଂ ଶେଷରେ ଅହିଂସା, ଧର୍ମ ଓ ନ୍ୟାୟର ବିଜୟ ଘଟିଥିଲା। ଆଜି କିନ୍ତୁ ଉଚ୍ଚଶିକ୍ଷିତ ଓ ସଭ୍ୟସମାଜର ବ୍ୟକ୍ତିମାନଙ୍କ ନିମନ୍ତେ ପ୍ରତିବାଦ, ଆନ୍ଦୋଳନ ଓ ବିରୋଧର ରାସ୍ତା ସମ୍ପୂର୍ଣ୍ଣ ଭିନ୍ନ ପାଲଟିଛି। ହିଂସା ମାଧ୍ୟମରେ ନିଜର ଦାବି ଓ ଅଧିକାରକୁ ସାବ୍ୟସ୍ତ କରିବା ଯେପରି ଏକ ବଡ଼ ବିକଳ୍ପ ସାଜିଛି। ଏଥିରେ କାହାକୁ କ'ଣ ଓ କେତେ ଲାଭ ହେଉଛି ତା'ର ହିସାବ କିଏ କରୁଛି ? ବିଭିନ୍ନ ପ୍ରତିବାଦ, ଆନ୍ଦୋଳନ ଓ ବିକ୍ଷୋଭ ଆଳରେ ଏବଂ ହିଂସା ମାଧ୍ୟମରେ ସମାଜରେ ଘଟୁଥିବା ଜାତୀୟ, ସାମାଜିକ ଓ ବ୍ୟକ୍ତିଗତ କ୍ଷୟକ୍ଷତିର ଉତ୍ତରଦାୟୀ କିଏ ? ସାଧାରଣ ତଥା ନିରୀହ ଜନତାଙ୍କ ଦ୍ୱାରା ପ୍ରଦତ୍ତ କର ଓ ଖଜଣାରେ ଗଢ଼ାଯାଇଥିବା ରାଷ୍ଟ୍ରୀୟ ସମ୍ପତ୍ତି ହାନିର ଭରଣା କରିବ କିଏ ? ଅନେକ ସମୟରେ ଏମିତି ଘଟଣାମାନ ନଜରକୁ ଆସିଥାଏ ଯେ, ଆନ୍ଦୋଳନକାରୀ ବା ବିକ୍ଷୋଭକାରୀଟିଏ ପ୍ରତିବାଦ ଓ ବିକ୍ଷୋଭର ପ୍ରକୃତ ଉଦ୍ଦେଶ୍ୟ ଜାଣି ନ'ଥାଏ। ବିଭିନ୍ନ କ୍ଷେତ୍ରରେ ଘଟଣାର ପ୍ରକୃତ ସୂଚନା ଓ ସବିଶେଷ ତଥ୍ୟ ତା' ପାଖରେ ନଥାଏ। ତେବେ ସେ ବିକ୍ଷୋଭ କରେ କାହିଁକି ? କାହା ପାଇଁ ? କିଛି ଆନ୍ଦୋଳନକାରୀଙ୍କୁ ଘଟଣା ସ୍ଥାନକୁ ଆଣାଯାଇଥାଏ ଏକ ପ୍ରାୟୋଜିତ ଉଦ୍ଦେଶ୍ୟ ନେଇ। କିଛିଲୋକ ସେଥିରେ ନିୟୋଜିତ ହୋଇଥା'ନ୍ତି ଆନ୍ଦୋଳନକାରୀଙ୍କୁ ଉତ୍ତେଜିତ କରି ଦଙ୍ଗା ଓ ହିଂସା ସୃଷ୍ଟି କରିବା ପାଇଁ, ଯେଉଁଥିରେ ସାଧାରଣ ଲୋକଟିଏ ହିଁ ବଳି ପଡ଼ିଥାଏ ଏବଂ ସର୍ବୋପରି ଆମ ଦେଶ କ୍ଷତିଗ୍ରସ୍ତ ହୋଇଥାଏ। ତେଣୁ ଗୋଟିଏ ଆନ୍ଦୋଳନରେ ଅଂଶଗ୍ରହଣ କରି ହିଂସାତ୍ମକ ଆଚରଣ ପ୍ରଦର୍ଶନ କରିବା ପୂର୍ବରୁ ଦେଶର ପ୍ରତ୍ୟେକ ନାଗରିକ, ବିଶେଷକରି ଆଜିର ଯୁବବର୍ଗ ନିହାତି ଭାବିବା ଦରକାର ଯେ, ସେ ଆପଣେଇଥିବା ଉଗ୍ର ଓ ବେଆଇନ କାର୍ଯ୍ୟକଳାପରେ ପ୍ରାପ୍ତି କେତେ ଓ କ୍ଷତି କେତେ? ବାସ୍ତବରେ ଆନ୍ଦୋଳନରେ ହିଂସା ଦ୍ୱାରା କୌଣସି ସମସ୍ୟାର ସମାଧାନ ମିଳି ନ'ଥାଏ। ଏହାଦ୍ୱାରା କେବଳ ନୂତନ ଧ୍ୱଂସସ୍ତୂପ ନିର୍ମାଣ କରିହୁଏ ଏବଂ ଏକ କଳା ଇତିହାସର ରଚନା ହୁଏ।ଏହି ପରିପ୍ରେକ୍ଷୀରେ ସାଧାରଣ ମନୁଷ୍ୟର ମନକୁ ଛୋଟ ପ୍ରଶ୍ନଟିଏ ସର୍ବଦା ଆନ୍ଦୋଳିତ କରିଥାଏ ଯେ, ହିଂସାତ୍ମକ ଓ ଉଗ୍ର ପ୍ରତିବାଦର ଅନ୍ତ କେବେ?

# ମହାଯୋଗୀ ଶ୍ରୀଅରବିନ୍ଦ



### ଜ୍ୟୋତିରଞ୍ଜନ ଚମ୍ପତିରାୟ

କେବଳ ଭାରତ କାହିଁକି ସମଗ୍ର ବିଶ୍ୱର ଆଧ୍ୟାତ୍ମିକ କ୍ଷେତ୍ରକୁ ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ଯୋଗଦାନ ଅଭୂତପୂର୍ବ। ବେଦ, ଉପନିଷଦ ସମେତ ଭାରତର ବିଭିନ୍ନ ଧର୍ମ ଗ୍ରନ୍ଥ ଅଧ୍ୟୟନ ଏବଂ ସେଗୁଡ଼ିକର ବ୍ୟାଖ୍ୟା କରି ନିଜ ଲେଖା ମାଧ୍ୟମରେ ସେ ଅନେକ କୃତି ଛାଡ଼ି ଯାଇଛନ୍ତି । ଯୋଗସାଧନା ଉପରେ ସେ ମୌଳିକ ଗ୍ରନ୍ଥ ରଚନା କରିଛନ୍ତି । ବିଶ୍ୱ ଦର୍ଶନ ଶାସ୍ତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ସମଗ୍ର ବିଶ୍ୱରେ ମହାଯୋଗୀଙ୍କ ସାଧନାର ବହୁ ଅନୁଗାମୀ ରହିଛନ୍ତି । ଶ୍ରୀଅରବିନ୍ଦଙ୍କ ବାଣୀ ଏବଂ ତାଙ୍କ ଦର୍ଶନ ଯୁଗ ଯୁଗ ଧରି ପ୍ରାସଙ୍ଗିକ ହୋଇ ରହିବ । ଏହି ମହାଗୁରୁ ବିଦେଶରୁ ଶିକ୍ଷା ଲାଭ କରିବା ସହ ସେ ଇଂରାଜୀ, ଜର୍ମାନ୍, ଫ୍ରେଞ୍ଚ, ଇଟାଲି ଆଦି ଭାଷାରେ ନିପୁଣତା ପ୍ରାପ୍ତ କରିଥିଲେ । ସେ ସଫଳତା ପୂର୍ବକ ଆଇସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏତେ ସବୁ ସଫଳତା ହାସଲ କରିବା ପରେ ବ୍ରିଟିଶ ସରକାର ଅଧିନରେ ଚାକିରୀ କରିବା ପରିବର୍ତ୍ତେ ସେ ଦେଶମାତୃକାରେ ସେବାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ।

୧୮୭୨, ଅଗଷ୍ଟ ୧୫- ସମଗ୍ର ଭାରତବାସୀଙ୍କ ପାଇଁ ଏକ ଗୌରବର ଦିବସ । ଏହି ଦିନ କେବଳ ଭାରତ ସ୍ୱାଧୀନ ହୋଇଥିଲା ତାହା ନୁହେଁ ବରଂ ଭାରତମାତାର ଜଣେ ଯୋଗ୍ୟତମ ସନ୍ତାନର ଏ ଧରା ପୃଷ୍ଠରେ ଆବିର୍ଭାବ ଘଟିଥିଲା । ଏଣୁ ପ୍ରତିବର୍ଷ ଭାରତବାସୀ ପରମ ଶ୍ରଦ୍ଧାରେ ଏକାଧାରରେ ସ୍ମରଣ କରିବେ ଯେ, ଏହି ଦିବସରେ ହୋଇଥିଲା ଭାରତର ସ୍ୱାଧୀନତା ଅଭ୍ୟୁଦୟ ଓ ସ୍ୱାଧୀନତାର ଅଗ୍ରଦୂତ ଶ୍ରୀ ଅରବିନ୍ଦଙ୍କ ଅଭ୍ୟୁଦୟ । ଶ୍ରୀ ଅରବିନ୍ଦ ପିତାମାତା ତାଙ୍କୁ ଆଦରରେ 'ଅରୋ' ବୋଲି ଡାକୁଥିଲେ । ସେ ଥିଲେ ପିତାମାତାଙ୍କର ତୃତୀୟ ସନ୍ତାନ । ତାଙ୍କ ବଡ଼ଭାଇଙ୍କ ନାମ ବିନୟ ଭୂଷଣ ଓ ମନ ମୋହନ । ଶ୍ରୀ ଅରବିନ୍ଦଙ୍କ ଜନ୍ମ ପରେ ଜନ୍ମଗ୍ରହଣ କରିଥିଲେ ଭଉଣୀ ସରୋଜିନୀ ଓ ସାନଭାଇ ବାରୀନ୍ଦ୍ର କୁମାର । ଡ. କୃଷ୍ଣଧନ ଘୋଷ ନିଜ ପିଲାମାନଙ୍କୁ ପାଶ୍ଚାତ୍ୟ ଶୈଳୀରେ ଗଢ଼ି ତୋଳିବାକୁ ଚାହୁଁଥିଲେ। ଅପରପକ୍ଷେ ସ୍ୱର୍ଣ୍ଣଲତା ଦେବୀ ଥିଲେ ଜଣେ ଧର୍ମପରାୟଣା, ଦେଶଭକ୍ତି, ଶିକ୍ଷିତା ନାରୀ। ଉଭୟଙ୍କ ଗୁଣାବଳୀ ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଥିଲା। କୃଷ୍ଣଧନ ଶ୍ରୀ ଅରବିନ୍ଦଙ୍କ ଲାଳନପାଳନ ଦାୟିତ୍ୱ ଜଣେ ଇଂରେଜ ଧାଇଙ୍କୁ ସମର୍ପି ଦେଲେ । ଅତି ଛୋଟ ବୟସରୁ ସେ ମାତୃସ୍ନେହରୁ ବଞ୍ଚିତ ହେଲେ । ପିଲାଟି ଦିନରୁ ଶ୍ରୀ ଅରବିନ୍ଦ ମାତୃସ୍ନେହ ଓ ମାତୃଭାଷାର ସ୍ୱାଦ ପାଇପାରିନଥିଲେ ବୋଲି ପରବର୍ତ୍ତୀ ସମୟରେ ସେ ଭାରତକୁ ଭଲଭାବେ ଚିହ୍ନି ପାରିଥିଲେ । ତେଣୁ ସେ କହୁଥିଲେ - 'ଭାରତ ଏକ ଜଡ଼ ପଦାର୍ଥ, ମାଟି, କ୍ଷେତ୍ର, ବନ, ପର୍ବତ, ନଦୀକୁ ନେଇ ଗଠିତ ଭୂଗର୍ଭ ନୁହେଁ । ଏ ହେଉଛି ସ୍ୱୟଂ ଜଗଜ୍ଜନନୀ ।

ପାଞ୍ଚବର୍ଷ ବୟସରୁ ଅରୋଙ୍କ ବାଲ୍ୟଶିକ୍ଷା ଆରମ୍ଭ ହେଲା । ପ୍ରଥମେ ସେ ଲୋରେଟା କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ପ୍ରଥମେ ସେ ଲେରେଟୋ କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ସାତବର୍ଷ ବୟସରେ ତାଙ୍କୁ ଦେଶ ଛାଡ଼ି ଯିବାକୁ ପଡ଼ିଲା । ତାଙ୍କ ମାତାଙ୍କ ମସ୍ତିଷ୍କ ରୋଗ ଚିକିତ୍ସା ପାଇଁ ପିତା କୃଷ୍ଣଧନ ସପରିବାର ଯାଇ ମାଞ୍ଚେଷ୍ଟରରେ ରହିଲେ । ସେଠାରେ ଡ୍ରୁଟେ ଦମ୍ପତିଙ୍କ ତତ୍ତ୍ୱାବଧାନରେ ଶ୍ରୀ ଅରବିନ୍ଦଙ୍କ ପାଠପଢ଼ା ଚାଲିଲା । ଏହି ବୟସରୁ ହିଁ ତାଙ୍କ ପ୍ରତିଭାର ବିକାଶ ଘଟିଲା । ତାଙ୍କୁ ଯାହା ଶିକ୍ଷା ଦିଆଯାଉଥିଲା ସେ ସଙ୍ଗେ ସଙ୍ଗେ ସବୁ ଶିଖି ଦେଉଥିଲେ । ଶ୍ରୀ ଅରବିନ୍ଦ ଥିଲେ ଶାନ୍ତ ସ୍ୱଭାବର ଓ ବିଚକ୍ଷଣ ପ୍ରତିଭାର ଅଧିକାରୀ । ମାତ୍ର ଦଶବର୍ଷ ବୟସରୁ ଲାଟିନ୍ ଓ ଇଂରାଜୀ ଭାଷାରେ ସୁନ୍ଦର କବିତା ଲେଖିବାକୁ ଆରମ୍ଭ କଲେ। ଏଗାର ବର୍ଷ ବୟସରେ ସେ ଅନ୍ତରରେ ଅନୁଭୂତି ଲାଭ କଲେ ଯେ ସାରା ଜଗତ ପାଇଁ ତାଙ୍କୁ ଭୂମିକା ଗ୍ରହଣ କରିବାକୁ ପଡ଼ିବ । ତେରବର୍ଷ ବୟସରେ ସେ ଲଣ୍ଡନ ଯାଇ ସେଣ୍ଟ ପଲ୍‌ସ ସ୍କୁଲରେ ଭର୍ତ୍ତି ହେଲେ । ସେଠାରେ ସେ ଗ୍ରୀକ୍ ଓ ଫରାସୀ ଭାଷା ଶିଖିଲେ । ଚଉଦ ବର୍ଷ ବେଳକୁ ସେ ଇଉରୋପରେ ଇଂରାଜୀ, ଲାଟିନ୍, ଗ୍ରୀକ୍, ଫରାସୀ, ଇଟାଲିୟାନ୍, ଜର୍ମାନୀ ଓ ସ୍ପେନିଶ୍ ଏହି ପରି ସାତୋଟି ଭାଷାର ଅଧିକାରୀ ହୋଇ ସାରିଥିଲେ । ଏହି ସମୟରେ ତାଙ୍କୁ ନାନା ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । ଟଙ୍କା ଅଭାବରୁ ବେଳେ ବେଳେ ସେ ଭୋକ ଉପାସରେ ରହୁଥିଲେ । ଶୀତରେ ଘୋଡ଼େଇ ହେବାପାଇଁ ତାଙ୍କ ନିକଟରେ ଚଦରଟିଏ ନଥିଲା ।ଶ୍ରୀ ଅରବିନ୍ଦ ଲଣ୍ଡନରେ ରହି ପାଠ ପଢୁଥିବା ସମୟରେ ତାଙ୍କ ପିତା କୃଷ୍ଣଧନ ତାଙ୍କ ଭିତରେ ଦେଶ ପ୍ରେମର ବୀଜପବନ କରିଥିଲେ । ସେ ସମୟରେ ଭାରତୀୟ ମାନଙ୍କ ପ୍ରତି ଇଂରେଜମାନଙ୍କ ଅକଥନୀୟ ଅତ୍ୟାଚାର ବିଷୟରେ ଚିଠି ଲେଖି ଜଣାଉଥିଲେ । ଏସବୁ ପଢ଼ି ଶ୍ରୀ ଅରବିନ୍ଦଙ୍କ ମନରେ ଦେଶପ୍ରେମର ଭାବ ଜାଗ୍ରତ ହେଲା । ଏହାଥିଲା ଦେଶ କାର୍ଯ୍ୟ ପାଇଁ ଆୟମାରମ୍ଭ । ପରାଧୀନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ସେ ତାଙ୍କ ସମଗ୍ର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ପରାଧୀନତାର ରୁକ୍ଷ ମରୁଭୂମିରେ ସ୍ୱାଧୀନତା - ମନ୍ଦାକିନୀର ଆଦ୍ୟ ଧାରା ବୁହାଇଥିଲେ । ସମଗ୍ର ଭାରତବର୍ଷ ଓ ମାନବ ଜାତି ପାଇଁ ତାଙ୍କ ଅବଦାନ ଅତୁଳନୀୟ । ପରବର୍ତ୍ତୀ ସମୟରେ ଏହି ଅସାଧାରଣ ବାଳକ 'ଶ୍ରୀ ଅରବିନ୍ଦ' ନାମରେ ପରିଚିତ ହେଲେ । ସୌଭାଗ୍ୟ ବଶତଃ ତାଙ୍କ ଜନ୍ମ ତିଥିରେ ହିଁ ଭାରତ ସ୍ୱାଧୀନ ହେଲା । ତାଙ୍କ ସମଗ୍ର ଜୀବନ ବିଷୟରେ ବର୍ଣ୍ଣନା କରିବା କିମ୍ବା ଜାଣିବା ଆମର ଜ୍ଞାନର ପରିସୀମା ବାହାରେ; କିନ୍ତୁ ସାଧନା ଓ ଅଧ୍ୟବସାୟ ଥିଲେ ସେହି ମହାପୁରୁଷଙ୍କ ବିଷୟରେ ଜାଣି ପାରିବା । ତାଙ୍କ ଜୀବନ ଆଦର୍ଶକୁ ଗ୍ରହଣ କଲେ ଆମ ଜୀବନ ମଧ ସାର୍ଥକ ହୋଇପାରିବ । ଜୀବନର ଅନ୍ତିମ ସମୟ ସେ ଆଧ୍ୟାତ୍ମିକ ଜୀବନ ଯାପନ କରିଥିଲେ । ପଣ୍ଡିଚେରୀ ଚାଲିଯାଇ ଯୋଗ ସାଧନା, ବେଦ, ଉପନିଷଦ ଅଧ୍ୟୟନ ଏବଂ ଆଲୋଚନାରେ ସମୟ ଅତିବାହିତ କରିଥିଲେ । ୧୯୫୦ ମସିହା ଡିସେମ୍ବର ୫, ରାତ୍ର ୧.୨୦ ମିନିଟ୍ ସମୟରେ ୭୮ ବର୍ଷ ବୟସରେ ମହାଯୋଗୀ ଦେହତ୍ୟାଗ କରିଥିଲେ ।


ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ଶିଶୁରୋଗ ବିଭାଗ, ଫକୀରମୋହନ
ମେଡ଼ିକାଲ କଲେଜ, ବାଲେଶ୍ୱର


# ଭାରତୀୟ ସମ୍ବିଧାନ ଗୃହୀତ



୧୯୪୯ ନଭେମ୍ବର ୨୬ ତାରିଖରେ ସମ୍ବିଧାନ ସଭାରେ ଭାରତୀୟ ସମ୍ବିଧାନ ଗୃହୀତ ହୋଇଥିଲା। ସମ୍ବିଧାନ ପ୍ରଣେତା ବି.ଆର ଆମ୍ବେଦକର ସମ୍ବିଧାନ ସଭାରେ ଏହି ଚିଠା ଆଗତ କରିଥିଲେ। ସେପ୍ଟେମ୍ବର ୨ରେ ଅନ୍ତରୀଣ ସରକାର ଗଠନ କରାଯାଇଥିଲା। ଡିସେମ୍ବର ୯ରେ ସମ୍ବିଧାନ ସଭାର ପ୍ରଥମ ଅଧିବେଶନ ବସିଥିଲା। ଏଥିରେ ୨୦୭ ସଦସ୍ୟ ଯୋଗଦେଇଥିଲେ। ୧୯୪୭ ପ୍ରାରମ୍ଭରେ ସମ୍ବିଧାନ ସଭାରେ ମୁସଲିମ୍ ଲିଗ୍ ଓ ଅନ୍ୟ ସ୍ୱାଧୀନ ରାଜ୍ୟର ପ୍ରତିନିଧିମାନେ ଯୋଗ ଦେଇଥିଲେ। ୧୯୫୦ ଜାନୁଆରୀ ୨୬ରେ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା। ଏହି ଦିନକୁ ସାଧାରଣତନ୍ତ୍ର ଦିବସ ଭାବେ ଦେଶରେ ପାଳନ କରାଯାଉଛି। ସେହି ସମ୍ବିଧାନ ସଭା ପରବର୍ତ୍ତୀ ସମୟରେ ପାର୍ଲାମେଣ୍ଟର ରୂପ ନେଇଥିଲା। ସମ୍ବିଧାନ ଅନୁସାରେ ୧୯୫୨ରେ ପ୍ରଥମ ନିର୍ବାଚନ ପରଠାରୁ ପାର୍ଲାମେଣ୍ଟାରୀ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି।

ତେବେ ବିଶ୍ୱର ସବୁଠାରୁ ବଡ଼ ଗଣତାନ୍ତ୍ରିକ ଦେଶର ହସ୍ତ ଲିଖିତ ସମ୍ବିଧାନ ନିଜେ ଏକ ଆଶ୍ଚର୍ଯ୍ୟ। ତେବେ ଆଉ ଏକ ରୋଚକ ଘଟଣା ଆମେ ଏଠାରେ ଉପସ୍ଥାପନ କରୁଛୁ। ଅନେକ ହୁଏତ ଜାଣିନଥିବେ ଛତିଶଗଡ଼ ବସ୍ତର ଜିଲ୍ଲା ଅନ୍ତର୍ଗତ ବୁରୁଙ୍ଗପାଳ ଗ୍ରାମରେ ଭାରତୀୟ ସମ୍ବିଧାନର ମନ୍ଦିର କରାଯିବା ସହ ଏହାର ପୂଜା କରାଯାଉଛି। ୧୯୯୬ ଡିସେମ୍ବର ୨୪ରୁ ଗ୍ରାମବାସୀ ଏହି ମନ୍ଦିରକୁ ପ୍ରତିଷ୍ଠା କରିବା ସହ ଛଅଫୁଟ ଉଚ୍ଚ ଓ ଦଶଫୁଟ ଚଉଡାର ଏକ କାନ୍ଥରେ ଭାରତୀୟ ସମ୍ବିଧାନରେ ଅନୁସୂଚୀତ ଅଞ୍ଚଳ ପାଇଁ ଗ୍ରାମସଭାର ଶକ୍ତି ଆଦି ସମ୍ପର୍କିତ ତଥ୍ୟ ମଧ ଲିଖିତ ରହିଛି। ସେହିଭଳି ହିମାଚଳ ପ୍ରଦେଶର କୁଲୁ ଅନ୍ତର୍ଗତ ମଲାଣା ଗ୍ରାମରେ ରହିଛି ସମ୍ବିଧାନ ଦିବସର ସ୍ମୃତି। ଏଠାରେ ଗ୍ରାମବାସୀମାନେ ସ୍ୱତନ୍ତ୍ର ଭାବେ ଏକ ସଂସଦ ପ୍ରତିଷ୍ଠା କରିବା ସହ ଏହି ଗାଁକୁ ଛୋଟ ଗ୍ରୀସ ଭାବେ ସମସ୍ତେ ଜାଣନ୍ତି। ବିଶ୍ୱର ସବୁଠାରୁ ବଡ଼ ଗଣତାନ୍ତ୍ରିକ ଦେଶ ପାଇଁ ଆମ ସମସ୍ତଙ୍କ ଭିତରେ ଗଣତନ୍ତ୍ର ପ୍ରତି ଭଲ ପାଇବା ଓ ଗଣତନ୍ତ୍ରକୁ ସମ୍ମାନ ଦେବା ପାଇଁ ପ୍ରତିବଦ୍ଧତା ବୃଦ୍ଧି ପାଇବା ହେଉଛି ଆଜିର ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ।


+ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ,


# ମୋଦି ସରକାରଙ୍କର ୭୦ ବର୍ଷରୁ ଉର୍ଦ୍ଧ୍ୱ ଯୋଜନା



### ସୁବ୍ରତ କର

ଏହି ଯୋଜନାଟି କାର୍ଯ୍ୟକାରୀ ହେଲେ ପ୍ରାୟ ୬ କୋଟିରୁ ଉର୍ଦ୍ଧ୍ୱ ସମସ୍ତେ ଲାଭବାନ ହୋଇପାରିବେ । ଯୋଜନାଟି ହେଲା ସ୍ୱାସ୍ଥ୍ୟ ବୀମା । ଏହାର ପରିମାଣ ହେଲା ପ୍ରାୟ ୫ଲକ୍ଷ ଟଙ୍କା । ଯେ କୌଣସି ପୁରୁଷ ହେଉ ବା ସ୍ତ୍ରୀ ୭୦ ବର୍ଷରୁ ଉର୍ଦ୍ଧ୍ୱ ହେବା ମାତ୍ରେ ଯେ କୌଣସି ରୋଗରେ ପିଡ଼ିତ ହେଲେ ତାର ଖର୍ଚ୍ଚ ବାବଦକୁ ଇନସୁରେନ୍ସ କମ୍ପାନୀ ପାଖରୁ ପାଇ ପାରିବେ । ଯଦି ଏହା ଲାଗୁ ହୁଏ ତେବେ ପ୍ରଚାର ଲୋକେ ଏହାର ସୁବିଧା ପାଇବାର ହକଦାର ହେବେ । ପରିଣତ ବୟସରେ ରୋଗ ବେଶି ମାଡ଼ି ବସେ ଏବଂ ଆଜିକାଲି ସାହାରା ଦେବା ପାଇ ଲୋକଙ୍କର ଅଭାବ ଶେଷ ଆଡ଼କୁ ସମ୍ବଳର ଅଭାବ ମଧ ହୁଏ। ଆମ ଦେଶର ଏଭେରେଜ ବୟସ (ବଞ୍ଚିବାର) ହେଉଛି ୭୦ ବର୍ଷ । ଏହା ଉପରେ ଯେଉଁମାନେ ବଞ୍ଚି ରହନ୍ତି ସେମାନଙ୍କୁ ଭଗବାନ ସାହାରା। ଆପଣଙ୍କ ପାଖରେ ପଇସାର ତାକତ୍ ଥାଇପାରେ ତଥାପି ଏହି ସମୟର ସାହାଯ୍ୟ କରିବାର ଲୋକ କମି ଯାଆନ୍ତି । ନିୟମ ସରକାର ବହୁତ କିଛି କରିଛନ୍ତି କେମିତି ଡାକ୍ତରମାନେ ମାନଙ୍କର ଏମାନଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି, ଠକଙ୍କକୁ ଗଲେ ଆପଣଙ୍କୁ ବ୍ୟାଙ୍କ ଲୋକେ ଆପେ ସାହାଯ୍ୟ କରିବା କଥା, ଥାନାକୁ ଗଲେ ପୁଲିସ ବାବୁ ମାନେ ଆପେ ଆପଣଙ୍କ କଥା ଶୁଣିବେ ଇତ୍ୟାଦି ଇତ୍ୟାଦି । ସତରେ ଏଗୁଡ଼ିକ କଣ ହେଉଛି ? କେହି କହନ୍ତି ନାହିଁ କୁଡ଼ାକୁ ଆଗରେ ଛାଡ଼ି ଦେ । କାଗଜ, କଲମ ପାଇଁ ସବୁ ଠିକ୍ ଅଛି । ମୋର କହିବାର କଥା ଯଦି ଏହି ସ୍ୱାସ୍ଥ୍ୟ ବିମା ଲାଗୁ କରିବାକୁ ଯାଉଛନ୍ତି ତେବେ ଦେଖିବା ଉଚିତ ଲୋକ ମାନେ ସୁବିଧାରେ ଏବଂ ସହଜରେ ଏହାକୁ ପାଇ ପାରିବେ। ଆମ ଦେଶରେ ଯେତେ ପ୍ରକାରର ଯୋଜନା ସରକାରଙ୍କ ତରଫରୁ ହୋଇଛି ସବୁଥିରେ ମଧ୍ୟସ୍ଥି ମାନେ କାମ କରନ୍ତି । ବିଶେଷ କରି ଏଇ କ୍ଷେତ୍ରରେ ଯେଉଁ ଲୋକଟି ରୋଗାଗ୍ରସ୍ତ ହୋଇଥିବ ଏବଂ ତାଙ୍କ ପାଖରେ ଟଙ୍କା ନଥିବ ଏବଂ ଶୀଘ୍ର ଅସ୍ତ୍ରୋପଚାରର ଦରକାର ଥିବ ଏମିତି ସୁବିଧାର ବ୍ୟବସ୍ଥା ରହିବା ଉଚିତ, ଠିକ ମୋ କମ୍ପାନିଠାରେ ବିଲ ଥୁଆ ହେବ ଏବଂ ଟଙ୍କା ମିଳିବ । ଯେମିତି ରୋଗୀ ସେବାରେ ଅସୁବିଧା ନ ଉପୁଜେ । ଏତେ କଥା କହିବାର ଉଦ୍ଦେଶ୍ୟ ହେଉଛି ଏହି ଯୋଜନା ଦ୍ୱାରା ଲୋକେ ହଇରାଣ ହରକତ୍ ନ ହୁଅନ୍ତୁ ଏବଂ ଠିକ୍ ସମୟରେ ଟଙ୍କା ମିଳୁ, ତେବେ ଯୋଜନାଟି ଫଳପ୍ରଦ ହୋଇ ପାରିବ ।

> ନିୟମ ସରକାର ବହୁତ କିଛି କରିଛନ୍ତି କେମିତି ଡାକ୍ତରମାନେ ମାନଙ୍କର ଏମାନଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି, ଠକଙ୍କକୁ ଗଲେ ଆପଣଙ୍କୁ ବ୍ୟାଙ୍କ ଲୋକେ ଆପେ ସାହାଯ୍ୟ କରିବା କଥା, ଥାନାକୁ ଗଲେ ପୁଲିସ ବାବୁ ମାନେ ଆପେ ଆପଣଙ୍କ କଥା ଶୁଣିବେ ଇତ୍ୟାଦି ଇତ୍ୟାଦି । ସତରେ ଏଗୁଡ଼ିକ କଣ ହେଉଛି ? କେହି କହନ୍ତି ନାହିଁ କୁଡ଼ାକୁ ଆଗରେ ଛାଡ଼ି ଦେ । କାଗଜ, କଲମ ପାଇଁ ସବୁ ଠିକ୍ ଅଛି । ମୋର କହିବାର କଥା ଯଦି ଏହି ସ୍ୱାସ୍ଥ୍ୟ ବିମା ଲାଗୁ କରିବାକୁ ଯାଉଛନ୍ତି ତେବେ ଦେଖିବା ଉଚିତ ଲୋକ ମାନେ ସୁବିଧାରେ ଏବଂ ସହଜରେ ଏହାକୁ ପାଇ ପାରିବେ।

ଏ ପର୍ଯ୍ୟନ୍ତ କୁହା ହୋଇଛି ଯେ ଯେକୌଣସି ଲୋକେ ସ୍ତ୍ରୀ ହେଉ ବା ପୁରୁଷ ଏବେ ସେ ଯେତେ ରୋଜଗାର କରୁ ସେ ଯୋଜନାର ସୁଫଳ ପାଇ ପାରିବ। ଏଇଠି ପୁଣି ପ୍ରଶ୍ନ ଆସିଛି ଯଦି ଟାଟା ବଞ୍ଚି ଥାଆନ୍ତେ ତେବେ ସେ କ'ଣ ଏହି ଯୋଜନାର ଭାଗିଦାରୀ ହୋଇ ଥାଆନ୍ତେ। ଏଇଠି ସରକାରଙ୍କୁ ବହୁତ ଦେଖି ଚାହିଁ ଯୋଜନା ତିଆରି, କରିବାର ଅଛି ତେବେ ଅତି ଶୀଘ୍ର ଲାଗୁ ହେବାପାଇଁ ଯଯାଉଥିବା 'ସ୍ୱାସ୍ଥ୍ୟ ବିମା' ଯୋଜନାର ଫଳ ଲୋକଙ୍କ ପାଖରେ ପହଞ୍ଚି ପାରିବ।




## ସ୍ମୃତିରେ ସ୍ମୃତିରେ

### ନିରଞ୍ଜନ ସାହୁ

ସ୍ମୃତିରେ ସ୍ମୃତିରେ ସ୍ମୃତି ବିଭୋର ମୁଁ
ଅତୀତକୁ ଦେଇ ଦୃଷ୍ଟି
ବର୍ତ୍ତମାନ ଠାରୁ ସୁନ୍ଦର ଲାଗଇ
ଅତୀତର ସେହି ସୃଷ୍ଟି ।
ମନେପଡ଼େ ସେହି ହଜିଲା ଅତୀତ
ସ୍ମୃତି ବୋଲା ପିଲାଦିନ
ଆଜି ସେହି ଦିନ ଚାଲି ଯାଇଅଛି
ରହିଅଛି କିନ୍ତୁ ଚିହ୍ନ
ସ୍ମୃତି ଜଡ଼ସଡ଼ ଜୀବନ ଭିତରେ
ଲୁହ ହୋଇଯାଏ ବୃଷ୍ଟି ।
ବର୍ତ୍ତମାନ ଠାରୁ ଭବିଷ୍ୟତ ଯାଏ
ଲାଗୁଥାଏ ଅନାଗତ
ଅତୀତର ଯାହା ମନେପଡ଼ିଯାଏ
ଘଟଣାଗୁଡିକ ସତ
ସେହି ଘଟଣାର ମଧୁର ମୁହୂର୍ତ୍ତ
ଦେଇଥାଏ ମୋତେ ତୁଷ୍ଟି ।
ଅମାନିଆ ମନ କଦାପି ବୁଝେନା
ବର୍ତ୍ତମାନ ପରିସ୍ଥିତି
ଅତୀତଟା କିନ୍ତୁ ସୁନ୍ଦର ଲାଗଇ
ହୃଦୟ ପାରିଛି ଜିତି
ମନଟାକୁ ଟାଣ କରିବି ଏମିତି
ଯେମିତିକି ଦୃଢ଼ ମୁଷ୍ଟି ।


+ ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩


## ତୋ ପ୍ରେମ

### ରମାକାନ୍ତ ଦାସ

ତୋ ପ୍ରେମ
ଏବେ ବି ମତେ ଦ୍ୱନ୍ଦରେ ପକାଏ
ଭାବନା ରାଇଜେ
ଏକା ଛାଡ଼ି ଚାଲିଯାଏ
ତୋ ମୋ ଭିତରେ ଥିବା ଏ ଦୂରତା
ପ୍ରତିମୁହୂର୍ତ୍ତରେ ମତେ କଷ୍ଟଦିଏ
ନାଁ ତତେ ପାଇହୁଏ
ନାଁ ତତେ ଭୁଲିହୁଏ
ତୁ ଦେଇଥିବା ବିରହ ଯନ୍ତ୍ରଣା
ମୁଁ ନିତି ସାଉଁଟୁ ଥାଏ
ତୋ ଭାବନା କାରାଗାରରେ
ବନ୍ଦୀ ହୋଇ
ମୁଁ ନିତି ଭୋଗୁଥାଏ ତତେ
ହରେଇବାର ଦଣ୍ଡ
ହଜାର ହଜାର ଟୋପା ଲୁହ ମୋର
ନଈ ପରି ବହିଯାଏ
ମୋ ଏକଲାପଣ ,
ମୋ ଅତୃପ୍ତିର ମୁହୂର୍ତ୍ତ
ମତେ ତୋ ଛଳନା
ଫାଶରେ ବାନ୍ଧିଦିଏ।
ତୋ ଭାବନାରେ
ଛଟପଟ ହୁଏ ମୋ ଅବୁଝା ମନ
ରହେନାହିଁ ସେ ଆୟତ୍ତରେ
ଫୁରସତ୍ ପାଏନାହିଁ
ସେ ତୋ ଭାବନାରୁ
ତୋ ବିରହ ନିଆଁରେ
ବାରମ୍ବାର ଜଳିଲେ ବି
ଏ ମନ କେବେ ବୁଝେନାହିଁ
ଆଖି ବନ୍ଦକଲେ ଦିଶିଯାଏ
ତୋର ସେ ହସ ହସ ମୁହଁ
ତତେ ଖୋଜି ଖୋଜି
ନପାଇ ମୁଁ ଥକିଯାଏ
ମୋ ମନର ରୁଦ୍ଧ ଘୋଷ
ପାଇବାକୁ ଚାହେଁ
ତୋ ଅଭୁଲାସ୍ପର୍ଶ
ତୋ ସ୍ମୃତିର ସେ ଲମ୍ବାର ରାସ୍ତାରେ
ବାରମ୍ବାର କଷ୍ଟର ଆଘାତ ପାଇଲେ ବି
ତଥାପି ସେ ତୋ
ଅପେକ୍ଷାରେ ରହିଥାଏ।


+ନନ୍ଦିଗ୍ରାମ , ନାଉଗାଁ,
ଜଗତସିଂହପୁର
ମୋ - ୯୬୬୮୮୧୫୩୬୯


## କାବ୍ୟନାୟିକା

### ନୀଳାମ୍ବର ପଣ୍ଡା



ମୋ ଲେଖନୀୟ ମନସ୍କତାର-
କାବ୍ୟକଳା କଳ୍ପନାର
ନାୟିକା ସେ ଅନୁରକ୍ତା
ସହଗାମିତା
ଯୋଗସୂତ୍ରେ ତା ସମ୍ପର୍କ
ଯୁଗଯୁଗାନ୍ତର'ର
ଭାବଗତେ ଏକାନ୍ତ ଆତ୍ମାର ।

ଅପହଞ୍ଚ ତା ଠାବ-ଠିକଣା
କାହିଁ ଦୂରଦୂରାନ୍ତର
ଅଜ୍ଞାତ ପ୍ରାନ୍ତର
ସେ ଅଦେହୀ ଅମୂର୍ତ୍ତ
ଆସିଯାଉଥାଏ ମୋ'ଠି
ନିତ୍ୟନୈମିତ୍ତିକ
ଅଦୃଶ୍ୟେ/ନିସ୍ତବ୍ଧେ ତ୍ୱରିତ ।

ତା ସାନ୍ନିଧ ସଂସ୍ପର୍ଶନ
ଖୁବ୍ ଅନ୍ତରଙ୍ଗ ମଧୁରିତ
ମୁଁ ତାକୁ ଆପନାକରେ
ହୃଦ୍ୟତାର ଭାବଗ୍ରନ୍ଥିରେ
ମନୋଗତ ଶାବ୍ଦିକ ସନ୍ଧିରେ
ଆବୋରି ନିଏ ଐକାନ୍ତିକେ
ମୁଗ୍ଧାନ୍ୱିତ ଭାବାଭିଭୂତରେ ।

ମୋ ଭାବୁକ ଚିନ୍ତନର
ଅସ୍ଥିଗ୍ରନ୍ଥିରୁ ନିଃସୃତ ଭାବରସରେ-
ଝରାୟିତ ଶାବ୍ଦିକ ରଙ୍ଗରେ-
ରଞ୍ଜେଇ ଦିଏ ତା ରୂପକଳ୍ପକୁ
ମନୋମତ ଏକ କବିତା ଆକୃତିରେ
ରଚନୀୟ ଚେତନାର ସ୍ୱକୀୟ
ଢଙ୍ଗରେ ।

ମୋର ସବୁତକ କାର୍ବ୍ୟିକ ନିର୍ଯ୍ୟାସ
ଉଜାଡି ଦିଏ ତା'ଠି
ସେ ହୁଏ ବିଭୂଷିତା ସୁଶୋଭିତା
ସରସିତ ଶବ୍ଦାଳଙ୍କାରରେ-
ଯଥୋଚିତ ଭାବାବରଣରେ-
ବୋଧଗମ୍ୟ ଭାଷା ଏବଂ
ସୁବିନ୍ୟସ୍ତ/ସଜ୍ଜିତ ଶୈଳୀରେ ।

ଭିନ୍ନଭିନ୍ନ କବିତାର ଭାବଧାରା-
ଭାବବୋଧ ତାତ୍ପର୍ଯ୍ୟାନୁସାରେ
ପଠନୀୟ ଯୋଗ୍ୟତା ଭିତ୍ତିରେ
ହୋଇଥାଏ ରୂପାୟିତ ବିବିଧ ରୂପରେ

ପ୍ରେମ/ରମ୍ୟ/ରସାତ୍ମକେ
ଉଚ୍ଛୁଳା ଛଇଳା ସେ ରସବତୀ
ଦୁଃସ୍ଥିତରେ ଲୁହବତୀ
କାରୁଣ୍ୟେ ନିର୍ମାଖି
ଅନାୟତେଃ ଅଗ୍ନିମୁଖୀ/ବିଦ୍ରୋହିଣୀ
ସୃଜନାର୍ଥେ ମଙ୍ଗଳଦାୟିକା ଓ
କଲ୍ୟାଣାର୍ଥେ ବାର୍ତ୍ତାବାହୀ ପଥପ୍ରଦର୍ଶିକା ।

ଲିପିବଦ୍ଧ ବିଷୟୀଭୂତର
ଭାବାର୍ଥବୋଧରେ
ତା ସର୍ବାଙ୍ଗୀଣ ପରିପୂର୍ଣ୍ଣତାରେ
ସେ ହୁଏ ପାଠ୍ୟୋପଯୁକ୍ତତା
ପାଠକର ହୃଦୟହାରିତା ।


+୭ କୋକିଲା କୋଟେଜ
ଭୁବନେଶ୍ୱର- ୭୫୧୦୦୨

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୨୬ ନଭେମ୍ବର ୨୦୨୪, ମଙ୍ଗଳବାର

# କବିତାମାଳା

## ପଳାତକ
### ହେମନ୍ତ ସାହୁ



ଜାଣି ନ ଥିଲି
ଚିନାବାଦାମ ପରି ଏଠି ଚୁଟକି ଯାଏ ସ୍ୱପ୍ନ,
ବେକ ରେ ପଘା ଧରି
ବାଛୁରୀ ଦଉଡ଼ି ଯାଏ ଦ୍ୱାଦଶ ଯୋଜନ ।
ଜାଣି ନ ଥିଲି ସୁଖମାନେ
ଉଛନା ରୁ ନିଥିରି ପଡନ୍ତି କାକର ସହ,
ଲହଁପେଇ ଦିଏ ହାତ, ପାପୁଲି ରେ ବୁନ୍ଦେ
ବି ପଡେନି ଲୁହ ।

ତୋତେ ଦେଖେଇ ପାରି ନ ଥିବା
କୋହ ସବୁ, ସେଦିନ ମଧ୍ୟରାତିରେ
ଆପଣା ଛାଏଁ, ଓହ୍ଲେଇ ଆସିଲେ
ମନ ଆକାଶର...ଅନେକ ଅନୁଭବ
ଝରିଗଲେ ଲୁହ ହେଇ, ମୋତି ପରି ନିରୀହ
ଦୁଇ ଆଖିରୁ ।

ତୁ ମୋର ସୁଖ ସଚରାଚର
ତୁ ମୋର ଧାରେ ହସ, ପ୍ରାପ୍ତି ର
ତୁ ମୋର ଛାତିରେ ଲଟକି ରହିଥିବା
ମୋ ଜୀବନ ନାଟିକା
ଏବେ ନିଜ ଭିତରେ ନିଜକୁ ଖୋଜେ
ଏକା ଏକା ।

ତେତିଶ ବର୍ଷ ତଳେ ଦେଇଥିବା
ମନ, ଆଉ ତୋ ପାଖରୁ ଫେରି ନାହିଁ
ତୋ ପାଖ ରେ ହିଁ ଥାଉ ସାରା ଜୀବନ ।
ଦିନେ ମୋ ସହିତ ମୋତେ ଭେଟ କରିଦେଲା
ତୋତେ ପାଇ ନ ଥିବା ମୋର ଏକ୍ଲାପଣ
ଏବେ କହ ଏଥିରେ ମୋର ଦୋଷ କଣ ? ?

ତୋର ଡାହାଣ ପାଦର ନଖ ଠାରୁ
ତୋ କପାଳ ଯାଏଁ,
ତୋର ଯୋଉ ଧମନୀରେ ରକ୍ତ ଧାଏଁ
ତୋର ଯୋଉ ମୟୂର ପାଦ ଗତି
ତୋର ନୀଳ ମେଘର ଦୁଇ କଥା କୁହା ଆଖି,
ତୋର କୋଇଲି ଠାରୁ ମିଠା ସ୍ୱର, ଘନ
କେଶ, ସ୍ମିତ ହସ
ତୋର ବିଶାଳ ସମୁଦ୍ର ସମ ଛାତି
ଯେତେ ଚାହିଁଲେ ବି ଶବ୍ଦ କମ୍

ତୁ ତ ଗୋଟେ ମହାକାବ୍ୟ...
ତୋତେ ବର୍ଣ୍ଣିବି କେମିତି ?

ତୁ ଥାଉ ବୋଲି ମୋ ପାଖେ ପାଖେ
ମୁଁ ବଞ୍ଚିଛି ମହା ସୁଖେ
କେବଳ ଏତିକି ଚାହେଁ
ତୁ ଥା ପାହାଡର ଶିଖେ
ଶୀର୍ଷରୁ ଶୀର୍ଷତର ହେଉ ତୋର ଯାତ୍ରା,
ସଫଳତା ଚୁମୁଥାଉ ତୋର ପାଦ,
ତୁ ସଭିଙ୍କ ଛାତିକୁ କରିଯା ଭେଦ ।

ତୋତେ ଦେଇ ପାରିନଥିବା ଚୁମା ସବୁ,
ପ୍ରତି ରାତିରେ ମୋତେ
ଶୂଳୀ ଉପରେ ବସାଇ
କରନ୍ତି ହତାଦର...
ମୋର ଜୁଆନ ବେଳର ସବୁ ଆଗ୍ରହ
ଗାଁ ଖୁଲିରେ କିନ୍ଦ୍ରି କିନ୍ଦ୍ରୀ
ତୋ ପାଖରେ ହାଜର ।
ତୁ ମୋର କେବେ ସରୁ ନଥିବା ଗୋଟେ
ମହାଗପ, ସଙ୍କଟ ବେଳେ ତୁ ହିଁ ମୋର
ଦେବୀ ରୂପ, ମୁଁ ଜନ୍ମ ତୁ ମୋର ଜାତକ
ତୋତେ ନ ପାଇ ବି ପାଇବାର ଅନୁଭବ
ମୋତେ କରି ପାରିନି ପଳାତକ ।

+ ରେଗଡା, ଏମ.ରାମପୁର, କଳାହାଣ୍ଡି
ମୋ:-୭୭୩୫୫୯୦୪୯୬

## ଲାବଣ୍ୟବତୀ
### ବେଣୁଧର ସୂତାର



ତୁମେ କିଗୋ ସେଇ ନିର୍ଜନ ନିଶିର
ସ୍ୱପ୍ନମୟୀ ପ୍ରୀତିଛନ୍ଦା
ତୁମେକିଗୋସେଇ ପ୍ରୀତିନଗରୀର
ଅଳସୀ ଅଳକାନନ୍ଦା ।

ତୁମେ କି ଗୋ ସେଇ ପୀଆସି ଅନ୍ତର
ରସ ମାଧୁର୍ଯ୍ୟର ଧାର
ତୁମେ କିଗୋ ସେଇ
କବି ଲେଖନୀର
ମୂର୍ଚ୍ଛନାର ମଧୁ ସୁର ।

ତୁମେ କିଗୋ ସେଇ ନୀଳଗଗନର
ଜ୍ୟୋସ୍ନା ଭିଜା ନୀଳ ଜହ୍ନ
ତୁମେ କିଗୋ ସେଇ ପୁଷ୍ପବାଟିକାର
ବାସ୍ନା ବିଭୋର ମନ ।

ତୁମେ କିଗୋ ଦୂର ପ୍ରାଚୀଲଲାଟର
ଉଦିତ ଅରୁଣ ଆଭା
ତୁମେ କିଗୋ ଏଇ ଚାରୁ ପ୍ରକୃତିର
ଫୁଲେଫୁଲେ ରଙ୍ଗ ସଭା ।

ତୁମେ କିଗୋ ସେଇ
ଚୋରା ଚଇତିର
ଜ୍ୟୋସ୍ନା ଜୁଆର ରାତି
ତୁମେ ଶୃଙ୍ଗାରର ସ୍ୱପ୍ନ ମଧୁ ମାସ
ଫୁଲ ଫଗୁଣର ପ୍ରୀତି ।

ତୁମେ କିଗୋ ସତେ
ଚାରୁ ଗୋଧୂଳିର
ଚୋରାଚୋରା ସମ୍ମୋହନ
ତୁମେ କିଗୋ ପ୍ରୀତି କୁହୁକ ପୁରୀର
ସପନର ଫୁଲ ବନ ।

ତୁମେ କିଗୋ ପ୍ରୀତି ଛଳଛଳ ଢେଉ
ବିଶ୍ୱାସର ସୁଧା ମାଖି
ଫୁଟାଇଛ ମନ ମରୁ ଅଙ୍ଗନେ
ରୂପର ସୂରୁଜମୁଖି ।

ତୁମେ କିଗୋ ସତେ କନକଚମ୍ପାର
ମାଦକିତ ମୃଦୁ ହାସ
ତୁମେ କିଗୋ ମଧୁଝରା ଯାମିନୀର
ଝରା ଶେଫାଳିର ବାସ ।

ତୁମେ କିଗୋ ନୀଳ ସାଗର ବୁକୁର
ପ୍ରୀତି ଶାମୁକାର ମୋତି
ତୁମେ କିଗୋ ସେଇ ରମ୍ୟକ ଦୀପର
ଲଳିତ ଲାବଣ୍ୟବତୀ ।

ତୁମେ କିଗୋ ପ୍ରୀତି ଅଳକାପୁରୀର
ଚାରୁ ହାସୀ ଲାସ୍ୟମୟୀ
ତୁମେ ନୀଳପରୀ ଅମିୟ ଅଧରୀ
ଚମକା ଅ ମର୍ତ୍ତ୍ୟ ଭୂଇଁ ।।

♥କେଶଦୁରାପାଳ, କେନ୍ଦୁଝର
ମୋ: ୯୧୭୮୫୬୮୨୪୬

## ଆଶା
### ସୌଦାମିନୀ ପଣ୍ଡା



ଗହଳି ଭିତର ରାସ୍ତା ଦେଇ
ଆଗକୁ ନିଜକୁ ନେଇ ଯିବାର ଆଶା,,
କେତେ ମାନ ଅଭିମାନ ପରେ ବି
ଆଶା ଥାଏ ବାନ୍ଧିବା ପାଇଁ ଏକ ବସା,,

ଜୀବନର ଅର୍ଥ ବୁଝିବା ସମୟରେ
ମିଳେ, ସେ ଜୀବନର ଏକ ପରିଭାଷା,,

ମୁଦ୍ରାର ଥିବା ଦୁଇ ପାର୍ଶ୍ୱ ପରି
ଏହା ସୁଖ ଦୁଃଖର ଏକ ଭାଷା,,

ଲଗାମଛଡା ହୋଇ ଘୁରି ବୁଲୁଥିବା ବେଳେ
ତାଗିତ କରିବା ପାଇଁ ଏକ ମଣିଷର ଆଶା,,

ଜୀବନରେ ଆସିଥିବା ସବୁ ନିରାଶ ପରେ
ମଧ୍ୟ
ମନରେ ରହିଥାଏ ପୁଣି ଜିତିବାର ଏକ
ଆଶା,,,

♥ବରିହାପାଲି (ପଦ୍ମପୁର )
ବରଗଡ

## ପ୍ରତିଧ୍ୱନି
### ଡ଼. ସତ୍ୟ ନାରାୟଣ ମିଶ୍ର

ମୁଁ ଯେବେ ପାରେନି ତୋଳି
ବାଣୀ, ସ୍ୱର, ତାଳ, ଲୟ ପୁଣି
ତୁମେଗୋ ଚହଟ ଚମ୍ପା
ସୁଗନ୍ଧ ବୁହାଅ ଆଣି, ତୋଳି ଧ୍ୱନି, ତୁମେ
ପ୍ରତିଧ୍ୱନି ।

ଆଶା ମୁଁ ହରାଇ ଦିଏ ଯେବେ
ହୁଏ ନିସ୍ୱ, ନିରାଶ୍ରୟ, ହତ୍ୱାକ
ତୁମେ ଥାଅ କେଉଁଠି ଜାଣେନି
ସ୍ୱର ତୋଳି କେଉଁ କୋଣୁ ଦିଅ ଦମ୍ଭ,
ଜୀବନ ସରାଗ ।

ପାରାବାର କୁହେ କିଛି
ପଇସାଟି ପକାଇଲେ ଫେରିଆସେ କୂଳେ
ତୁମେ କୁହ କ୍ରିୟା, ପ୍ରତିକ୍ରିୟା ଆମେ ଦୁହେଁ
ତୁ ଜଳିଲେ ସ୍ୱଚକ୍ଷୁରେ, ମୁଁ ବି ତ
ଲୁକ୍କାୟିତେ ଜଳେ ।

ତୁମେ କୁହ ତୋ ଛାତିର ବ୍ୟଥା
ମୁଁ ତ ଶୁଣାଇ କହେ ଦୁନିଆ ବି ଶୁଣୁ
କେହି କିଛି କରୁ ବା ନକରୁ ପ୍ରତିଦାନେ
ମୁଁ କହେ ଡରନା, ଡରନା ମୁଁ ତୋର
ପ୍ରତିଧ୍ୱନି ଯେଣୁ ।
ତୁମ ଛାଇ ଦେଖିନି ମୁଁ କେବେ
ନା ଦେଖିଚି ଶରୀରେ ବା ଶୂନ୍ୟେ
ଖୋଜିଲେ ମିଳନି ସିନା
ପାହାଡ଼ ସେପଟୁ ପାଟି କଲେ, ଉତ୍ତର କେ
ଦିଏ ଜଣେ ।

ମୁଁ ଛବି, ତୁମେ ପ୍ରତିଛବି
ତାଳିର ଉତ୍ତର ଦିଅ ତାଳି ରେ ଯେ ତୋଳି
ମନ୍ଦିର ଗମ୍ଭୀରା ଘରେ ଦେବତାର
ପ୍ରତିନିଧି ତୁମେ, କୁହ ମୁଁ ଅଛି ତୁ ଥିବା
ଯାଏ
ତୁ ଧ୍ୱନି, ମୁଁ ପ୍ରତିଧ୍ୱନି ।

♥ସି -୮୬, ଲିଙ୍ଗରାଜ ବିହାର,
ଭୁବନେଶ୍ୱର
ମୋ: ୯୯୩୮୧୬୭୩୩୧



## ଶୀତ...
### ଝୁମର ନାଥ ପାତ୍ର

ଶୀତ ଆସିଲାଣି କି ...
ହେଇ ତ
ଚା' ଦୋକାନ ଭିଡ଼ ବଢ଼ିଛି
ସୁଇଟର ଜାକେଟ ମଫଲର ପିନ୍ଧା
ମଣିଷ ସବୁ ଜମିଗଲେଣି
ଛକରେ ଚା' ସହ ଖରା ପିଇବାକୁ
ମାଗୁଣି ବୁଢ଼ା ଗାମୁଛାଟେ ଗୁଡ଼େଇ
ନାତିଆକୁ ଚାଦର ଗଣ୍ଠି ପକେଇ
ବାହାରିଛି ତା'ହାତ ଧରି ହାଟକୁ
ମଣିଷ ହାଟର ଦୃଶ୍ୟ ବି
ଶୀତୁଆ ଶୀତୁଆ
ମୂଳଚାଲ ପରେ ଯିବେ କାମକୁ
ଗରମ ହବାକୁ
ମେଞ୍ଚାଏ କୁଳି ନିଆଁ ପୋଇଁବାକୁ
ଧୁନି ଲଗେଇଲେଣି ଫାଙ୍କାରେ
ରେଜେଇ କମ୍ବଳ ବୋଧେ
ବାହାରିବଣି ବାବୁଙ୍କ ଟ୍ରଙ୍କରୁ
ମଗୁଶୁରରେ ମର୍ଣ୍ଣିଂ ଓ୍ୱାକଟା
ଜମିଲାଣି ଶୀତ ବାସରେ
ହେଲେ
ମୋ ଲୋମ ଠିଆ ହେଉନି
ଏଇ ମଗୁଶୁର ଜାଡ଼ରେ
ପରିବା ବଜାର ଉଷ୍ମମରେ ...।

♥ବାଲେଶ୍ୱର
ମୋ:୯୯୩୮୩୬୮୭୨୫



## ସମର୍ପଣର ସୁରଭି
### ଅନସୂୟା ପଣ୍ଡା



ଯେଉଁଠି ସମର୍ପଣ ଦ୍ୱିଧାହୀନ
ସେଇଠି ପ୍ରେମ କୋଟି ଲାବଣ୍ୟ
ସରସ ସୁନ୍ଦର ସ୍ନେହସିକ୍ତ ତପୋବନ
ସମ୍ପର୍କ ମନେ କରୁଥାଏ ଅମ୍ଳାନ
ନିଃସ୍ୱାର୍ଥରେ ବିଭୋର ମଧୁସ୍ନାନ ।

ସମର୍ପଣର ଭାବସ୍ପନ୍ଦିତ ମନ
ହସ୍ତ ଶ୍ରୀହସ୍ତ ହୋଇ ବ୍ୟାପେ ଗଗନ
ତିଆରେ ଅନୁପମ ସୌଭାଗ୍ୟ ସପନ
ଅକ୍ଲିଷ୍ଟରେ ବୋହି ଜଞ୍ଜାଳ ମହଣ ମହଣ
ପାରିକରେ ହିଂସ୍ରତାର ସହସ୍ର ସୋପାନ ।

ସମର୍ପଣ ରାଗିଣୀ ସ୍ୱକୀୟ ଭାବେ
ପଥରରେ ସତେ ଉଭାକରେ
ଭଗବାନ ମନର କାରାଗାରେ
ହରିନିଏ ନାଶି ନିଷ୍ଠୁର ନିୟତି
ଅସୁମାରୀ ଭୀତିପ୍ରଦ କାଳ ରାତି
ତିଆରେ ଶାନ୍ତିକ ଆଶ୍ୱସ୍ତିର ସୁରଭି ।

ଯେଉଁଠି ସମର୍ପଣ ନିର୍ବିବାଦର
ସେଇଠି ସଂଗମ ସାଗର ଓ ନଦୀର
ପ୍ରିତି ବନ୍ଧନ ଫୁଲ ଓ ପ୍ରଜାପତିର
ମୁକ୍ତିର ଆନନ୍ଦ ମୁକୁଳା ମୁହୂର୍ତ୍ତର
ମହାସ୍ନାନ ଅଦୃଶ୍ୟ ଅଭିଳାଷାର ।

ଯେଉଁଠି ପ୍ରାଣେ ପ୍ରାଣେ ସମର୍ପଣ
ସେଇଠି ସୁଗନ୍ଧ ସୁଖାନ୍ୱିତ ପରିତ୍ରାଣ
ଦ୍ୱେଷ ତ୍ରୁଟି ଲଜ୍ୟାର ନିବାରଣ
କ୍ଲିଷ୍ଟତାର ଅବ୍ୟର୍ଥ ଉପଶମ
ମୋହମୁକ୍ତ ଆତ୍ମା ସୁଚିକଣ
ଜୀବନ ନିଃର୍ଦ୍ୱନ୍ଦ ଶିହରଣ ।

ସମୟ ସବୁ ପୂଣ୍ୟ ସଂକୀର୍ତ୍ତନ
ଯେଉଁଠି ସମର୍ପଣ ବିଶ୍ୱାସନ
ଅଲୌକିକ ବଳୟଟିଏ ଦୀପ୍ୟମାନ
କରେ ସ୍ନିଗ୍ଧପଣେ ଶୋକର ନାଶନ
ଜୀବନ ଅନୁରାଗ ଆନନ୍ଦେ ମଗ୍ନ ।

♥ବୁର୍ଲା, ସମ୍ବଲପୁର,
ମୋ:୮୩୨୮୯୪୫୮୮୫

## ବର୍ଷା ବହୁ ଦୂରରେ
### ପ୍ରଶ୍ନ କୁମାର ଶତପଥୀ



ବର୍ଷା ଆସିବ ନାହିଁ,
ଆକାଶ ଏ କଥା କହୁଛି
କାରଣ ଆକାଶ ରହିଛି ନିର୍ମଳ,

ମେଘଙ୍କର ଦେଖାଦର୍ଶନ ନାହିଁ
ନୀଳ ବଗିଚାରେ,

ବାସ୍ତବ ଜଗତରେ
ବର୍ତ୍ତମାନ ଶୀତ ଓହ୍ଲାଇ ଆସିଛି
ଧବଳ କୁହୁଡ଼ି ଧରି,

ମାଟି ଉପରେ ଦଣ୍ଡାୟମାନ ହୋଇ
ବର୍ଷା ଆସିବାର
ଆଦୌ କଳନା କରାଯାଇପାରିବ ନାହିଁ...

♥ଦୁମାଡ଼ିହି, ଜାମଦା, ମୟୂରଭଞ୍ଜ

## ପ୍ରହେଳିକା
### ଅକ୍ଷୟ କୁମାର ରାଉତ



ସତ୍ୟ ଲୁଚିଯାଏ ଅନ୍ଧାର ଭିତରେ
ମିଥ୍ୟା ସାଜେ ପ୍ରହେଳିକା
ମିଥ୍ୟାର ଦୁଆରେ ସତ୍ୟ ହାତ ଯୋଡେ
ଜିଇଁବାକୁ ମାଗେ ଭିକ୍ଷା ।

ପ୍ରେମର ହାଟରେ ଗରାଖ ଙ୍କ ଭିଡ଼
ବୁଣେ ଛଳନାର ଇନ୍ଦ୍ରଜାଲ
ହୃଦୟରେ ଭରି କୁତ୍ସିତ ଭାବନା
ଚାଲେ, କିଣିବାକୁ ସ୍ୱଚ୍ଛ ମନ ।

ଦୁର୍ଯ୍ୟୋଧନ ଆଜି ଧର୍ମରାଜ ସାଜେ
ଅହଙ୍କାର ହୁଏ ସ୍ୱାଭିମାନ
ପଣ ପଣ ଏଠି ରାବଣଙ୍କ ସଂଖ୍ୟା
ଦେଶ ଆଜି ରାମ ଶୂନ୍ୟ

ଧର୍ମର ନାମରେ ଚାଲିଛି ବ୍ୟାପାର
ବାବା ଏଠି ମାଳ ମାଳ
ସବୁ ମୋହ ମାୟା ରହିବନି କାୟା
କହି, ବାବା କରୁଛନ୍ତି ଧନ ଠୁଳ ।

ଦ୍ରୌପଦୀ କଷଣ, ଜାନକୀ ହରଣ
ଯୁଗେଯୁଗେ ଏହି ନୀତି
ଦିନରେ ଭାଷଣ ରାତିରେ ଶୋଷଣ
ଏଇ ଆମ ନାରୀ ନୀତି ।

♥ବାଲକାଟି, ଆଳି, କେନ୍ଦ୍ରାପଡ଼ା

## ଅବସୋସ
### ଆଦ୍ୟାଶା ମହାପାତ୍ର



ଅବସୋସ ଗୋଟେ ହା-ହୁତାଶମୟ ଜୀବନର ପରିଚ୍ଛେଦ
ନିରାଶା ତ୍ରିଶଙ୍କୁ ଅସହାୟ ନେତ୍ରେ ଦୃଶ୍ୟାୟିତ ଅର୍ଦ୍ଧସ୍ୱର୍ଗ,
ଅବସୋସ ଗୋଟେ ମଉଳା ଶେଫାଳି ଅଶ୍ରୁ ସଜଳ ଗୀତି
ଝଡି ପଡି ନିତି ଧରଣୀ କୋଳରେ ଲୋଡୁଥାଇ ଚିରଶାନ୍ତି ॥

ଅବସୋସ ଗୋଟେ ବେସାହାରା ହୃଦ ଭଗ୍ନବୀଣାର ତାର
କ୍ଷୁଧିତ ପେଟର ନିଷ୍ପ୍ରଭ ଚାହାଣି ଲୋଡେ ପୂଣ୍ୟ ଉପଚାର,
ଅବସୋସ କେବେ ଉଭା ଅନାହୂତ ପ୍ରିୟାଦପି ପ୍ରିୟ ପଣେ
ଜୀଇଁବାକୁ ହୁଏ ମୃତ୍ୟୁ ଆବାହନ ସ୍ତୋତ୍ର ମନ୍ତ୍ର ଉଚ୍ଚାରଣେ ॥



ଅବସୋସ ଗୋଟେ ଦାଦନ ଶ୍ରମିକ ବେଦନା ବିଧୁର ଗାଥା
ଆଶା ଆକାଂକ୍ଷାର ଉଜୁଡା ସପନ ହୃଦେ ଅସୁମାରୀ ବ୍ୟଥା,
ଅବସୋସ ଗୋଟେ ଅବାଞ୍ଛିତ ଶିଶୁ ଅଝଟ ଆବେଗ ସ୍ୱର
ଦୁନିଆ ବୁକୁରେ ଦୁଃଖ କଷ୍ଟ ଭୋଗ ଚିର ସହଚର ଯା'ର ॥

ଅବସୋସ ଗୋଟେ ଅନୁଙ୍କା ଜୀବନ ତୁଠ ପଥରର ଭାଗ୍ୟ
ସଭିଏଁ ଭୋଗନ୍ତି ଉଣାଧିକ ନିଷ୍ଟେ ଧରି ଶେଷହୀନ ଧୈର୍ଯ୍ୟ ॥

♥ନୂଆପଡା, କଟକ

## ହସିଉଠେ ମନ ଭିତରେ
### ଶିଶିର କୁମାର ପଣ୍ଡା



ଯୁବା ବୟସରେ କେଳି କରୁଥିଲି
ପଡ଼ିଶା ଭାଉଜ ସାଥିରେ
ଭାରିଯାକୁ ଲୁଚି ସନିଆଁ ଭାଇର
ଘରେ ଗଲୁଥିଲି ରାତିରେ ।
ସିଏ ରାଜିଥିଲା ମୁଙଁ ରାଜିଥିଲି
ମୋ ପାଇଁ ସେ ନୂଆ କନିଆଁ
କାନରୁ କାନକୁ କଥା ଯାଇ ବୋଧେ
ଜାଣି ସାରିଥିଲା ସନିଆଁ ।
ଆଚ୍ଛାକରି ମତେ ପାନେ ଦେବବୋଲି
ଭାବୁଥିଲା ସିଏ ବସିକି
ହାତଗୋଡ଼ ବାନ୍ଧି ସେକିବ କୀଳାରେ
ଯୋଗାଡ଼ି ରଖିଲା ରସିକି ।
ସବୁକଥା ବୁଝି ସୁକୁଟି ଭାଉଜ
କହିଦେଲା ମତେ ଆଗରୁ
କେଳି କରୁକରୁ କୀଳା ନ ଖାଇକି
ବଞ୍ଚିଲି କଳଙ୍କ ଦାଗରୁ ।
ସେଇକଥା ଏବେ ମନେ ପଡ଼ିଗଲେ
ହସିଉଠେ ମନ ଭିତରେ
ଖରାପ ଭାବିବ ନାହିଁ କେହି ବନ୍ଧୁ
କହିଦେଲି ବୋଲି ଗୀତରେ ।

♥କୁଆଁସ, ମେରଦା କାଟିଆ, ଯାଜପୁର
ମୋ: ୮୯୮୧୭୩୭୨୨୮



## ବାଲିଯାତ୍ରା
### ସୁଶ୍ରୀ ସଙ୍ଗୀତା ସେଠୀ



ଓଡ଼ିଆ ମାଟିର ସ୍ୱର୍ଣ୍ଣିମ ଇତିହାସ ଫର୍ଦ୍ଦ
ବାଲିଯାତ୍ରା ବିଶ୍ୱକୁ ଜଣାଏ,
ଓଡ଼ିଆ ପୁଅଙ୍କ ନୌବାଣିଜ୍ୟ କିର୍ତ୍ତୀ
ଦରିଆ ସହ ଖେଳ କୌଶଳ ଦର୍ଶାଏ ।

ଦରିଆକୁ କରି କାବୁ ଓଡ଼ିଆ ସାଧବ ପୁଅ
ବିଦେଶ ବାଣିଜ୍ୟ କରି ଯାଏ,
ନୌଚାଳନାରେ କେତେ ପାରଙ୍ଗମ
ଦରିଆ ତାର ସାକ୍ଷୀ ହୁଏ ।

ଇଣ୍ଡୋନେସିଆ, ଜାଭା, ସୁମାତ୍ରା ଭଳି
ଦେଶେ
ସୁଖେ କିଣାବିକା ସାରେ,
ଧନରତ୍ନ ଘେନି ଓଡ଼ିଆ ମାଟିକୁ ପୁଣି
ସମୃଦ୍ଧ କରିବାକୁ ଫେରେ ।

ବିତିଯାଇଛି ସିନା ସେଦିନ ସମୁଦ୍ର ଗର୍ଭରେ
ହେଲେ ଲୁଚିନି ତାଙ୍କ ସେ ବୀରକୀର୍ତ୍ତି,
ତାଙ୍କରି ମହିମା ବିଶ୍ୱ ଦରବାରେ ଚିହ୍ନେଇ
ବାଲିଯାତ୍ରା ପରିଚୟ ଦିଏ ଭେଟି ।

ସମଗ୍ର ଏସିଆ ମହାଦେଶେ ବିରାଟ ବାଣିଜ୍ୟ
ମେଳା
ବାଲିଯାତ୍ରା ନାମେ ପ୍ରସିଦ୍ଧ ହୋଇଛି,
ଓଡ଼ିଆ ମାଟିର ଗୁଣଗାନ କରି ତା
ମହିମା ବାଣ୍ଟି
ବିଶ୍ୱକୁ ସେ ଏ ମାଟି ଆଉ ତା ସନ୍ତାନ
ପରିଚୟ ଦେଇଛି ।

♥ଯାଜପୁର
ମୋ: ୮୨୬୦୦୨୬୭୧୪

# ସମାଜଜ୍ୟୋତି ସେବା ସଙ୍ଘ ପକ୍ଷରୁ ପୂଜ୍ୟପୂଜା ଉତ୍ସବ

କୋରେଇ, ୨୫/୧୧ (ନି.ପ୍ର): ପବିତ୍ର ପ୍ରଥାମାଷ୍ଟମୀ ଅବସରରେ କୋରେଇ ବ୍ଲକ କରଦା ପଂଚାୟତ ରାଣିଗୋଡା ଗୋପବନ୍ଧୁ ପୀଠରେ ସାମାଜିକ ଅନୁଷ୍ଠାନ ସମାଜଜ୍ୟୋତି ସେବା ସଙ୍ଘ ଓ ରାଣିଗୋଡା ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଏକ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ସଭାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଶ୍ୱନାଥ ପଣ୍ଡାଙ୍କ ସଭାପତିତ୍ୱ ମୁଖ୍ୟ ଅତିଥିଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶୁଭାଶିଷ ମହାରଣା, ମୁଖ୍ୟ ବକ୍ତା ଭାବେ ବ୍ୟାସନଗର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶିବ ଚରଣ ମାଝୀ, ସମ୍ମାନୀତ ଅତିଥି ଭାବେ ରାଜ୍ୟ ଓକିଲ ସଂଘର ଉପସଭାପତି ରାଜୀବ କୁମାର ମହାନ୍ତି , ଅଇନଜିବୀ ଅନନ୍ତ ବାସୁଦେବ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ସମାଜସେବୀ ସୁଢଳ ଚରଣ ସାହୁ, ଅବସରପ୍ରାପ୍ତ ଶିକ୍ଷକ ପିତାମ୍ବର ଦାସ ଓ ମରଣୋତର ଭାବେ ସମାଜସେବୀ ସ୍ୱର୍ଗତ ରାଜରାମ ପଣ୍ଡାଙ୍କ ପାଇଁ ପୁତ୍ର ଦିଲ୍ଲିପ କୁମାର ପଣ୍ଡାଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉପଢୌକନ, ପୁଷ୍ପ ଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ପଂଚାୟତର ବିଭିନ୍ନ ଗ୍ରାମର ୩୦ ଜଣ ଅସହାୟ ବୃଦ୍ଧ/ବୃଦ୍ଧାଙ୍କୁ ଶୀତବସ୍ତ୍ର (ସାଲ), ଟୋପି ଓ ଜୋତା ପ୍ରଦାନ କରାଯାଇଥିଲା । ଶେଷରେ ଅନିରୁଦ୍ଧ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଖଗେଶ୍ୱର ମହାନ୍ତି, ନରେନ୍ଦ୍ର କୁମାର ସାହୁ, ଦୁର୍ଗା ପ୍ରସାଦ ପଣ୍ଡା, ରବିନ୍ଦ୍ର କୁମାର ନାୟକ, ରତ୍ନାକର ସାହୁ, ନିରାକର ମଲ୍ଲିକ, ସନ୍ତୋଷ କୁମାର ଦାସ, ଭାସ୍କର ସାହୁ, ଭରତ ଚନ୍ଦ୍ର ମହାନ୍ତି, ହୃଷିକେଶ ମହାରଣା, ସ୍ମୃତି ରଂଜନ ପଣ୍ଡା, ସୁଶାନ୍ତ ସାହୁ, ସନ୍ତୋଷ ଜେନା, ପ୍ରଭାତ କୁମାର ସାହୁ, ପ୍ରତାପ ଭୂୟାଁଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର ମାସାନ୍ତ ରବିବାସରୀୟ ସାହିତ୍ୟ ଆସର

କେନ୍ଦ୍ରାପଡା, ୨୫/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର ମାସାନ୍ତ ରବିବାସରୀୟ ସାହିତ୍ୟ ଆସର ଓ କବିତା ପାଠୋତ୍ସବ କାର୍ଯ୍ୟକାରୀ ସଭାପତି କବି କରୁଣାକର ଦାସଙ୍କ ପୌରୋହିତ୍ୟରେ ସ୍ଥାନୀୟ ପବ୍ଲିକ ରିଡିଂ ରୁମରେ ଆଜି ଅପରାହ୍ନ ୪ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ୨୫ ମସିହା ଏପ୍ରିଲ ୨୩ ତାରିଖରେ ସାହିତ୍ୟ ସଂସଦ ରଜତ ଜୟନ୍ତୀ ଅନୁଷ୍ଠିତ ହେବ । ଏଥିନିମନ୍ତେ ସାହିତ୍ୟ ସଂସଦର ମୁଖପତ୍ର "ଦିଗ୍‌ବଳୟ" ପ୍ରକାଶିତ ହବ । ଏଥିନିମନ୍ତେ ଅଣୁକବି ବ୍ରହ୍ମାନନ୍ଦ ଦାସଙ୍କ ଜୟନ୍ତୀ ଦିନ ପ୍ରସ୍ତୁତି ଚଳିତ ବର୍ଷ ଡିସେମ୍ବର ୨୬ ତାରିଖରେ ଅନୁଷ୍ଠିତ ହେବ । ଏଥିସହିତ ଲେଖା ପଠାଇବାର ଶେଷ ତାରିଖ ଡିସେମ୍ବର ୨୬ ତାରିଖ ରଖାଗଲା । ଏହି ଅବସରରେ ଅନୁଷ୍ଠିତ ସଭାରେ ଉପସଭାପତି ପ୍ରଦୀପ କୁମାର ଦାଶ, ରାମକୃଷ୍ଣ ଦାଶ, ସମ୍ପାଦକ ଶୁଭାଂଶୁ କୁମାର ଦାସ, ସଂଗଠନ ସମ୍ପାଦକ ଆଦିକନ୍ଦ ରାଉଳ, ନିରୁପମା ଦାସ, ଶରତ କୁମାର ରାଉତ, ଅର୍ଜୁନ କୁମାର ସ୍ୱାଇଁ, ଦେବାଶିଷ ପ୍ରଧାନ, ଗୋଲଖ କୁମାର ସେଠୀ ପ୍ରମୁଖ ଆଲୋଚନା କରି କବିତା ପାଠ କରିଥିଲେ ।

# ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ରାଜ୍ୟ ସମ୍ମିଳନୀ ଓ ନିର୍ବାଚନ : ରାଜ୍ୟ ସଭାପତି ହେଲେ ଶଶୀ ଭୂଷଣ ଦାସ

ଜୟପୁର, ୨୫/୧୧ (ନି.ପ୍ର): ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ରାଜ୍ୟ ସମ୍ମିଳନୀ ଓ ନିର୍ବାଚନ ଅନୁଷ୍ଠିତ ହୋଇଛି । ରାଜ୍ୟ ନିର୍ବାଚନ କମିଟିର ଘୋଷଣା ଅନୁଯାୟୀ, କୋରାପୁଟ ଜିଲ୍ଲାରୁ ଶଶୀ ଭୂଷଣ ଦାଶଙ୍କୁ ରାଜ୍ୟ ସଭାପତି ଓ ନଳିନୀକାନ୍ତ ଓଝାଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଘୋଷଣା କରାଯାଇଛି । ୩୫ ଜଣ ରାଜ୍ୟ ନେତୃବୃନ୍ଦଙ୍କ ନାମ ଘୋଷଣା ହୋଇଛି । ମାଧ୍ୟମିକ ବିଦ୍ୟାଳୟ କର୍ମଚାରି ସଂଘ ଓଡ଼ିଶାର ରାଜ୍ୟ ସମ୍ମିଳନୀ କୋରାପୁଟ ଆଦିବାସୀ ସଂଗ୍ରାହଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଶଶୀ ଭୂଷଣ ଦାଶ୍ ଆବାହକଙ୍କ ଆହ୍ୱାନ କ୍ରମେ ବିଭିନ୍ନ ଜିଲ୍ଲାର ଶତାଧିକ କର୍ମଚାରୀ ଉକ୍ତ ସମ୍ମିଳନୀରେ ଯୋଗଦାନ କରିଥିଲେ । ସମସ୍ତ କର୍ମଚାରୀଙ୍କ ମହା ଅଭିଯୋଗ ପରେ ଦୀର୍ଘ ସମୟ ଧରି ସୁପ୍ତ ଅବସ୍ଥାରେ ପଡିରହିଥିବା ସଂଘକୁ ଜୀବନ୍ୟାସ ଦେଇ ପୁଣିଥରେ ସଂଘକୁ ପୁନର୍ଗଠନ କରାଯାଇ ସଂଘର ନିର୍ବାଚନ କରାଯାଇଥିଲା । ଶଶୀଭୂଷଣ ଦାଶ୍ ଆବାହକ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ କର୍ମଚାରି ସଂଘ ବୈଠକରେ ସଭାପତିତ୍ୱ କରି ସମସ୍ତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହିତ ମଂଚକୁ ନିମନ୍ତ୍ରଣ କରିଥିଲେ । ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରଦିପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଉପସ୍ଥିତ ମହିଳା କର୍ମଚାରୀ ମାନଙ୍କ ଦ୍ୱାରା ଅତିଥି ମାନଙ୍କୁ ଉପଢୌକନ ଓ ଫୁଲ ତୋଡା ଦେଇ ମଂଚରେ ସମ୍ବର୍ଧିତ କରାଯାଇଥିଲା । ଲକ୍ଷ୍ମଣ ମଲ୍ଲିକ, ରାଜ୍ୟ ସଦସ୍ୟ ମାଧ୍ୟମିକ ବିଦ୍ୟାଳୟ କର୍ମଚାରି ସଂଘ ମୁଖ୍ୟ ଅତିଥି, ସୁନାକର ରାଉତ ପୂର୍ବତନ ଅଧ୍ୟକ୍ଷ ଓଡ଼ିଶା ଅମଲା ସଂଘ ଅନ୍ୟତମ ମୁଖ୍ୟ ଅତିଥି, ନଳିନୀକାନ୍ତ ଓଝା, ଓଡ଼ିଶା ଅମଲା ସଂଘ ଜିଲ୍ଲା ସମ୍ପାଦକ ଜଗତସିଂହପୁର ଜିଲ୍ଲା ଶାଖା, ମୁଖ୍ୟ ଅତିଥି, ପର୍ଶୁରାମ ପାତ୍ର ରାଜ୍ୟ ସାଂଗଠାନିକ ସମ୍ପାଦକ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଅନ୍ୟତମ ମୁଖ୍ୟବକ୍ତା, ଦୟାନିଧି ପାଢ଼ୀ ମାଧ୍ୟମିକ ବିଦ୍ୟାଳୟ କର୍ମଚାରି ସଂଘ ସମ୍ପାଦକ ଗଞ୍ଜାମ ଜିଲ୍ଲା, ସଞ୍ଜୟ କୁମାର ପଣ୍ଡା ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, କୈଳାସ ସାମନ୍ତରାୟ ପୂର୍ବତନ ଅଧ୍ୟକ୍ଷ ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲା ଶାଖା ସମ୍ମାନୀତ ଅତିଥି ଭାବେ ମଞ୍ଚାସିନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ରାଜ୍ୟ ସଂଘର ନିର୍ବାଚନ ନିମନ୍ତେ ଏକ ନିର୍ବାଚନ କମିଟି ଗଠନ କରାଯାଇଥିଲା । ସୁନାକର ରାଉତ ପୂର୍ବତନ ଅଧ୍ୟକ୍ଷ ଓଡ଼ିଶା ଅମଲା ସଂଘ ନିର୍ବାଚନ କମିଟି ଅଧ୍ୟକ୍ଷ, ସଞ୍ଜୟ କୁମାର ପଣ୍ଡା ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଦସ୍ୟ ଓ କୈଳାସ ସାମନ୍ତରାୟ ପୂର୍ବତନ ଅଧ୍ୟକ୍ଷ ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲା ଶାଖା ସଦସ୍ୟ ରୁପେ ମନୋନୀତ ହୋଇ ନିର୍ବାଚନ ପରିଚାଳନା କରିଥିଲେ । ରାଜ୍ୟ ନିର୍ବାଚନ କମିଟି କୋରାପୁଟ ଜିଲ୍ଲାରୁ ଶଶୀ ଭୂଷଣ ଦାଶଙ୍କୁ ରାଜ୍ୟ ସଭାପତି ଓ ନଳିନୀକାନ୍ତ ଓଝାଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଘୋଷଣା କରିଥିଲେ, ତତ୍ ସହିତ ୩୫ ଜଣ ରାଜ୍ୟ ନେତୃବୃନ୍ଦ ଙ୍କ ନାମ ଘୋଷଣା କରିଥିଲେ । ଶ୍ରୀ ଗୌରି ସତପଥି ବିଭାଗୀୟ ଅଧିକାରୀ ବନ୍ଧୁ ଗାଁ, ଶ୍ରୀମତି କାକୁଳି ଭଟ୍ଟାଚାର୍ଯ୍ୟ ବିଭାଗୀୟ ଅଧିକାରୀ ବୋରିଗୁମ୍ମା ତା ୩୧.୧୦.୨୦୨୪ ରିଖ ଦିନ ଚାକିରିରୁ ଅବସର ଗ୍ରହଣ କରିଥିଲେ । ସେମାନଙ୍କୁ ମୁଖ୍ୟ ଅତିଥି ଙ୍କ ଦ୍ୱାରା ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ ଶ୍ରୀ ଦାଶ୍ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ ।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଯାଜପୁର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ

କୋରେଇ, ୨୫/୧୧ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଯାଜପୁର ଜିଲ୍ଲା ସ୍ତରୀୟ ବୈଠକ ପାଣିକୋଇଲିସ୍ଥିତ ହୋଟେଲ ଓଡ଼ିଆଣୀର ସଭାଗୃହରେ ଆଇନଜିବୀ ଆଭାମୟୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତଥା ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି ଯୋଗ ଦେଇ ଥିଲେ । ବୈଠକର ପ୍ରାରମ୍ଭରେ ଜିଲ୍ଲା ସମ୍ପାଦକ ଇଶ୍ୱର ପରିଡ଼ା ଯୋଗ ଦେଇ ସଙ୍ଗଠନର ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ । ପାର୍ଟି ପକ୍ଷରୁ ବିଗତ ବର୍ଷ ତଥା ପୁର୍ବ ସରକାର ଅମଳରେ ରାଜ୍ୟରେ କୃଷକ ମାରଣ ନିତୀକୁ ବିରୋଧ କରାଯିବା ସହିତ ଚାଷୀଙ୍କ ନିକଟରୁ ଧାନ କିଣା ବେଳେ ଯଦି କଟନୀ ଛଟନୀ ବନ୍ଦ କରିବାକୁ ପ୍ରଶାସନକୁ ତୀକ୍ଷ୍ଣ ନଜର ରଖିବାକୁ ପରାମର୍ଶ ଦିଆଯାଇଥିଲା । ଉକ୍ତ ବୈଠକରେ ରାଜ୍ୟ ପରିଷଦର ସଭ୍ୟ ମଳୟ ପଣ୍ଡା, ବଡ଼ଚଣା ଜୋନ ସମ୍ପାଦକ ଅଜୟ ବିଶ୍ୱାଳ, ଜିଲ୍ଲା ସହ ସମ୍ପାଦକ ଅଜୟ ପଣ୍ଡା, ନିର୍ମାଣ ଶ୍ରମିକ ନେତା ରଂଜନ କୁମାର ଜେନା, ଜିଲ୍ଲା ପରିଷଦ ସଦସ୍ୟ ରାଧେଶ୍ୟାମ ରାଉତ, ସୁଙ୍ଗଡ଼ା ପାର୍ଟି ସମ୍ପାଦକ ଭଗବାନ ପଣ୍ଡା, ଯୁବ ସଂଘ ନେତା ସୁରେନ୍ଦ୍ର ମଲ୍ଲିକ, ଶିକ୍ଷକ ନେତା ଦୁର୍ଯ୍ୟୋଧନ ବାରିକ, ବିପ୍ଳବୀ ସାର୍ଥୀ ଆଲୋକ ମହାନ୍ତି, ମହିଳା ସମିତି ନେତ୍ରୀ ହେମଲତା ଜେନା, ଜାହ୍ନବୀ ସେଠୀ ପ୍ରମୁଖ ଯେଗ ଦେଇ ପାଟିର ବିଭିନ୍ନ କାର୍ଯ୍ୟଧାରା ଉପରେ ଆଲୋଚନା କରିଥିଲେ । ଏଥି ସହିତ ପାର୍ଟିର ଜନ୍ମ ଶତବାର୍ଷିକୀ ପାଳନ ସହିତ ପାଣ୍ଠି ବୃଦ୍ଧି, ସଭ୍ୟ ସଂଖ୍ୟା ବୃଦ୍ଧି, ଶାଖା ଓ ଜେନା ସଂଖ୍ୟା ବୃଦ୍ଧି ଉପରେ ଆଲୋଚନା କରାଯାଇଥିଲା ।

# ବାଇକ ଆରୋହୀଙ୍କ ହାତରେ ଚଢିଗଲା ଟ୍ରଲର ଚକ: ଗୁରୁତର ଭାବେ ଉଦ୍ଧାର

କୋରେଇ, ୨୫/୧୧ (ନି.ପ୍ର): ପାଣିକୋଇଲି ଓଭରବ୍ରିଜର ଦକ୍ଷିଣ ପାର୍ଶ୍ୱ ରାଜରାଣୀ ହୋଟେଲ ସମ୍ମୁଖରେ ଶନିବାର ରାତ୍ରୀରେ ବାଇକ ଆରୋହୀ ଟ୍ରଲର ଚକାତଳେ ପଡି ଗରୁତର ଆହତ ହୋଇଛନ୍ତି । ପ୍ରକାଶଯେ ଓଭରବ୍ରିଜ ଆରମ୍ଭରୁ ସର୍ଭିସ ରୋଡରେ ଏକ ଟ୍ରଲର କଟକ ପଟୁ ପାଣିକୋଇଲି ଆସୁଥିଲା । ପାଣିକୋଇଲି ପଟୁ ଜଣେ ବୁଲେଟ ଆରୋହୀ ଯାଉଥିବା ବେଳେ ମଝିରେ ଜଣେ ବାଇକ ଆରୋହୀ ପଶି ଥିଲେ । ସେ ମଝିରେ ଖସି ଯିବାକୁ ଚେଷ୍ଟା କରୁଥିବା ବେଳେ ବୁଲେଟ ହେଣ୍ଡଲରେ ବାଜି ତଳେ ପଡିଥିଲେ । ଫଳରେ ଟ୍ରଲରଟିର ପଛ ଚକା ତାଙ୍କ ହାତରେ ଚଢି ଚାଲିଯାଇଥିଲା । ଉକ୍ତ ବାଇକ ଆରୋହୀ ଜଣଙ୍କ କେଉଁଝର ଜିଲ୍ଲା ନନ୍ଦୀପଦା ଥାନା ଅନ୍ତର୍ଗତ ଜମ୍ବୁରା ଗ୍ରାମର ଦୁର୍ଯ୍ୟୋଧନ ନାୟକ(୪୫) ବୋଲି ଜଣାପଡଇଥିଲା । ଆମେ ଆପଣଙ୍କ ପାଇଁ ହେଲପିଂଗ ଗ୍ରୁପର ସୁବାସ ଧଳ, ଅଶୋକ କୁମାର ଦାସ, ପ୍ରଦୀପ ମାଝୀ, ସୁନିଲ ଓଝା ପ୍ରମୁଖ ଗୁରୁତର ଅବସ୍ତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଦୁର୍ଯ୍ୟୋଧନକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ପାଣିକୋଇଲି ଥାନା ସବଇନ୍ସପେକ୍ଟର ବିଶ୍ୱ ରଂଜନ ଦାସ ଓ ହାବିଲଦାର ସୁଲୋଚନ ବେହେରା ପ୍ରମୁଖ ପହଂଚି ବାଇକଟିକୁ ଜବତ କରିବା ସହ ଫେରାର ଟ୍ରଲରକୁ ଜବତ କରିବା ପାଇଁ ଯାଜପୁରରୋଡ ଥାନାକୁ ଜଣାଇଥିଲେ । ଯାଜପୁରରୋଡ ପୁଲିସ ଉକ୍ତ ଟ୍ରଲରଟିକୁ ଯାଜପୁରରୋଡ ଗୋଲେଇ ଛକରେ ଧରିଥିବା ଜଣାପଡିଛି ।

# ଅସହାୟ ମଞ୍ଜୁଲତା ମୃତ ଦେହକୁ ସତ୍କାର କଲେ ଯୁବକ ସଂଘ

କେନ୍ଦ୍ରାପଡା, ୨୫/୧୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଓସ୍ତପୁର ପଂଚାୟତ ମଣିଛକ ନିକଟସ୍ଥ ସରକାରୀ ରାସ୍ତା କଡରେ ଏକ ଝୁମ୍ପୁଡି ଘରେ ମଞ୍ଜୁଲତା ଓ ସ୍ୱାମୀ ରତ୍ନାକର ବାରିକ ରହି ଆସୁଥିଲେ । ମଞ୍ଜୁଲତା ବାରିକ କିଛିଦିନ ଅସୁସ୍ଥତା କାରଣରୁ ମେଡିକାଲରେ ଚିକିତ୍ସିତ ହେଉଥିଲେ । ୨୩ ତାରିଖ ସକାଳେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା । ନିଜ ସ୍ୱାମୀ ରତ୍ନାକର ମଧ ବିଛଣାରୁ ଉଠି ପାରୁ ନାହାଁନ୍ତି । ନିଜର କେହି ନଥିବାରୁ ମର ଶରୀର ପଡି ରହିଥିବା ଖବର ପ୍ରସାରିତ ହେବା ପରେ ଓସ୍ତପୁର ଗ୍ରାମର ରଘୁନାଥଜୀଉ ଯୁବକ ସଂଘର ସମସ୍ତ ସଦସ୍ୟ ସହଯୋଗ କରି ସତ୍କାର କାର୍ଯ୍ୟ ସମାପନ କରିଥିଲେ । ଯାହାକୁ ନେଇ ଆଖପାଖ ଅଂଚଳରେ ସମସ୍ତେ ବାହା ବାହା କହୁଛନ୍ତି ।

# 'ଆମ ସମ୍ବିଧାନ ଓ ସାମ୍ପ୍ରତିକ ନିର୍ବାଚନ' ପ୍ରସଙ୍ଗରେ ଆଲୋଚନାଚକ୍ର ଅନୁଷ୍ଠିତ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ଓଡିଶାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରଥମ ପ୍ରତିଷ୍ଠାତା ସଦସ୍ୟ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ମାର୍କ୍ସବାଦୀ ତତ୍ତ୍ୱବିତ୍ ତଥା ପ୍ରଗତିଶୀଳ ସାହିତ୍ୟର ପଥ ପ୍ରଦର୍ଶକ, ନବଯୁଗ ସାହିତ୍ୟ ସଂସଦର ଦିଗଦ୍ରଷ୍ଟା ଏବଂ ଖ୍ୟାତନାମା ଲେଖକ ଗୁରୁଚରଣ ପଟ୍ଟନାୟକଙ୍କ ଶୋଡ଼ଷ ରାଜ୍ୟସ୍ତରୀୟ ସ୍ମରଣ ସଭା ଭଗବତୀ ଭବନ ଲୋକନାଥ ସଭା କକ୍ଷରେ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତିସଭାରେ "ଆମ ସମ୍ବିଧାନ ଓ ସାମ୍ପ୍ରତିକ ନିର୍ବାଚନ" ପ୍ରସଙ୍ଗ ନେଇ ଆଲୋଚନାଚକ୍ର ପାର୍ଟିର ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ତଥା ପୂର୍ବତନ ବିଧାୟକ ଏନ୍ ନାରାୟଣ ରେଡ୍ଡିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସଙ୍ଗରେ ପ୍ରଫେସର ମାନସ ବେହେରା ଉଦ୍‌ବୋଧନ ଦେଇ କହିଥିଲେ ଯେ ଆମ ଦେଶର ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ପଥଚ୍ୟୁତ ବା ଲକ୍ଷ୍ୟଭ୍ରଷ୍ଟ କରାଇବା, ସାମ୍ପ୍ରଦାୟିକ ଭିତ୍ତିରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ସମାଜର ଶତ୍ରୁଭାବେ ପ୍ରଦର୍ଶିତ କରି ଜନଗଣଙ୍କୁ ବିଭାଜିତ କରିବା, ଅତିଲୋଭି ରାହୁ ପୁଞ୍ଜିପତିଙ୍କ ଲାଭ ଓ ଲୋଭ ଚରିତାର୍ଥ ପାଇଁ ଦେଶର ସମ୍ବଳ ସମର୍ପଣ ବିନିମୟରେ ପ୍ରଚୁର ଅର୍ଥ ପ୍ରୟୋଗରେ ଭୋଟରମାନଙ୍କୁ ବିଭ୍ରାନ୍ତ କରିବା, ଜନଗଣଙ୍କୁ ଲମ୍ବା ପ୍ରତିଶ୍ରୁତିରେ ପ୍ରଲୋଭିତ କରି ଏହି ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବା ଦାବିକୁ ବିଭାଜନବାଦୀ ସ୍ଲୋଗାନରେ ପ୍ରତିହତ କରାଯାଉଛି । ପ୍ରତିବାଦର ସ୍ୱରକୁ ରାଷ୍ଟ୍ରଦ୍ୱାରା ଦମନ କରାଯିବା ଘଟଣା ୨୦୧୪ ପରବର୍ତ୍ତୀ ଅବସ୍ଥାରେ ବ୍ୟାପକ ହୋଇଛି । ନିର୍ବାଚନରେ ସୀମାହୀନ ଅର୍ଥ ପ୍ରୟୋଗରେ ସାଧାରଣ ଭୋଟରଙ୍କୁ ରାଷ୍ଟ୍ରର ଜନଗଣଙ୍କ ପ୍ରସଙ୍ଗକୁ ଏଡ଼ାଇ ଅପ୍ରସଙ୍ଗକୁ ପ୍ରସଙ୍ଗଭାବେ ଉପଯୋଗ କରାଯାଉଛି । ଏହାକୁ ମୁକାବିଲା କରିବା ପାଇଁ ଛୋଟ-ବଡ଼ ସମସ୍ତ ଜନ ଆନ୍ଦୋଳନକୁ ସମନ୍ୱିତ ଓ ସଂଯୋଜିତ କରିବା ପାଇଁ ଜନଗଣଙ୍କ ନିକଟତର ହେବା ପ୍ରତ୍ୟେକ ଜନଆନ୍ଦୋଳନର ମୁଖ୍ୟ କାର୍ଯ୍ୟ ହେଲେ ହିଁ ସାମ୍ୟବାଦୀ ଆନ୍ଦୋଳନର କର୍ଣ୍ଣଧାର ପ୍ରୟାତ ସାଥୀ ଗୁରୁଚରଣ ପଟ୍ଟନାୟକଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ ଆହ୍ୱାନ ଦେଇଥିଲେ । ଏହି ଆଲୋଚନାଚକ୍ରରେ ସିପିଆଇ (ଏମ୍‌ଏଲ୍) ଲିବରେସନର ରାଜ୍ୟ ସମ୍ପାଦକ ଯୁଧୀଷ୍ଠିର ମହାପାତ୍ର, କଂଗ୍ରେସ ପ୍ରବକ୍ତା ଅମୀୟ ପାଣ୍ଡବ, ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ଏଆଇଟିୟୁସି ରାଜ୍ୟ ସମ୍ପାଦକ ବିଜୟ ଜେନା ପ୍ରମୁଖ ଗୁରୁଚରଣ ପଟ୍ଟନାୟକଙ୍କ ସ୍ମୃତି ଚାରଣପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁରଜେନା ସ୍ମୃତିସଭା ଓ ଆଲୋଚନାଚକ୍ରର ପୃଷ୍ଠଭୂମିର ସୂଚନା ଦେଇଥିଲେ । ରାଜ୍ୟ ପରିଷଦ ସଦସ୍ୟ ସତୀଶ ମିଶ୍ର, ବିଜୟ ମହାନ୍ତି, ବିଦ୍ୟୁତ୍ କର୍ମଚାରୀ ନେତା ସତ୍ୟବାଦୀ ବାଘ, ପରମାନନ୍ଦ ବେହରା, ନମିତା ସାହୁ, ବିକେଏମ୍‌ୟୁ ନେତା ଶଙ୍କର୍ଷଣ ବାରିକ, ଛେତେମ୍ବର ଭୋଇ, ପୋର୍ଟର୍ସ ୟୁନିୟନର ପଞ୍ଚାନନ ସାହୁ, ଗନ୍ଧର୍ଭ ବେହରା, ଉତ୍କଳ ମହିଳା ସମିତିର ସାଗରିକା ଦାସ, ଅଟୋ ଚାଳକ ସଂଘର ପ୍ରମୋଦ ମଲ୍ଲିକ ସମେତ ବିଭିନ୍ନ ସଂଗଠନର ସାଥୀମାନେ ଯୋଗଦେଇ ସ୍ମୃତିଚାରଣ କରିଥିଲେ ।

# କେନ୍ଦ୍ରାପଡା ବାଲିଯାତ୍ରାର ଉଦ୍‌ଯାପନୀ ସନ୍ଧ୍ୟାରେ 'ସୁରଝଙ୍କାର' ଦର୍ଶକଙ୍କ ମନ ମୋହିଲା

କେନ୍ଦ୍ରାପଡ଼ା,୨୪।୧୧: କେନ୍ଦ୍ରାପଡାର ଐତିହାସିକ ବାଲିଯାତ୍ରାର ଉଦ୍‌ଯାପନୀ ସନ୍ଧ୍ୟାରେ ସଙ୍ଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସଙ୍କ କଟକର 'ସୁରଝଙ୍କାର' ମେଲୋଡି ଗ୍ରୁପ୍ ଦୀର୍ଘ ୩ ଘଣ୍ଟା ଧରି ଶ୍ରୋତାମାନଙ୍କୁ ବାନ୍ଧି ରଖି ଏକ ଅନନ୍ୟ ସ୍ଥାନ ଅଧିକାର କରିପାରିଛି । ଓଡିଶାର ବାଚସ୍ପତି ରାତ୍ର ୮ ଘଟିକାରେ ସଭାମଞ୍ଚକୁ ମୁଖ୍ୟ ଅତିଥି ଭାବେ ବିରାଟ ଶୋଭାଯାତ୍ରାରେ ଆସି ପହଞ୍ଚିଥିଲେ । ଉଦ୍‌ଯାପନୀ ସନ୍ଧ୍ୟାର ଶେଷ ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟା ୭ ଘଟିକାରୁ ୮ ଘଟିକା ସମୟ ପର୍ଯ୍ୟନ୍ତ କଟକର ସୁରଝଙ୍କାର ଓ ବରଗଡର କିଶାନ ଡ୍ୟାନ୍ସ ଗ୍ରୁପର ମିଳିତ ଉଦ୍ୟମର ଆଧୁନିକ ଲୋକପ୍ରିୟ ତଥା ସମ୍ବଲପୁରୀ ଗୀତ ସୁରଝଙ୍କାର ତରଫରୁ ଅତି ଚିତାକର୍ଷକ ଭାବେ ପରିବେଷଣ କରାଯାଇଥିଲା ଏବଂ ସେହି ମେଲୋଡି ଗୀତର ତାଳେତାଳେ ବରଗଡର ଶିଳ୍ପୀମାନେ ଅତି ନିଖୁଣ ଭାବେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିପାରିଥିଲେ । ଭୁବନେଶ୍ୱରର ବିଶିଷ୍ଟ ସମାଜସେବୀ ଶରତ ପଟ୍ଟନାୟକଙ୍କୁ ଉକ୍ତ ମଞ୍ଚରେ ଶେଷଦେବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । କେନ୍ଦ୍ରାପଡା ସଦରଥାନାର ପ୍ରାକ୍ତନ ଥାନାଧିକାରୀ ସରୋଜ କୁମାର ସାହୁ ଏବଂ ସଂପ୍ରତି ଥିବା ଥାନାଧିକାରୀ, ସଙ୍ଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସଙ୍କୁ "ଶ୍ରେଷ୍ଠ ସଙ୍ଗୀତଜ୍ଞ" ଉପାଧିରେ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧରେ ବାଲିଯାତ୍ରା ମହୋତ୍ସବ କମିଟିର ସମ୍ପାଦକ ସଞ୍ଜୟ କୁମାର ଜେନା, ସଭାପତି ପ୍ରଦୀପ କୁମାର ଦାସ, ଉପସଭାପତି ଧିରେନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ପୀତବାସ ଦାସ ମଞ୍ଚରେ ଉପସ୍ଥିତ ଥିଲେ । ଲୋକପ୍ରିୟ ସିଦ୍ଧାର୍ଥ ଟିଭିର ସୁନାମଧନ୍ୟ ଗାୟିକା ସସ୍ମିତା ପ୍ରଧାନ, ଇପ୍‌ସିତା ପୂଜାପଣ୍ଡା, ପ୍ଲେବ୍ୟାକ୍ ସିଙ୍ଗର ରୋହିତ ଦାସ ପ୍ରମୁଖ ଅତି ସୁନ୍ଦର ଭାବରେ ସଙ୍ଗୀତ ପରିବେଷଣ କରିଥିଲେ ।

## ଦଶମ ଶ୍ରେଣୀ ଛାତ୍ରୀ ୫ ମାସର ଗର୍ଭବତୀ

ଜୟପୁର, ୨୫/୧୧ (ନି.ପ୍ର): ଦଶମ ଶ୍ରେଣୀ ଛାତ୍ରୀ ୫ ମାସର ଗର୍ଭବତି ହୋଇଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁଯାଇ ଜୟପୁର ସଦର ଅଂଚଳର ଜଣେ ନାବାଳିକା କୁ ଜଣେ ନାବାଳକ ବିବାହର ପ୍ରଲୋଭନ ଦେଖାଇ ଗର୍ଭବତି କରିଥିବା ନେଇ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ମାମଲା ୨୧୦/୨୪ ମାମଲା ରୁଜୁ କରି ନାବାଳକକୁ କାବୁ କରି ଜୁଭେଲାଇନ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରି ଥିବା ବିଷୟ ଜୟପୁର ମହିଳା ପୋଲିସ ତରଫରୁ ସୁଚନା ଦିଆଯାଇଛି ।

## ଜିଲ୍ଲାପାଳଙ୍କୁ ପ୍ରଦର୍ଶିତ କଲେ ହସ୍ତ ନିର୍ମିତ ଖଦି ସାମଗ୍ରୀ କଳା

କେନ୍ଦ୍ରାପଡା, ୨୫/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଗୋଲରାହାଟ ଗ୍ରାମର ସୁନାମଧନ୍ୟ ଉତ୍କଳ ଗ୍ରାମୀଣ ପ୍ରତ୍ୟୁସର ଗ୍ରୁପର ମହିଳା ମାନେ ବିଭିନ୍ନ ପ୍ରକାର ଖଦିର ହସ୍ତ ସାମଗ୍ରୀ ନିର୍ମାଣ କରି ଜିଲ୍ଲାପାଳଙ୍କୁ ପ୍ରଦର୍ଶିତ କରିଛନ୍ତି । ଉତ୍କଳ ଗ୍ରାମୀଣ ପ୍ରତ୍ୟୁସର ଗ୍ରୁପରେ ପ୍ରାୟ ଶତାଧିକ ମହିଳା ନିଜର ପରିବାର ପୋଷଣ କରୁଥିବା ଜଣାପଡିଛି । ଏହି ଗ୍ରୁପରେ ହସ୍ତ ଦ୍ୱାରା ନିର୍ମିତ ବିଭିନ୍ନ ରଂଗର ଖଦି କପଡା ଉପରେ ଏମ୍ବ୍ରୋଡରୀ ଡିଜାଇନ, ଟସର ଜ୍ୟାକେଟ, ଖଦି ସାର୍ଟ, ପଞ୍ଜାବୀ, ଲେଡିଜ କୃତି, ଲେଡିଜ ଡ୍ରେସ, ଟେବୁଲ କ୍ଲଥ, ଛାତ୍ରଛାତ୍ରୀଙ୍କ ଡ୍ରେସ, ଚାଦୁଆ, ଡୋର ସ୍କ୍ରିନ, କାନ୍ଥରେ ଝୁଲା ଡିଜାଇନ ଆଦି କରିବା ସହ ବିଭିନ୍ନ ସାମଗ୍ରୀ ତିଆରି କରି ସରକାରଙ୍କର ମେଳା ମାଧ୍ୟମରେ ଜିଲ୍ଲାରେ ବିଭିନ୍ନ ଅଂଚଳରେ ପ୍ରଦର୍ଶନ କରିବା ସହ ରାଜ୍ୟ ଏବଂ ରାଜ୍ୟ ବାହାରେ ମଧ ମେଳାରେ ପ୍ରଦର୍ଶନ କରି ରୋଜଗାରକ୍ଷମ ହୋଇପାରିଛି ।

# କଫସିରପ ଜବତ, ୩ ସଫେଇ କର୍ମଚାରୀ ଗିରଫ

ସମ୍ବଲପୁର, ୨୫/୧୧ (ନି.ପ୍ର): ସମ୍ବଲପୁର ବରେଇପାଲି ଥାନା ପୋଲିସ ନିଶା କାରବାର କରୁଥିବା ଏକ ଆଉଟ୍ ସୋର୍ସିଙ୍ଗ କମ୍ପାନୀର ୩ ଜଣ କର୍ମଚାରୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ଟ୍ରେନ ଯୋଗେ କୋଲକାତାରୁ କଫସିରପ ଆଣି ସମ୍ବଲପୁରରେ ବେଆଇନ ଭାବେ ନିଶା କାରବାର କରୁଥିଲେ । ତେବେ ରେମେଡ ଚେପେଟି ପୁଲିଆ ନିକଟରୁ ଏମାନଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ବରଗଡ ଜିଲ୍ଲା ଭଟଲି ଥାନା ଅନ୍ତର୍ଗତ ଟରକାନା ଗ୍ରାମର ସୁଦାମ ସୁହାନୀ(୨୬), ସମ୍ବଲପୁର ଜିଲ୍ଲା ବରେଇପାଲି ଥାନା ମିଲପଡାର ମୁକ୍ତିଲାଭ ମହାକୁଡ(୧୯) ଓ କ୍ଷେତରାଜପୁର ଥାନା ତାଲଭଟ୍ଟାପଡାର ସୁନୀଲ ମହାନ୍ତି(୨୦) ବୋଲି ଜଣାପଡିଛି ।

# ତରୁଣ ପ୍ରଜ୍ଞା ଭାରତୀ ତରଫରୁ ପ୍ରତିଯୋଗିତା ଅନୁଷ୍ଠିତ

ଜୟପୁର, ୨୫/୧୧ (ନି.ପ୍ର): ଆଜି ତରୁଣ ପ୍ରଜ୍ଞା ଭାରତୀ ଅନୁଷ୍ଠାନ ତରଫରୁ ଚଳିତ ବର୍ଷର ଶିଶୁଗୀତ, ବନବାସୀ ସଙ୍ଗୀତ, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ସ୍ଥାନୀୟ ଏନ୍.କେ.ଟି ରୋଡ଼ ସ୍ଥିତ ନାରାୟଣୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ସକାଳ ୯ଟା ସମୟରୁ ଆୟୋଜିତ କରାଯାଇଥିଲା । ଶନିବାର ଦିନ ପ୍ରଥମାଷ୍ଟମୀ ଉପଲକ୍ଷେ ଲୋକନୃତ୍ୟ, ଓଡିଶୀ ଓ ଝୋଟି ପ୍ରତିଯୋଗିତା ପଞ୍ଚାନନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଉପରୋକ୍ତ ସମସ୍ତ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ସାଧାରଣ ବର୍ଗର ପୁରୁଷ ଓ ମହିଳାମାନେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିଲେ । ଏଥିରେ ଅନୁଷ୍ଠାନର ସଭାପତି ତପନ କିରଣ ତ୍ରିପାଠୀ, ଉପସଭାପତି ରାମ ଶଙ୍କର ଷଡଙ୍ଗୀ, ସହ ସମ୍ପାଦକ ଅଜୟ କୁମାର ମଲିକ, କୋଷାଧ୍ୟକ୍ଷ ରବୀନ୍ଦ୍ର ମହାରଣାଙ୍କ ସହ ଲିପିକା ଦଳାଇ ପ୍ରମୁଖ ସଦସ୍ୟମାନେ ପ୍ରତିଯୋଗିତା ପରିଚାଳନା କରିଥିଲେ । ଏଥିରେ ମହମ୍ମଦ ସରିଫ, ଶଙ୍କରୀ ଦଳପତି, ଅନିତା ବେହେରା, ଗୀତା ଜୟନ୍ତୀ ପାତ୍ର, ଇତିଶ୍ରୀ ସୁବୁଦ୍ଧି, ଶିବ ଶଙ୍କର, ଜାନକୀ ପାଣିଗ୍ରାହୀ, ସବିତା ତ୍ରିପାଠୀ, ରିତାଞ୍ଜଳି ଡାକୁଆ ଅନ୍ୟମାନଙ୍କ ସହ ପ୍ରତିଯୋଗିତାରେ ପ୍ରମୁଖ ବିଚାରକ ଭାବେ କାର୍ଯ୍ୟ ସଂମ୍ପନ୍ନ କରିଥିଲେ । ଆସନ୍ତା ୧ ତାରିଖ ରବିବାର ଦିନ ସକାଳ ୯ଟା ସମୟରେ ଗୀତା ଶ୍ଳୋକାବୃତି, ତର୍କ ଓ ସାଂସ୍କୃତିକ ଜ୍ଞାନ ପରୀକ୍ଷା ପ୍ରତିଯୋଗିତା ନାରାୟଣୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅନୁଷ୍ଠିତ ହେବ । ଆସନ୍ତା ଡିସେମ୍ବର ମାସ ହେବାକୁ ଥିବା ଅନୁଷ୍ଠାନର ବାର୍ଷିକ ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବ ବୋଲି ସଭାପତି ଶ୍ରୀ ତ୍ରିପାଠୀ ଗଣମାଧ୍ୟମକୁ ଜଣାଇଥିଲେ ।

# ଇସ୍ପାତ ଜେନେରାଲ୍ ହସ୍ପିଟାଲର ଡାକ୍ତରଙ୍କ ଦ୍ୱାରା ବରିଷ୍ଠ ନାଗରିକଙ୍କ ସଫଳ ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର

ରାଉରକେଲା, ୨୫/୧୧ (ନି.ପ୍ର): "ମୁଁ ଅତ୍ୟନ୍ତ ଖୁସି ଯେ, ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ସଫଳତା ର ସହ ମୋର ଆଣ୍ଠୁର ସମ୍ପୂର୍ଣ୍ଣ ପ୍ରତିରୋପଣ ଅସ୍ତ୍ରୋପଚାର ହେତୁ ମୁଁ ପୁନର୍ବାର ମୋର ଚଳପ୍ରଚଳ କରିବା କ୍ଷମତା ଫେରି ପାଇଛି," ବୋଲି ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଇସ୍ପାତ ଜେନେରାଲ ହସ୍ପିଟାଲରେ ବ୍ୟକ୍ତିଗତ ଯତ୍ନ ଏବଂ ଚିକିତ୍ସାପାଇଁ ଡାକ୍ତରୀ ଦଳକୁ ଅଶେଷ କୃତଜ୍ଞତା ଜଣାଇ ୭୫ ବର୍ଷିୟା ଶ୍ରୀମତୀ ରେଖା ସିହ୍ନା ମତବ୍ୟକ୍ତ କରନ୍ତି । ତାଙ୍କ ସ୍ୱାମୀ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଶ୍ରୀ ଦିପ୍ତେନ୍ଦୁ ଜ୍ୟୋତି ସିହ୍ନା ଆରଏସପିର ପୂର୍ବତନ ଅଧିକାରୀ ଥିଲେ । ଡାକ୍ତରୀ ଦଳର ଉଦ୍ୟମକୁ ଶ୍ରୀ ସିହ୍ନା ଭୂୟସୀ ପ୍ରଶଂସା କରି କୁହନ୍ତି ଯେ "ଅସ୍ତ୍ରୋପଚାରର ପରଦିନଠାରୁ ମୋ ପତ୍ନୀ ଯନ୍ତ୍ରଣାମୁକ୍ତ ଭାବେ ଚାଲିପାରିଲେ । ଆଇଜିଏଚ ଦ୍ୱାରା ପ୍ରଦାନ କରାଯାଇଥିବା ଅନନ୍ୟ ସ୍ୱାସ୍ଥ୍ୟସେବା ଯତ୍ନ ପାଇଁ ଆମେ ଗଭୀର ରୂପେ କୃତଜ୍ଞ ।" ଉଲ୍ଲେଖଯୋଗ୍ୟ ଯେ, ଶ୍ରୀମତୀ ରେଖା ସିହ୍ନାଙ୍କ ଠାରେ ନଭେମ୍ବର ୧୧ ତାରିଖ ଦିନ ଆଣ୍ଠୁ ର ସମ୍ପୂର୍ଣ୍ଣ ପ୍ରତିରୋପଣ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଥିଲା ।

ସେହିଭଳି ୬୭ ବର୍ଷ ବୟସ୍କା ଶ୍ରୀମତୀ ଆଶ୍ରିତା ଡୁଙ୍ଗଡୁଙ୍ଗ, ଆଇଜିଏଚରେ ନିଜର ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର କରି ଅନୁରୂପ ଭାବବିହ୍ୱଳ ମତାମତ ପ୍ରକାଶ କରିଥିଲେ । ସେ ନିଜର ଖୁସି ବ୍ୟକ୍ତ କରି କୁହନ୍ତି, ଯେ, "ଗତ ବର୍ଷ ଏହି ହସ୍ପିଟାଲରେ ମୋର ବାମ ଆଣ୍ଠୁ ପ୍ରତିରୋପଣ କରା ଯାଇଥିଲା ଏବଂ ବର୍ତ୍ତମାନ ମୋର ଡାହାଣ ଆଣ୍ଠୁ ସଫଳତାର ସହିତ ଅସ୍ତ୍ରୋପଚାର ହୋଇଛି ଏବଂ ମୁଁ ପୁଣି ଯନ୍ତ୍ରଣା ମୁକ୍ତଭାବେ ଚାଲିପାରୁଛି ।" ତାଙ୍କ ଝିଅ ସୁଶ୍ରୀ ଯୁସ୍ତା ଡୁଙ୍ଗଡୁଙ୍ଗ ଆଇଜିଏଚ୍ ଡାକ୍ତରୀ ଦଳଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି ଯେଉଁମାନେ ତାଙ୍କ ମାଆଙ୍କ ପରି ଏକାଧିକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଥିବା ରୋଗୀଙ୍କ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ପରିଚାଳନା କରିବାରେ ଉଚ୍ଚ ପାରଦର୍ଶିତା ପ୍ରଦର୍ଶନ ପୂର୍ବକ ସକ୍ଷମ ହୋଇଛନ୍ତି । ଏହି ଉଭୟ ଅସ୍ତ୍ରୋପଚାର ଅସ୍ଥିଶଲ୍ୟ ବିଶେଷଜ୍ଞ ଅର୍ଥୋପେଡିକ୍ ସର୍ଜନ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ଅତିରିକ୍ତ ସି ଏମ ଓ , ଡକ୍ଟର ଏସ କେ ତିୱାରୀ ଓ କନସଲ୍ଟାଣ୍ଟ ଡକ୍ଟର ଏସ୍ କେ ରାଉତ ତଥା ନିଶ୍ଚେତକ ବିଶେଷଜ୍ଞ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ଅତିରିକ୍ତ ସି ଏମ ଓ ଡକ୍ଟର ଏମ କେ ସାମନ୍ତରାୟ ଓ ଡାକ୍ତର ସଞ୍ଜୁକ୍ତା ପାଣିଗ୍ରାହୀଙ୍କୁ ନେଇ ଗଠିତ ଅଭିଜ୍ଞ ଡାକ୍ତରୀ ଦଳ ସମ୍ପନ୍ନ ହୋଇଥିଲା । ଆଇଜିଏଚ୍ ର ପାରାମେଡିକାଲ୍ ଏବଂ ନର୍ସିଂ ଷ୍ଟାଫ ଚିକିତ୍ସାରେ ନିପୁଣ ସହଯୋଗ ପ୍ରଦାନ କରିଥିବା ବେଳେ ଫିଜିଓଥେରାପିଷ୍ଟ ଶ୍ରୀ ପ୍ରେମାନନ୍ଦ ସ୍ୱାଇଁ ରୋଗୀଙ୍କ ଥଇଥାନରେ ସହାୟତା କରିଥିଲେ । ଆଣ୍ଠୁଗଣ୍ଠି ଅଷ୍ଟିଓଆର୍ଥ୍ରାଇଟିସ୍, କାର୍ଟିଲେଜ୍ ଅବକ୍ଷୟ ଦ୍ୱାରା ସୃଷ୍ଟି ହେଉଥିବା ଏକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଜୀବନଆୟୁ ବଢିବା ସହିତ ଏହା ସମ୍ପ୍ରତି ବହୁଳ ଲୋକଙ୍କ ଠାରେ ଦେଖାଦେଉଛି । ଗୁରୁତର ସମସ୍ୟା କ୍ଷେତ୍ରରେ ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ ଆବଶ୍ୟକ ହୋଇଥାଏ ଯାହା ଏକ ଜଟିଳ ଶଲ୍ୟ ଚିକିତ୍ସା ପଦ୍ଧତି ଅଟେ ଏବଂ ଏଥିନିମନ୍ତେ ଅଭିଜ୍ଞ ଡାକ୍ତରୀ ପାରଦର୍ଶିତା ଆବଶ୍ୟକ ହୋଇଥାଏ । ଦୁଇ ଦଶନ୍ଧି ଧରି ଆଇଜିଏଚ୍ ଏହିଭଳି ଉନ୍ନତ ଅସ୍ତ୍ରୋପଚାର ସେବା ପ୍ରଦାନ କରିବାରେ ଆଗରେ ରହିଆସିଛି । ଏହି ଡାକ୍ତରଖାନା ରୋଗୀଙ୍କୁ ଦୂରଦୂରାନ୍ତ ସ୍ଥାନରେ ଖର୍ଚ୍ଚବହୁଳ ଚିକିତ୍ସା ବଦଳରେ ଆବଶ୍ୟକୀୟ ଉନ୍ନତ ଚିକିତ୍ସା ପ୍ରଦାନ କରୁଛି । ଏହି ଡାକ୍ତରଖାନା ଏକ ବିଶ୍ୱସ୍ତ ଓ ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଭାବରେ ଜୀବନକୁ ଆହୁରି ସୁଖଦ ଏବଂ ଗତିଶୀଳତାକୁ ପୁନଃ ସ୍ଥାପିତ କରିବା ପାଇଁ ନିରନ୍ତର ଭାବେ ନିଜର ସମ୍ମାନ ପ୍ରତିଷ୍ଠା ବଜାୟ ରଖିଛି ।



# ଡିସେମ୍ବର ୬ ରେ ତ୍ରୟୋଦଶ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ ସମ୍ପର୍କରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ଜଳେଶ୍ୱର, ୨୫/୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ଓ ମ୍ୟୁନିସିପାଲଟିକୁ ନେଇ ତ୍ରୟୋଦଶ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଆୟୋଜନ ସମ୍ପର୍କରେ ପ୍ରସ୍ତୁତି ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ପୌରହିତ୍ୟ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତଙ୍କ ପରିଚାଳନାରେ ବ୍ଲକ ଅଧକ୍ଷ ମାନସ କୁମାର ଜେନା, ସାଂସଦ ପ୍ରତିନିଧି ବ୍ରଜ ମୋହନ ପ୍ରଧାନ,ବ୍ଲକ ଉପାଧକ୍ଷ ସଞ୍ଜିତା ସେନାପତି,ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ କମଳ ବିହାରୀ ଦାସ,ଜିକେ ଭଟ୍ଟର ହସପିଟାଲର ଭାରାପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଦିଲ୍ଲୀପ କୁମାର ପାତ୍ର,ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଚମ୍ପାମଣୀ ମୁର୍ମୁ ପ୍ରମୁଖ ଉପସ୍ଥିତ ହୋଇ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବାବଦରେ ଆଲୋଚନା କରିବା ସହିତ ଆସନ୍ତା ଡିସେମ୍ବର ୬ ତାରିଖ ଶୁକ୍ରବାର ସକାଳ ୮ ଘଟିକା ସମୟରେ ଜଳେଶ୍ୱର ପୌରାଞ୍ଚଳ ଅନ୍ତର୍ଗତ ଶାନ୍ତିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାର ବୈଠକରେ ସର୍ବସମ୍ମତି ନିଷ୍ପତି ନିଆଯାଇଥିଲା।ସରପଞ୍ଚ ସମିତି ସଭ୍ୟଙ୍କ ପ୍ରଶ୍ନର ଉତ୍ତର ଦେଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ପ୍ରଚୁର ଭାବେ ପ୍ରଚାର ପ୍ରସାର ପାଇଁ ଅର୍ଥାତ୍ ପ୍ରତ୍ୟେକ ଅଙ୍ଗନୱାଡ଼ି କର୍ମୀ, ପ୍ରତ୍ୟେକ ଆଶାକର୍ମୀ, ପ୍ରତ୍ୟେକ ସ୍କୁଲର ପ୍ରଧାନ ଶିକ୍ଷକ, ପଞ୍ଚାୟତ ପ୍ରତିନିଧି ମାନଙ୍କୁ ଚିଠି ଦ୍ୱାରା ଜଣାଇବା ସହ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ମାଇକ ମାଧମରେ ପ୍ରଚାର କରାଯିବ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ୍ ବୈଠକରେ ଜଣାଇଥିଲେ।ଉକ୍ତ ଶିବିରରେ ୨୧ ପ୍ରକାର ଭିନ୍ନକ୍ଷମ ପାଇଁ ଚିହ୍ନଟ କରାଯିବ ଓ ସେଥିପାଇଁ ଭିନ୍ନକ୍ଷମମାନେ ନିଜ ଅଞ୍ଚଳରେ ଥିବା ମୋ ସେବାକେନ୍ଦ୍ର ଓ ଜନସେବା କେନ୍ଦ୍ରରେ ଅନଲାଇନ୍ ପଞ୍ଜୀକରଣ କରି ଉକ୍ତ ପଞ୍ଜିକରଣ କରିଥିବା ରସିଦ ଭିନ୍ନକ୍ଷମ ଶିବିରକୁ ଘେନି ଆସିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଭିନ୍ନକ୍ଷମ ଶିବିରରେ ସମସ୍ତ ସୁବିଧା ସୁଯୋଗ ଯଥା:- ପିଇବା ପାଣି,ଖାଦ୍ୟ,ତଥା ଯେଉଁମାନେ ପଞ୍ଜିକରଣ କରି ନ ଥିବେ ସେହିଠାରେ ପଞ୍ଜିକରଣ ସୁବିଧା ଯୋଗାଇ ଦିଆ ଯିବ ବୋଲି ବିଏସଏସଓ ଶ୍ରୀମତୀ ସଲୀମା ରାଉତ ସୂଚନା ଦେଇଥିଲେ।

# ମକା ବୋଝେଇ ଟ୍ରକ ଚୋରି ମାମଲା: ଜଣେ ଗିରଫ

ଜୟପୁର, ୨୫/୧୧ (ନି.ପ୍ର): ମକା ବୋଝେଇ ଟ୍ରକ ଚୋରି ମାମଲା ରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଉମୁରି ଗ୍ରାମର ସୁବାସ ପରଜା ଏଲିୟସ କାଳିଆ । ପୋଲିସ ସୂଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ କଳାସାହାଣ୍ଡି ଗ୍ରାମର ପ୍ରକାଶ ପୁଜାରୀ ଗତ ୧୮।୧୧।୨୪ ତାରିଖରେ ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବୈପାରିଗୁଡା ଥାନା ଅନ୍ତର୍ଗତ ମୁଣ୍ଡାଗୁଡା କୁ ମକା ବୋଝେଇ ଲାଗି ଟ୍ରକ ଦେଇ ଡ୍ରାଇଭରକୁ ପଠାଇଥିଲେ । ଟ୍ରକ ଡ୍ରାଇଭର ଅର୍ଜୁନ ଭତ୍ରା ନିଜ କାଯ୍ୟରେ ବ୍ୟସ୍ତ ରହି ଅଭିଯୁକ୍ତ ବଳରାମକୁ ଟ୍ରକ ଚଲାଇବାକୁ କହିଥିଲା। ଏହାର ସୁଯୋଗ ନେଇ ବଳରାମ ମକା ବୋଝେଇ ଟ୍ରକୁ ଧରି ଚମ୍ପଟ ମାରିଥିଲା ।

# ବିର୍ଲା ଟାୟାର୍ସର ଅଶାନ୍ତ ଶ୍ରମିକମାନଙ୍କର ଚେତାବନୀ

ବାଲେଶ୍ୱର, ୨୫/୧୧ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ଶିଳ୍ପ ବିର୍ଲା ଟାୟାର୍ସ ଦୀର୍ଘ ବର୍ଷ ଧରି ବନ୍ଦ ପଡ଼ିଥିବା ଯୋଗୁଁ କାର୍ଯ୍ୟରତ ଶ୍ରମିକମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ସେମାନଙ୍କ ପରିବାର ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଅଛି।ଏଥିସହିତ ଜିଲ୍ଲାର ଅର୍ଥନୀତି ବାଧାପ୍ରାପ୍ତ ହୋଇଛି। ଦୀର୍ଘ ୩ ବର୍ଷ ୬ ମାସ ପରେ ବି ?ର୍ଲା ଟାୟାର୍ସ ଖୋଲା ଯିବାକୁ ନେଇ ଶ୍ରମିକମାନଙ୍କ ମନରେ ଖୁସିର ଆଶାର ସଂଚାର ହେଲା। ମାତ୍ର ଦୁଃଖ ଓ ପରିତାପର ବିଷୟ ପୂର୍ବରୁ କାର୍ଯ୍ୟରତ ୨୨୦୦ ଶ୍ରମିକ ୨୧ ମାସର ଦରମା ହରାଇ ଥିଲେ ମଧ ବର୍ତ୍ତମାନ ନୂତନ କର୍ତ୍ତୃପକ୍ଷ ସେମାନଙ୍କୁ ପୁନଃ ନିଯୁକ୍ତି ଦେବାପାଇଁ ସ୍ପଷ୍ଟ ମନାକରି ଦେଇଛନ୍ତି। ଏହି ଶ୍ରମିକମାନେ ନିଜର ପରିବାରକୁ ନେଇ ଗତ ୫/୧୧/୨୪ ରିଖ ଠାରୁ ଶୀତ କାକରରେ ଦିନ ରାତି କାରଖାନା ମୂଖ୍ୟ ଫାଟକ ଆଗରେ ବସିରହିଛନ୍ତି। ଅଭିଜ୍ଞତା ଥିବା କର୍ମଚାରୀଙ୍କୁ ନ ନେଇ ନୁଆ ଶ୍ରମିକମାନଙ୍କୁ ନେଇ କର୍ତ୍ତୃପକ୍ଷ କାରଖାନା ଚଳାଉଛନ୍ତି ବୋଲି ଶ୍ରମିକ ମାନେ ଅଭିଯୋଗ କରିଛନ୍ତି। ଏହା ମଧ୍ୟରେ ୩ ଥର ଜିଲ୍ଲା ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ ଓ ଶ୍ରମିକମାନଙ୍କୁ ନେଇ ବୈଠକ ହୋଇଥିଲେ ମଧ ବିଫଳ ହୋଇଛି। ଶେଷରେ ଗତ ତା ୨୦/୧୧/୨୪ ରିଖ ବୈଠକରେ ଶ୍ରମିକ ସଂଘ ନିରାଶ ହେବାପରେ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଥିବା ଆଜି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆସନ୍ତା ୨୯/୧୧/୨୪ ସୁଦ୍ଧା ଶ୍ରମିକମାନଙ୍କ ସମସ୍ୟା ସମାଧାନ ନହେଲେ ଅବସର ହୋଇ ନ ଥିବା ସମସ୍ତ ବର୍ଗର ଶ୍ରମିକ ଓ ତାଙ୍କ ପରିବାର ମ୍ୟାନେଜମେଣ୍ଟ ସମ୍ମୁଖରେ ଜାତୀୟ ରାଜପଥ ଉପରେ ବସିରହିବେ ବୋଲି ଶ୍ରମିକ ସଂଘ ଚେତାବନୀ ଦେଇଛି।

# ବିଶ୍ୱ ହିନ୍ଦୁ ପରିଷଦର ବାଲିଆପାଳ ଶାଖା ଗଠିତ



ବାଲେଶ୍ୱର, ୨୫/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳର ଡାକ ବଙ୍ଗଳାଠାରେ ନଭେମ୍ବର ୨୫ ତାରିଖ ସୋମବାର ଦିନ ଏକ ବିଶେଷ ବୈଠକରେ ବିଶ୍ୱ ହିନ୍ଦୁ ପରିଷଦର ବ୍ଲକ ସ୍ତରୀୟ ଏକ କମିଟି ଗଠିତ ହୋଇ ଯାଇଛି । ବାଲେଶ୍ୱର ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦର ସମ୍ପାଦକ ରଶ୍ମିରଞ୍ଜନ ଦାସଙ୍କ ଉପସ୍ଥିତିରେ ଗଠିତ ଏହି କମିଟିରେ ଶ୍ରୀହରି ମଣ୍ଡଳ ସଭାପତି, ସୁଧାଂଶୁ କୁମାର ପଣ୍ଡା କାର୍ଯ୍ୟକାରୀ ସଭାପତି, ସନ୍ୟାସୀ ବେହେରା ସମ୍ପାଦକ, ରୁଦ୍ରନାରାୟଣ ଦାସ ଓ ଜଗନ୍ନାଥ ଦେ ସହ-ସମ୍ପାଦକ, ଡଃ କ୍ଷିତୀଶ କୁମାର ପାଠୀ ସତସଙ୍ଗ ପ୍ରମୁଖ, ପ୍ରକାଶ କୁମାର ସାହୁ ସେବା ପ୍ରମୁଖ, ସବିତା ଦେ ମାତୃଶକ୍ତି ପ୍ରମୁଖ ଭାବେ ଦାୟିତ୍ୱ ବହନ କରିଥିବା ସମୟରେ କମିଟିର ଉପଦେଷ୍ଟା ଭାବେ ଶିବ ପ୍ରସାଦ ଅଣ୍ଡିଆ, କମଳ ଲୋଚନ ପିଳା, ରବୀନ୍ଦ୍ର ଦତ୍ତ, ଭୃଗୁରାମ ବିଶ୍ୱାଳ, ବିଜୟ କୁମାର ପାତ୍ର, ପରିକ୍ଷିତ ଦତ୍ତ ଓ ବିଶ୍ୱନାଥ ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଉଲ୍ଲେଖନୀୟ ଯେ ଏହି ବୈଠକରେ ବାଲିଆପାଳର ପୁରାତନ ସୈନିକ ସଂଗଠନ, ବରିଷ୍ଠ ନାଗରିକ ମଞ୍ଚ, ବଜରଙ୍ଗ ଦଳ, ଭାଜପା, ବାଘା ଯତୀନ ସ୍ମୃତି ପରିଷଦ, ପତଞ୍ଜଳୀ ଯୋଗ ସମିତି ସହ ବିଭିନ୍ନ ନାରୀ ସଂଗଠନର ସଦସ୍ୟ ସଦସ୍ୟା ସମେତ ଅନେକ କବି, ଲେଖକ ଓ ବିଶିଷ୍ଟ ବ୍ୟକ୍ତି ମାନେ ଅଂଶଗ୍ରହଣ କରିଥିଲେ।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନମ୍ବର ବିଡ୍ ନମ୍ବର **GEM / 2024 / B / 5637835**, ତାରିଖ: ୨୨.୧୧.୨୦୨୪ । ଭାରତ ରାଷ୍ଟ୍ରପତିଙ୍କ ତରଫରୁ ଡିୱାଇ. ମୁଖ୍ୟ ମେକାନିକାଲ୍ ଇଞ୍ଜିନିୟର୍ (ଉତ୍ପାଦନ), ଖଡ଼ଗପୁର କର୍ମଶାଳା, ଦକ୍ଷିଣ ପୂର୍ବ ରେଳବାଇ ୧୬:୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡରକୁ ଆମନ୍ତ୍ରଣ କରେ । ୨୩.୧୨.୨୦୨୪ ରେ ଆଇଟମ୍ ବିରୁଦ୍ଧରେ ଏବଂ ୧୬:୩୦ ଘଣ୍ଟାରେ ଖୋଲାଯିବ । ୨୩.୧୨.୨୦୨୪ ରେ **କାର୍ଯ୍ୟର ନାମ:** ଖଡ଼ଗପୁର କର୍ମଶାଳା ଏବଂ ଦକ୍ଷିଣ ପୂର୍ବ ରେଳର କୋଚିଂ ଡିପୋ ମଧ୍ୟରେ ଏକତ୍ରିତ ବିଜି କୋଚିଂ ଟ୍ରଲି / ବଗି ଏବଂ ବିଜି କୋଚିଂ ଚକ ପରିବହନ। **ପାଖାପାଖି GST @ 18% 2,74,29,977 / -** ସହିତ କାର୍ଯ୍ୟର ମୂଲ୍ୟ । **ରୋଜଗାରର ଅର୍ଥ (EMD):** ୨,୮୭,୧୫୦/-। **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ:** ୧୬:୦୦ ଘଣ୍ଟା । ୨୩.୧୨.୨୦୨୪ ରେ ୱେବସାଇଟ୍ ବିଶେଷତା: ଜିଏମ୍ ପୋର୍ଟାଲ୍ (ୱେବସାଇଟ୍ **https://gem.gov.in** ଆଗ୍ରହୀ ବିଡର / ଟେଣ୍ଡରକାରୀମାନେ ଟେଣ୍ଡର ଗୁଡିକର ବିବରଣୀ / ବର୍ଣ୍ଣନା / ସ୍ପେସିଫିକେସନ୍ ପାଇଁ ଜିଏମ୍ ପୋର୍ଟାଲ୍ (ୱେବସାଇଟ୍ **https://gem.gov.in)** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । ଯେକୌଣସି ପରିସ୍ଥିତିରେ, ଏହି କାର୍ଯ୍ୟ ପାଇଁ କୌଣସି ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ।

**PR-822**


# ଶାମାଖୁଣ୍ଟା ବ୍ଲକ୍‌ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ



ବାରିପଦା, ୨୫/୧୧ (ନି.ପ୍ର): ଶାମାଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ,ଗୁଣ୍ଡିହୁଡିରେ ବ୍ଲକ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କରଙ୍କର ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଡିଓ ମୁନା ସେଠୀ, ସମ୍ମାନୀତ ଅତିଥି ଭାବରେ ଡବ୍ଲୁଇଓ ସଲୋନୀ ସେଠୀ, ଗୁଣ୍ଡିହୁଡି ଗ୍ରାମପଞ୍ଚାୟତର ସରପଞ୍ଚ ମାଳତୀ ମୁର୍ମୁ ,ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଉମେଶ ଚନ୍ଦ୍ର ସିଂ, କଣ୍ଟାପାଳ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର, କେସିଏମ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନଳୀନ ଚୌଧୁରୀ, ଏବିଇଓ ରୁହ୍ୟା ସିଂ, ଏବିଇଓ ସମରଜିତ୍ ପଟ୍ଟନାୟକ ତଥା ଆବାହକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଘୋଷ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଶୀତଳ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଲଷ୍ଟରର ସିଆରସିସି ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।କୃତୀ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ରେ ଅଂଶଗ୍ରହଣ କରିଥିଲେ । ପ୍ରଧାନଶିକ୍ଷକ ରାଖାଲକୃଷ୍ଣ ମହାନ୍ତି , ପ୍ରତିମାରାଣୀ ଦାଶ, ତରୁଲତା ହରିଭକ୍ତ ବେହେରା , ରୂପାଲି ରୁପାନ୍ୱିତା ପଣ୍ଡା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ । ବିଚାରକ ଭାବେ ପ୍ରଧାନଶିକ୍ଷକ ଦିଲ୍ଲୀପ ମିଶ୍ର , ଶିକ୍ଷକ ବସନ୍ତ ଦତ୍ତ ବିଚାରକ ଭାବେ ଯୋଗ ଦେଇଥିବା ବେଳେ ଶିକ୍ଷୟିତୀ ଅତୋସୀ କୁଣ୍ଡୁ ସହଯୋଗ କରିଥିଲେ।

# ୟୁଥ ରେଡ଼କ୍ରସର ରକ୍ତ ବର୍ଗୀକରଣ କ୍ୟାମ୍ପ




ବଡ଼ସାହି , ୨୫/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ୟୁଥ ରେଡ଼କ୍ରସ ଆନୁକୂଲ୍ୟରେ ଏକ ରକ୍ତ ବର୍ଗୀକରଣ କ୍ୟାମ୍ପ (ବ୍ଲଡ଼ ଗୃପିଙ୍ଗ କ୍ୟାମ୍ପ) ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ପ୍ରଦୀପ କୁମାର ପଣ୍ଡା ଫିତା କାଟି କ୍ୟାମ୍ପର ଶୁଭ ଉଦ୍‌ଘାଟନ କରିଥିଲେ । ବଡ଼ସାହି ଡାକ୍ତରଖାନାର କର୍ମଚାରୀ କୃଷ୍ଣଚନ୍ଦ୍ର ମହାନ୍ତ, କାନୁନ କୁମାର ମିଶ୍ର, ଦିବ୍ୟଶଙ୍କର ଦାସ, ଶିବପ୍ରିୟା ସାହୁ ଏବଂ ପ୍ରାଣକୃଷ୍ଣ ଦଣ୍ଡପାଟ ପ୍ରଭୃତି +୨ ଓ +୩ ଛାତ୍ର ଛାତ୍ରୀଙ୍କ ଠାରୁ ରକ୍ତ ଗ୍ରହଣ କରି ବର୍ଗୀକରଣ କରିଥିଲେ। ୟୁଥ ରେଡ଼କ୍ରସର ଉପଦେଷ୍ଟା ଅଧ୍ୟାପକ ବିନୋଦ କୁମାର ପରିଡା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୟୁଥ ରେଡ଼କ୍ରସ ସ୍ୱେଚ୍ଛାସେବୀ ମାନେ ଏଥିରେ ସକ୍ରିୟ ସହଯୋଗ କରିଥିଲେ। ବରିଷ୍ଠ ପ୍ରାଧ୍ୟାପକ କୃପାସିନ୍ଧୁ ମହାକୁଡ଼, ପ୍ରଧାପକ ଫକୀର ଚ୍ରରଣ ସାହୁ, ଅଧ୍ୟାପିକା ରତ୍ନଲତ ବିଶ୍ୱାଳ ପ୍ରଭୃତି ଏହି କ୍ୟାମ୍ପରେ ଉପସ୍ଥିତ ରହିଥିଲେ। ୧୯୫ ଜଣ ଛାତ୍ରଛାତ୍ରୀ ରକ୍ତ ବର୍ଗକରଣ କରିଥିଲେ। ସର୍ବଶେଷରେ ଅଧ୍ୟାପକ ସଂଜୟ କୁମାର ଜେନା ଏହି କ୍ୟାମ୍ପର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାତ୍ୟା 'ଦାନା'ର କ୍ଷୟକ୍ଷତି ଆକଳନ ନେଇ କେନ୍ଦ୍ରୀୟ ଦଳଙ୍କ କ୍ଷେତ୍ର ପରିଦର୍ଶନ

ଭଦ୍ରକ , ୨୫/୧୧ (ନି.ପ୍ର): ଗତ ଅକ୍ଟୋବର ମାସରେ ଘଟିଯାଇଥିବା ବାତ୍ୟା 'ଦାନା' ଯୋଗୁଁ ପ୍ରଭାବିତ ଭଦ୍ରକ ଜିଲ୍ଲାର କ୍ଷୟକ୍ଷତି ଆକଳନ ସକାଶେ ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ତରଫରୁ ପ୍ରେରିତ କେନ୍ଦ୍ରୀୟ ଦଳ ଭଦ୍ରକରେ ପହଞ୍ଚିଛନ୍ତି। ନୂଆ ସର୍କିଟ ହାଉସ୍‌ରେ ପହଞ୍ଚିଲା ପରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ସେମାନଙ୍କୁ ପ୍ରଭାବିତ ଅଞ୍ଚଳ ବିଷୟରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ଏହି କେନ୍ଦ୍ରୀୟ ଦଳରେ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଡ. ମାନ ସିଂହ ଏବଂ ଜଳ ଶକ୍ତି ମନ୍ତ୍ରାଳୟର ନିର୍ଦ୍ଦେଶକ ସୁଶାନ୍ତ କୁମାର ସାମଲ ଭଦ୍ରକ ଆସିଛନ୍ତି। ପରେ ପରେ ସେମାନେ ଚାନ୍ଦବାଲି ବ୍ଲକ୍‌ର ଧାମରା ଅଞ୍ଚଳକୁ ଗସ୍ତ କରିଥିଲେ। ସେଠାରେ ଦୋସିଙ୍ଗା ଗ୍ରାମପଞ୍ଚାୟତର ଚନ୍ଦିନୀପାଳ ବହୁମୁଖୀ ବାତ୍ୟାଶ୍ରୟର କମ୍ୟୁନିଟି ସଦସ୍ୟ ମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ବାଂଶଡ଼ା ଗ୍ରାମପଞ୍ଚାୟତର ଚେଡ଼କ ଗାଁରେ ବାତ୍ୟା 'ଦାନା' ଯୋଗୁଁ ଘର ଭଙ୍ଗା ଜନିତ କ୍ଷୟକ୍ଷତିର ଆକଳନ କରିଥିଲେ। ସେହିପରି ଜାଗୁଲା ଗ୍ରାମପଞ୍ଚାୟତର ବାଲିସାହି ଗ୍ରାମର ବାତ୍ୟା 'ଦାନା' ଯୋଗୁଁ ଫସଲର କ୍ଷୟକ୍ଷତି ଆକଳନ କରିଥିଲେ। ଏ ସମସ୍ତ କ୍ଷେତ୍ର ପରିଦର୍ଶନ ସମୟରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ କେନ୍ଦ୍ରୀୟ ଦଳଙ୍କ ସହିତ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଭବଙ୍କ ପାଇଁ ଅଡୁଆ...

୬ ଜଣିଆ ଟିମ୍ ଯାଜପୁର ଜିଲ୍ଲା ଧର୍ମଶାଳା ବୁଢ଼ାପୋଲରେ ପହଞ୍ଚିଥିଲା। ଯେଉଁଠି ୨୦ ତାରିଖ ସଂଧ୍ୟାରେ ବିଧାୟକ ହିମାଂଶୁଙ୍କ ଉପରେ ଠେଙ୍ଗାବାଡ଼ି ଧରି ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ବିରଜା ପ୍ରକଳ୍ପ ପାଇଁ ଆନ୍ଦୋଳନ ବେଳେ ରାସ୍ତା ଉପରେ ଉପଦ୍ରବୀ ଚଳାଇଥିଲେ ଆତଙ୍କରାଜ। ସେହି ବୁଢ଼ାପୋଲକୁ ଯାଇ ସରଜମିନ ତଦନ୍ତ କରିଛି କ୍ରାଇମବ୍ରାଞ୍ଚ ଟିମ୍। ଏହାବ୍ୟତୀତ ସଦର ଥାନା ଓ ଟାଉନଥାନାକୁ ଯାଇ ମଧ କ୍ରାଇମବ୍ରାଞ୍ଚର ୬ ଜଣିଆ ଟିମ୍ ପୁଲିସ ପାଖରୁ ତଥ୍ୟ ସଂଗ୍ରହ କରିଛି। କାରଣ ହିମାଂଶୁଙ୍କୁ ହମଲା ସହ ସେଦିନ ରାତି ଯାଜପୁର ଟାଉନ୍ ଥାନା ଘେରାଉ ଏବଂ ୨୧ ତାରିଖରେ ବିରଜା ହାଟ ପାଖରେ ରାସ୍ତାରୋକ ଘଟଣାକୁ ନେଇ ମାମଲା ରହିଛି। ତଦନ୍ତର ପ୍ରଥମ ଦିନରେ ଆଜି ଏହି ୩ଟି ମାମଲା ଉପରେ ଫୋକସ୍ ରଖିବା ସହ ସରଜମିନ ତଦନ୍ତ କରି ସାକ୍ଷ୍ୟ ପ୍ରମାଣ ସଂଗ୍ରହ କରିଛନ୍ତି କ୍ରାଇମବ୍ରାଞ୍ଚ ଟିମରେ ଥିବା ୨ ଡିଏସ୍‌ପି ଓ ଜଣେ ଇନିସପେକ୍ଟର। ବିରଜା ହାଟ ଗଣ୍ଡଗୋଳ ସହ ରାସ୍ତାରୋକ ଓ ବ୍ୟବସାୟୀଙ୍କୁ ଆକ୍ରମଣ ଅଭିଯୋଗ ମାମଲାରେ ଉଭୟ ଟାଉନ ଥାନା ଏବଂ ସଦର ଥାନାରେ ରୁଜୁ ହୋଇଛି ମୋଟ ୧୭ଟି ମାମଲା। ଗିରଫ ହୋଇଛନ୍ତି ୧୯ ଜଣ। ତାହାରି ଭିତରେ ପୂର୍ବତନ ବିଜେଡି ବିଧାୟକ ପ୍ରଣବ ଦାସଙ୍କ ଭାଇ ଭବପ୍ରକାଶ ଓରଫ୍ ଲଲ ଦାସଙ୍କ ନାଁରେ ଯୋଡ଼ି ହେବାରେ ଲାଗିଛି ଗୋଟିଏ ପରେ ଗୋଟିଏ ମାମଲା। ପୂର୍ବରୁ ପରିବା ବ୍ୟବସାୟୀ ମଦନ ନାଏକଙ୍କୁ ଆକ୍ରମଣ ଓ ସାମଗ୍ରୀ ନଷ୍ଟ ଅଭିଯୋଗ ମାମଲାରେ ଜେଲରେ ଅଛନ୍ତି ଭବ। ଆଜି ପୁଲିସ ପକ୍ଷରୁ ଆବେଦନ ପରେ ଝଉଔଗଙ୍କ କୋର୍ଟରେ ଆଉ ୩ଟି ମାମଲା ଯୋଡ଼ି ହୋଇଛି। ଟାଉନ ଥାନା ଘେରାଉ, ବିରଜା ହାଟରେ ରାସ୍ତାରୋକ ଏବଂ ଆଉ ଜଣେ ପରିବା ବ୍ୟବସାୟୀଙ୍କୁ ଆକ୍ରମଣ ଅଭିଯୋଗରେ ହୋଇଛି ୩ଟି ମାମଲା। ଅପରପକ୍ଷେ ୨୩ ତାରିଖରୁ ଗିରଫ ହୋଇଥିବା ଲଲଙ୍କ ସ୍ୱାସ୍ଥ୍ୟ ଭଲ ନଥିବାରୁ ମେଡ଼ିକାଲ ପଠାଇବାକୁ ଆଜି କୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟ ଜେଲ କର୍ତ୍ତୃପକ୍ଷଙ୍କୁ ଲଲଙ୍କ ସ୍ୱାସ୍ଥ୍ୟବସ୍ଥା ସଂପର୍କିତ ଷ୍ଟାଟସ୍ ରିପୋର୍ଟ ମାଗିଥିବା ସୂଚନା ମିଳିଛି।

## ପାର୍ଲାମେଣ୍ଟରେ ଆଦାନୀ...

ମାତ୍ର ଗୋଟିଏ ମିନିଟରେ ଲୋକସଭାକୁ ମୁଲତବୀ ଘୋଷଣା କରିଛନ୍ତି ବାଚସ୍ପତି । ଆଜି ଦିନ୧୧ଟାରେ ଲୋକସଭା ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ଶୋକପ୍ରସ୍ତାବ ଆଗତ କରିଥିଲେ ବାଚସ୍ପତି । ଏହାପରେ ଆଦାନୀ ପ୍ରସଙ୍ଗରେ ବିରୋଧୀ ହଙ୍ଗାମା କରିଥିଲେ । ବାଚସ୍ପତି ପ୍ରଥମେ ଗୃହକୁ ୧୧ଟା ୦୫ ଓ ପରେ ୧୨ ଯାଏଁ ମୁଲତବୀ ଘୋଷଣା କରିଥିଲେ । ବିରୋଧୀଙ୍କ ହଙ୍ଗାମାକୁ ଚେକ ଦେବାକୁ ବିଜେପି ସଦସ୍ୟ ମୋଦି-ମୋଦି ନାରା ଲଗାଇଥିଲେ । ୧୨ଟା ପରେ ହଙ୍ଗାମା ଜାରି ରହିବାରୁ ଗୃହକୁ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି । ରାଜ୍ୟସଭାରେ ବି ଆଜି ଆଦାନୀ ପ୍ରସଙ୍ଗରେ ଜୋରଦାର ହଙ୍ଗାମା କରିଛି କଂଗ୍ରେସ ଓ ବିରୋଧୀ ସଦସ୍ୟ । ଆଦାନୀ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ପାଇଁ ବିରୋଧୀ ୧୩ଟି ନୋଟିସ ଦେଇଥିଲେ । ରାଜ୍ୟସଭା ଅଧକ୍ଷଙ୍କୁ ସବୁ ନୋଟିସରୁ ଅଗ୍ରାହ୍ୟ କରି କଂଗ୍ରେସ ସଦସ୍ୟ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ କହିବା ପାଇଁ ସୁଯୋଗ ଦେଇଥିଲେ । ଖଡଗେ କହିଥିଲେ, ଅଦାନୀ ଉପରେ ଆମେରିକା ଆଣିଥିବା ଅଭିଯୋଗ ଗମ୍ଭୀର । କିନ୍ତୁ ଅଧକ୍ଷ ଏସମ୍ପର୍କିତ ନୋଟିସ ଅଗ୍ରାହ୍ୟ ହୋଇଥିବାରୁ ପ୍ରସଙ୍ଗ ଉଠାଯାଇପାରିବ ନାହିଁ କହିଥିଲେ । ଏହାର ପ୍ରତିବାଦରେ ବିରୋଧୀ ତାତିଥିଲେ ଓ ଗୃହରେ ହଙ୍ଗାମା କରିଥିଲେ । ଫଳରେ ଗୃହକୁ ପ୍ରଥମ ୧୧.୪୫ ଓ ପରେ ମୁଲତବୀ ଘୋଷଣା କରାଯାଇଥିଲା । ଆଦାନୀ ପ୍ରସଙ୍ଗରେ ବିରୋଧୀ ଗୃହରେ ଆଲୋଚନା କରିବା ସହ ମିଳିତ ସଂସଦୀୟ କମିଟି ଗଠନ କରିବାକୁ ଦାବି କରୁଛନ୍ତି ।

## ଦିଲ୍ଲୀ ଗଲେ...

ଦେବେନ୍ଦ୍ର ଫଡନାଭିସଙ୍କୁ ମୁଖ୍ୟମନ୍ତ୍ରୀ ହେବା ପାଇଁ ଅଜିତ ପାୱାର ଗୋଷ୍ଠୀ ସମର୍ଥନ ଜଣାଇଥିଲେ ମଧ ଶିବସେନାର ସିନ୍ଦେ ଗୋଷ୍ଠୀ ଏବେ ଏହାକୁ ଗ୍ରହଣ କରିପାରୁନାହାନ୍ତି। ଏହା ମଧ୍ୟରେ ଦେବେନ୍ଦ୍ର ଫଡନାଭିସ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ଏକନାଥ ସିନ୍ଦେ ଏବଂ ଅଜିତ ପାୱାର ମଧ ସନ୍ଧ୍ୟା ସାଢ଼େ ୭ଟାରେ ଦିଲ୍ଲୀ ଯିବେ। ସୂଚନା ଅନୁଯାୟୀ, ଦେବେନ୍ଦ୍ର ଫଡନାଭିସ ଦିଲ୍ଲୀରେ ପହଞ୍ଚିଛନ୍ତି। ତେବେ ଏକ ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମପାଇଁ ସେ ଦିଲ୍ଲୀ ଯାଇଛନ୍ତି ବୋଲି କୁହାଯାଉଛି। ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଝିଅଙ୍କ ବିବାହ ଉତ୍ସବରେ ଯୋଗ ଦେବାକୁ ଦେବେନ୍ଦ୍ର ଫଡନାଭିସ୍ ଦିଲ୍ଲୀ ଯାଉଛନ୍ତି। ଦେବେନ୍ଦ୍ର ଫଡନାଭିସ୍, ଏକନାଥ ସିନ୍ଦେ ଏବଂ ଅଜିତ ପାୱାର ଓମ୍ ବିର୍ଲାଙ୍କ ଦ୍ୱାରା ଆୟୋଜିତ ଏକ ଘରୋଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହାପରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ ବିଳମ୍ବିତ ରାତିରେ ବୈଠକ ହେବାର ସମ୍ଭାବନା ରହିଛି।

## ସମ୍ବିଧାନରୁ ହଟିବନି ...

'ସମାଜବାଦୀ', 'ଧର୍ମନିରପେକ୍ଷ' ଓ 'ଅଖଣ୍ଡତା' ଶବ୍ଦକୁ ଯୋଡ଼ାଯାଇଥିଲା। ହେଲେ 'ସମାଜବାଦୀ' ଓ 'ଧର୍ମନିରପେକ୍ଷ' ଶବ୍ଦ ହଟାଇବାକୁ ନିକଟରେ ସୁପ୍ରିମକୋର୍ଟରେ ପିଟିସନ ଦାଖଲ କରିଥିଲେ ବିଜେପିର ପୂର୍ବତନ ରାଜ୍ୟସଭା ସାଂସଦ ସୁବ୍ରମଣ୍ୟନ ସ୍ୱାମୀ, ସମାଜ ସେବୀ ବଳରାମ ସିଂହ ଓ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ। ଶୁକ୍ରବାର ଏହି ମାମଲା ଉପରେ ରାୟ ସଂରକ୍ଷିତ ରଖିଥିଲେ ସୁପ୍ରିମକୋର୍ଟ। ହେଲେ ଆଜି ଏହି ପିଟିସନ ଗୁଡ଼ିକୁ ଖାରଜ କରି ଏତେ ବର୍ଷ ପରେ କାହିଁକି ଏହି ମାମଲାକୁ ଗୁରୁତ୍ୱ ଦେବାକୁ ଚେଷ୍ଟା କରାଯାଉଛି ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ସଂଜୀବ ଖାନ୍ନା ପ୍ରଶ୍ନ କରିଛନ୍ତି। ଏହି ପିଟିସନ ଗୁଡ଼ିକୁ ଖାରଜ କରି ଖଣ୍ଡପୀଠ କହିଛନ୍ତି ଯେ ଏହି ପିଟିସନ ଉପରେ ବିସ୍ତାର ଭାବେ ଶୁଣାଣି କରିବାର ଆବଶ୍ୟକତା ନାହିଁ। ସମାଜବାଦ ଓ ଧର୍ମନିରପେକ୍ଷ ଭଳି ଶବ୍ଦ ୧୯୭୬ ମସିହାରେ ସମ୍ବିଧାନ ସଂଶୋଧନ ଜରିଆରେ ଏଥିରେ ଯୋଡ଼ା ଯାଇଥିଲା। ଏହା ୧୯୪୯ରେ ନିର୍ଦ୍ଧାରଣ ହୋଇଥିବା ସମ୍ବିଧାନ ଉପରେ କୌଣସି ପ୍ରଭାବ ପକାଉନାହିଁ। ତେବେ ସଂବିଧାନର ଅନୁଚ୍ଛେଦ ୩୬୮ ଏଥିରେ ସଂଶୋଧନ କରିବା ପାଇଁ ସଂସଦକୁ ଅନୁମତି ଦେଉଛି ବୋଲି କହିଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ଖାନ୍ନା।

## ଦୁର୍ଘଟଣାରେ ...

ଯାଉଥିବା ବେଳେ ଏକ ପିକ୍‌ଅପ୍ ଭ୍ୟାନ ଆସି ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ଶୁଭମରାଜଙ୍କ ମୃତ୍ୟୁ ହୋଇଥିବାବେଳେ ଗୁରୁତର ଦିବ୍ୟରଞ୍ଜନ ପଣ୍ଡାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଖନ୍ତାପଡା ପୋଲିସ ଆସି ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରି ଦୁର୍ଘଟଣା ଘଟଣାଇ ଥିବା ପିକଅପ ଭ୍ୟାନ ଓ ବାଇକ ଜବତ କରିଛନ୍ତି ।

## ଆଜି ବିଧାନସଭା: ପୁଳାପୁଳା...

ମାଝୀ ଓଡ଼ିଶା ଜିଏସଟି(ଦ୍ୱିତୀୟ ସଂଶୋଧନ) ଅଧ୍ୟାଦେଶ-୨୦୨୪କୁ ଗୃହରେ ଉପସ୍ଥାପନ କରିବେ। ଦ୍ୱିତୀୟାର୍ଦ୍ଧରେ ଗୃହରେ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଗତ କରିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତାକାଲିଠୁ ବିଧାନସଭାର ଶୀତ ଅଧିବେଶନର ସୁପରିଚାଳନା ନିମନ୍ତେ ବାଚସ୍ପତି ସୁରମା ପାଢ଼ୀ ଆଜି ସର୍ବଦଳୀୟ ବୈଠକ ଡାକିଥିଲେ । ଆଜିର ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଯୋଗ ଦେଇଥିଲେ। ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ, ବିଧାନସଭାର ଶୀତ ଅଧିବେଶନରେ ଗୃହ ସୁପରିଚାଳନା ନିମନ୍ତେ ଆଜି ଆଲୋଚନା ହୋଇଛି। ସବୁ ଦଳର ନେତାମାନେ ସହଯୋଗ ଦେବେ ବୋଲି କହିଛନ୍ତି। ଏହି ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଆଜି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ବିଜେଡି ବିଧାୟକ ଦଳର ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ବରିଷ୍ଠ ବିଧାୟକ ଅରୁଣ ସାହୁ କହିଛନ୍ତି ଯେ, ଗୃହରେ ଲଢ଼େଇ କରିବା ପାଇଁ ବିରୋଧୀ ଦଳ ନେତା ନିର୍ଦ୍ଦେଶ ଦେଇଛନ୍ତି। ବିଧାନସଭାରେ ସମସ୍ତ ବିଜେଡି ବିଧାୟକ ଉପସ୍ଥିତ ରହିବେ। ବିଧାନସଭା ପ୍ରସଙ୍ଗର ତାଲିକା କଲେ ରାତି ପାହିଯିବ। ବିଧାନସଭାରେ ଲୋକଙ୍କ ସ୍ୱର ହେବ ବିଜେଡି। ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ ୬ମାସରେ କ'ଣ କାମ କରିଛନ୍ତି କି ନାହିଁ କିଭଳି ଲୋକଙ୍କୁ ଭୁଆଁ ବୁଲାଇଛନ୍ତି ସେସବୁ କଥା ବିଧାନସଭାରେ ବିଜେଡି ଉଠାଇବ । ଆତ୍ମଟାକୁଆ, ଚୋରି ଡକାୟତି ଭଳି ଘଟଣା କରି ଇତିହାସର ପୁନରାବୃତ୍ତି କରିଛନ୍ତି ସରକାର। ଯାହା ୨୪ବର୍ଷରେ ଘଟିନଥିଲା ତାହା ବିଜେପି ସରକାରରେ ହୋଇଛି। ଶୂନ୍ୟକାଳ, ଖର୍ଚ୍ଚଦାବି ଆଲୋଚନାରେ ଭାଗ ନେବା ସହ ସରକାର ଯେଉଁ ବିଲ୍ ଆଣିବେ ସେଥିରେ ଦଳ ତା'ର ମତ ରଖିବ। ଓଡ଼ିଶା ବିଧାନସଭା ଇତିହାସରେ ବିଜେଡି ହେଉଛି ସବୁଠୁ ସୁଦୃଢ଼ ବିରୋଧୀ ଦଳ। ଆଗରୁ ଲୋକଙ୍କ ପାଇଁ ଯେମିତି କାମ କରାଯାଉଥିଲା ସେମିତି ଆଗକୁ ମଧ କରାଯିବ। ରାଜ୍ୟରେ ସରକାର ନାହିଁ ବୋଲି ସାଧାରଣ ଲୋକେ ଅନୁଭବ କରୁଛନ୍ତି। ଜୁନରୁ ଅକ୍ଟୋବର ଭିତରେ ୧୨୫୬ଜଣ ମହିଳା ଶୋଷଣ ହୋଇଛନ୍ତି। ଲୋକେ ରାସନ ବିକ୍ରି କରୁଛନ୍ତି ବୋଲି ବିଜେପି ମନ୍ତ୍ରୀମାନେ ସ୍ୱୀକାର କରଉଛନ୍ତି। ବାତ୍ୟା ଦାନାବେଳେ ବିଜେପି କର୍ମୀଙ୍କୁ ୪ଟା ବିସ୍କୁଟ ଓ ବିଜେଡି କର୍ମୀଙ୍କୁ ଗୋଟିଏ ବିସ୍କୁଟ ଦିଆଗଲା। ବିଧାନସଭା ଆରମ୍ଭ ହେଉ ଲଢ଼େଇ ଦେଖିବେ ବୋଲି ବିଜେଡି କହିଛି । ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଅଧକ୍ଷତାରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ ପରେ ଶ୍ରୀ କାଡାମ କହିଛନ୍ତି ଯେ, ଶୀତ ଅଧିବେଶନରେ ଦଳ ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରିବାକୁ ଆଜି ନିଷ୍ପତ୍ତି ନିଆଯାଇଛି। କନ୍ଧମାଳରେ ଅନାହାର ମୃତ୍ୟୁ, ବଲାଙ୍ଗୀର ଓ ରାୟଗଡ଼ାରେ ଶିଶୁବିକ୍ରି, ଗନ୍ଧମାର୍ଦ୍ଦନ ପର୍ବତକୁ ଅଦାନୀକୁ ଟେକିଦେବା, ନିଟ ପରୀକ୍ଷାରେ ଅନିୟମିତତା, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଦାନା ବାତ୍ୟା କ୍ଷୟକ୍ଷତି ଆକଳନରେ ଅନିୟମିତତା, ପେସା ଆଇନ ଓ ଆଦିବାସୀ ପ୍ରସଙ୍ଗ, ବେରୋଜଗାର ଓ ଦରଦାମ ବୃଦ୍ଧି ଭଳି ପ୍ରସଙ୍ଗକୁ ଗୃହରେ ଶାଣିତ ଢଙ୍ଗରେ ଉତଥାପନ କରାଯିବ ବୋଲି ଶ୍ରୀ କାଡାମ କହିଛନ୍ତି। ତେବେ ଶାସକ ବିଜେପି ମଧ ଏସବୁ ପ୍ରସଙ୍ଗକୁ ସାମ୍ନା କରିବା ପାଇଁ ରଣନୀତି ପ୍ରସ୍ତୁତ କରିଛି। ଆଜି ବିଧାୟକ ଦଳ ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଶୀତ ଅଧିବେଶନ ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି।

ମଙ୍ଗଳବାର, ୨୬ ନଭେମ୍ବର , ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବାସୁଦେବପୁର ପୌରପାଳିକାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ବାସୁଦେବପୁର, ୨୫/୧୧ (ନି.ପ୍ର): ବାସୁଦେବପୁର ପୌର ପାଳିକାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅଟଳ ବିହାରୀ ହାଇସ୍କୁଲ ପରିସରରେ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ସଧାରଣ ସଭା ସନ୍ଧ୍ୟାରେ ଅନୁଷ୍ଠିତ ହୋଇ ଥିଲା । ଏହି ଉତ୍ସବରେ ପୌର ପାଳିକା ର ଅଧକ୍ଷା ନିବେଦିତା ବେହେରା ସଭାପତିତ୍ୱ କରିଥିଲେ । ଓଡିଶା ସରକାର ଙ୍କ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ଓ ସ୍ୱାଧୀନତା ସଂଗ୍ରାମର ମାଟି ବାସୁଦେବପୁର କୁ ଉଚ୍ଚ ପ୍ରଶଂସା କରିଥିଲେ । ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ପୌର ପାଳିକା ର କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସମସ୍ତ ଅତିଥି ମାନଙ୍କୁ ଉପଢ଼ୌକନ ଓ ଫୁଲ ତୋଡା ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ମାନ୍ୟବର ମନ୍ତ୍ରୀ ପୌର ପାଳିକା ର ନୂତନ ବିଲ୍ଡିଂ ଘର ଓ କାର୍ଯ୍ୟାଳୟ ଉଦଘାଟନ କରିଥିଲେ । ସକାଳେ ଏହି ଅବସରରେ ଗଣ ଦୌଡ, ଜାତୀୟ ପତାକା ଉତ୍ତୋଳନ, ରୋଗୀ ମାନଙ୍କୁ ମେଡ଼ିକାଲରେ ଫଳ ବଣ୍ଟନ ପ୍ରଭୃତି କାର୍ଯ୍ୟ କ୍ରମ କରା ଯାଇଥିଲା ।ଏହି ଉତ୍ସବରେ ବିଶିଷ୍ଟ ଶିଳ୍ପପତି ଓ ସମାଜ ସେବୀ ଶୁଭେନ୍ଦୁ ଭୂଷଣ ବେହେରା, ଉପାଧକ୍ଷ ଉତ୍ତମ ବାରିକ, କାଉନ ସିଲର ଭକ୍ତ ରଞ୍ଜନ ପଟ୍ଟନାୟକ, ଜଗବନ୍ଧୁ ଦାସ, ଜୟନ୍ତୀ ସାହୁ, କାର୍ତ୍ତିକ ଖିଲାର, ବିଜେପି ନେତା ବାଣୀ କଲ୍ୟାଣ ମହାନ୍ତି, ଉଦୟ ନାରାୟଣ ମଲ୍ଲିକ, ଆଇନଜୀବୀ ଇଂଜିନିୟର ନୀରଦ କୁମାର ଦାଶ, ଶହୀଦ ତୀର୍ଥଯାତ୍ରୀ ସଂଘ ର ପ୍ରତିଷ୍ଠାତା ବୈଲୋଚନ ଜେନା, ମହେଶ୍ୱର ଧଳ, ସୁବ୍ରତ ଧଳ ପ୍ରମୁଖ ଯୋଗ ଦେଇଥିଲେ । ଏହି ଉତ୍ସବରେ ଓଡ଼ିଶୀ ନୃତ୍ୟ,ମେଲୋଡି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇ ଥିଲା ।

## ଗୋଆରେ ସ୍କ୍ରିନିଂ ହେଲା ଓଡିଆ ଫିଲ୍ମ 'ରଂଗଶୁର'ର ଟ୍ରେଲର



ଭୁବନେଶ୍ୱର, ୨୫/୧୧ (ନି.ପ୍ର): ବିଗତ କିଛି ଦିନ ହେବ ଓଡିଆ ଚଳଚିତ୍ର ପ୍ରତି ଲୋକଙ୍କର ରୁଚି ବଢିବା ସହିତ ବଡ ପରଦାରେ ମଧ ଭଲ ବ୍ୟବସାୟ କରୁଛି ଓଡିଆ ଫିଲ୍ମ । ଚଳଚିତ୍ର ପାଇଁ ସବୁଠୁ ମୁଖ୍ୟ ବିଷୟ ଏବେ ପାଲଟିଛି ଭିନ୍ନ ଓ ବାସ୍ତବବାଦ କାହାଣୀ । ଆଗକୁ ଆହୁରି ଭଲ ଭଲ ଫିଲ୍ମ ମୁକ୍ତିଲାଭ କରିବାକୁ ଯାଉଥିବେ ବେଳେ ଆନ୍ତର୍ଜାତୀୟ ସ୍ତରରେ ପ୍ରସଂଶା ସାଉଁଟିଛି ଓଡିଆ ନୂଆ ଫିଲ୍ମ 'ରଂଗଶୁର'ର ଟ୍ରେଲର । ନିକଟରେ ଗୋଆରେ ଆୟୋଜନ ହୋଇଥିବା ଆଇଏଫଏଫଆଇ ଫିଲ୍ମ ବଜାର ଓ ଆଇଏମପିପିଏରେ ରିଲିଜ କରାଯାଇଛି ଆସିବାକୁ ଯାଉଥିବା ଓଡିଆ ଫିଲ୍ମ 'ରଂଗଶୁର'ର ଟ୍ରେଲର । ଟ୍ରେଲରଟି ରାଜନିତୀଜ୍ଞ ଓ ଚଳଚିତ୍ର କ୍ଷେତ୍ରରେ ଥିବା ବିଶିଷ୍ଟ ବ୍ୟକ୍ତିଙ୍କ ପାଖରୁ ଢେର ପ୍ରସଂଶା ସାଉଁଟିବା ସହିତ ଏହାକୁ ଆନ୍ତର୍ଜାତୀୟ ସ୍ତରରେ ରିଲିଜ କରାଯିବା ପାଇଁ ଉଦ୍ୟମ କରାଯାଉଛି । ମୁନ ଟିଭି , ପ୍ରକାଶ ଫିଲ୍ମ ଓ ମ୍ୟାକ୍ସିମିଆ ଫିଲ୍ମ ଏହାର ପ୍ରଯୋଜନା ଭାର ସମ୍ଭାଳିଛି । ଏହି ଆୟୋଜନରେ ପ୍ରଯୋଜକ ପ୍ରଶାନ୍ତ ବେହେରା, ସୁନୀଲ ଯାଦବ ଓ ନିର୍ଦ୍ଦେଶକ ପ୍ରତାପ ରାଉତ ଉପସ୍ଥିତ ରହିଥିଲେ । ପ୍ରକାଶ ଫିଲ୍ମ ତରଫରୁ 'ତୁଝା ଆଇଲା' ନାମକ ମରାଠୀ ଫିଲ୍ମର ମଧ ଶୁଭ ଉନ୍ମୋଚନ କରାଯାଇଛି । ଫିଲ୍ମଟି ୨୦୨୫ ମକର ସଂକ୍ରାନ୍ତି ଉପଲକ୍ଷେ ରିଲିଜ ହେବାର ରହିଛି । ଏହି ଚଳଚ୍ଚିତ୍ର ର ସଂଳାପ ରଚନା କରିଛନ୍ତି ଡ ରଜନୀ ରଞ୍ଜନ।

## ସବୁ ପ୍ରସଙ୍ଗ ସାମ୍ନା କରିବାକୁ ସରକାର ପ୍ରସ୍ତୁତ-ମୁକେଶ ମହାଲିଙ୍ଗ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ବିରୋଧୀ ଦଳ ଯେଉଁ ସବୁ ପ୍ରସଙ୍ଗ ଉଠେଇବେ ତାକୁ ସାମ୍ନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି ସଂସଦୀୟ ବ୍ୟାପର ମନ୍ତ୍ରୀ ମୁକେଶ ମହାଲିଙ୍ଗ । ଆଜି ବିଧାୟକ ଦଳ ବୈଠକରେ ଆଲୋଚନା ହୋଇଛି । ବିଧାନସଭାରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରଖି ଆଲୋଚନା ହେବ । ଏହା ସହ ସରକାରଙ୍କ ପାଂଚ ମାସର ଉପଲବ୍ଧି ମଧ ରଖିବେ ସରକାର । ଆଇନଶୃଙ୍ଖଳା ଏକ ପ୍ରସଙ୍ଗ ନୁହଁ ପୂର୍ବ ସରକାରରେ ଯେଉଁଳି ସ୍ଥିତି ସୃଷ୍ଟି ହୋଇଥିଲା ତାହା ନାହିଁ । ସୁଭଦ୍ରାରେ ଆମେ ୮୦ ଲକ୍ଷ ମହିଳାଙ୍କୁ ସାମିଲ କଲୁଣି । ଶୀତ ଅଧିବେଶନ ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

## ବାତ୍ୟା ଦାନା କ୍ଷୟକ୍ଷତି ସମୀକ୍ଷା ନିମନ୍ତେ ଆନ୍ତଃମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ର ବାଲେଶ୍ୱର ଗସ୍ତ



ବାଲେଶ୍ୱର, ୨୫/୧୧ (ନି.ପ୍ର): ଦିନିକିଆ ବାଲେଶ୍ୱର ଗସ୍ତରେ ଆସି ଆନ୍ତଃମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ ଆଜି ବାଲେଶ୍ୱର ଜିଲ୍ଲାର ବାତ୍ୟା ଦାନାରେ ବିଶେଷ ଭାବେ ପ୍ରଭାବିତ ସୋର, ସିମୁଳିଆ ଓ ସଦର ବ୍ଲକ ଗୁଡ଼ିକୁ ପରିଦର୍ଶନ କରିଛନ୍ତି। ଉକ୍ତ ଗସ୍ତ ସମୟରେ ଗୃହ ମନ୍ତ୍ରାଳୟର ଯୁଗ୍ମ ସଚିବ ଶ୍ରୀ ପି କେ ରାୟଙ୍କ ନେତୃତ୍ୱରେ ଏହି ଚାରି-ଜଣିଆ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପ୍ରଭାବିତ ଅଞ୍ଚଳଗୁଡୀକୁ ବ୍ୟାପକ ପରିଦର୍ଶନ କରିଥିଲେ ଏବଂ କ୍ଷୟକ୍ଷତିର ପରିମାଣ ଏବଂ ଆବଶ୍ୟକ ଥଇଥାନ ପଦକ୍ଷେପର ମୂଲ୍ୟାଙ୍କନ କରିବା ପାଇଁ ପ୍ରଭାବିତ ଜନସାଧାରଣଙ୍କ ସହିତ ଆଲୋଚନା କରିଥିଲେ। ଏହି ଦଳରେ ବ୍ୟୟ ବିଭାଗ, ଅର୍ଥ ମନ୍ତ୍ରଣାଳୟର ଉପନିର୍ଦ୍ଦେଶକ ଶ୍ରୀ ମହେଶ କୁମାର, ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ବାଲାଜୀ କେ ଏମ ଏବଂ ଓଡ଼ିଶା ସରକାରଙ୍କ ପାନୀୟ ଜଳ ଓ ପରିମଳ ବିଭାଗର ନିର୍ଦ୍ଦେଶକ ଶ୍ରୀ ଭିନୀତ ଭରଦ୍ୱାଜ ଉପସ୍ଥିତ ଥିଲେ । ଏହି ସମୀକ୍ଷାରେ ସଡ଼କ, ବିଦ୍ୟୁତ ଯୋଗାଣ, ରିଲିଫ ବଣ୍ଟନ ଏବଂ ଘର କ୍ଷୟକ୍ଷତି ସମେତ ଭିତ୍ତିଭୂମିର କ୍ଷତି ବିଷୟରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହିତ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଟିମ୍ ବିଶେଷ କରି କୃଷି ଜମି ଓ ଫସଲ ଉପରେ ପଡୁଥିବା ପ୍ରଭାବ ଉପରେ ଗୁରୁତ୍ୱାରୋପ କରିବା ସହିତ ଆବାସିକ ସମ୍ପତ୍ତିର କ୍ଷୟକ୍ଷତି ଓ ବାସିନ୍ଦାଙ୍କ ବିସ୍ଥାପନ ବିଷୟରେ ପଚାରି ବୁଝିଥିଲେ । ବାତ୍ୟା ପରବର୍ତ୍ତୀ ସମୟରେ ଅତ୍ୟାବଶ୍ୟକ ସେବା ଓ ରିଲିଫ ବଣ୍ଟନର ସ୍ଥିତି ସହିତ ପଶୁଧନର କ୍ଷତି ଓ ମତ୍ସ୍ୟଚାଷ ଜନିତ ପ୍ରଭାବ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହି ଗସ୍ତ ସମୟରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ଶ୍ରୀ ରାଜ ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ସାଇ କୃଷ୍ଣ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ, ସହକାରୀ କଲେକ୍ଟର ଶ୍ରୀ ଅମ୍ଳାନ ନାୟକ ଏବଂ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ମିକ୍ସଡ ଡବଲରେ ଓଡିଆ ଖେଳାଳିଙ୍କ କମାଲ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ମିକ୍ସଡ ଡବଲରେ ଓଡିଆ ଖେଳାଳିଙ୍କ କମାଲ। କମାଲ କଲେ ଓଡ଼ିଆ ଝିଅ ବିଶାକା ଟୋପୋ। ଏହା ସହିତ ଓଡ଼ିଶା ନୂଆ ଇତିହାସ ରହିଛି। ପ୍ରଥମ ଥର ପାଇଁ ଓଡ଼ିଶାର ଜଣେ ଖେଳାଳି ଅଣ୍ଡର ୧୯ ଜାତୀୟ ଚାମ୍ପିଅନସିପରେ ଚାମ୍ପିଅନ ହୋଇଛନ୍ତି। ମିଜୋରାମର ସାଙ୍ଗା ଓ ଓଡ଼ିଶାର ବିସାକାଙ୍କ ଯୋଡି ଚାମ୍ପିଅନ ହୋଇଛନ୍ତି। ଆନ୍ଧ୍ରପ୍ରଦେଶର ବି ଆର୍ ଆରିଗେଲା ଓ ତେଲେଙ୍ଗାନାର କେ ଭେନ୍ନାଲାଙ୍କୁ ତୃତୀୟ ସେଟରେ ୨୧-୧୮ରେ ପରାଜୟ କରି ଚାମ୍ପିଅନ ହୋଇଥିଲେ। ପ୍ରଥମ ସେଟ୍ ୨୧-୧୬ ସ୍କୋର ହୋଇଥିବା ବେଳେ ଦ୍ୱିତୀୟ ସେଟରେ ୧୦-୨୧ ହୋଇଥିଲା । ଯାହାଫଳରେ ତୃତୀୟ ସେଟ୍ ଖେଳାଯାଇଥିଲା ଏବଂ ତୃତୀୟ ସେଟରେ ବିଶାକା ଓ ସାଙ୍ଗାଙ୍କ ଯୋଡି ଚାମ୍ପିଅନ ହୋଇଥିଲେ।

## ଆଭାସୀ ମଞ୍ଚରେ ମହାପ୍ରଭୁଙ୍କ ସ୍ନାନ ବେଦୀ ମାହାତ୍ମ୍ୟ ବର୍ଣ୍ଣନା

ନୀଳଗିରି, ୨୫/୧୧ (ନି.ପ୍ର): ମହାସ୍ନାନ, ଦେବସ୍ନାନ, ଯାତ୍ରାଙ୍ଗୀ ସ୍ନାନ, ବିଶ୍ୱସ୍ନାନ, ଦର୍ପଣ ସ୍ନାନ ଭେଦରେ ମହାପ୍ରଭୁଙ୍କର ବିବିଧ ସ୍ନାନ ବ୍ୟବସ୍ଥା ରହିଅଛି । ଅକ୍ଷୟ ତୃତୀୟା, ସ୍ନାନ ଯାତ୍ରା, ଶ୍ରୀଗୁଣ୍ଡିଚା, କର୍କଟ ସଂକ୍ରାନ୍ତି, ଶୟନଯାତ୍ରା, ପାର୍ଶ୍ୱପରିବର୍ତ୍ତନ ଯାତ୍ରା, ଦେବଉତ୍ଥାପନ ଯାତ୍ରା, ପ୍ରାବରଣ ଷଷ୍ଠୀ, ପୁଷ୍ୟାଭିଷେକ, ମକର ସଂକ୍ରାନ୍ତି, ଦୋଳଯାତ୍ରା, ଦମନକ ଚତୁର୍ଦ୍ଦଶୀ ଆଦି ଭେଦରେ ଦ୍ୱାଦଶ ଯାତ୍ରା ମହାପ୍ରଭୁଙ୍କର ଶ୍ରେଷ୍ଠ ଅଟେ । ସ୍ନାନ ମଣ୍ଡପ ଜଗନ୍ନାଥ ମନ୍ଦିରର ଆନନ୍ଦ ବଜାର ନିକଟରେ ଅବସ୍ଥିତ । ଏହାର ଦୈର୍ଘ୍ୟପ୍ରସ୍ଥ ପଞ୍ଚସ୍ତରୀ ଫୁଟ ଲେଖାଏଁ ଅଟେ । ଏହା ଉପରେ ବିଗ୍ରହ ବସିବା ପାଇଁ ସିଂହାସନ ବ୍ୟବସ୍ଥା ରହିଅଛି । ଏହି ମଣ୍ଡପଟି ଅତ୍ୟନ୍ତ ଉଚ୍ଚ ହୋଇଥିବାରୁ ଅନେକ ତଳେ ଥିବା ସିଂହଦ୍ୱାରର ଯେକୌଣସି ଅଂଶରୁ ପୂଜାମଣ୍ଡପ ଦେଖାଯାଇପାରିବ । ସ୍ନାନ ପୂର୍ଣ୍ଣମା ଦିନ ଯେଉଁ ସୁଆର ଉପବ୍ରତ ହୋଇ ନୂଆକରି ପାଳି ଖଟେ, ସେ ପ୍ରଥମେ ଏହି ସ୍ନାନବେଦୀକୁ ପ୍ରସାଦ ଛେକ ବୋହିକରି ନିଏ ଏବଂ ତାହା ହିଁ ତାଙ୍କର ' ଶାଢ଼ୀବନ୍ଧା ' , ଅର୍ଥାତ୍ ସେବା ପାଇଁ ଅନୁମତି ବୋଲି ପ୍ରାମାଣିକ ଅର୍ଥରେ ଧରି ନିଆଯାଏ । ଜ୍ୟେଷ୍ଠମାସ ଶୁକ୍ଳ ଦଶମୀଠାରୁ ଭାରତ ଭୂମିର ସମସ୍ତ ତୀର୍ଥ ସମାଗତ ହୁଅନ୍ତି ଶ୍ରୀକ୍ଷେତ୍ରରେ, ପୁଣି ସୁନା କୂଅରେ, ଯାହାକି ବଡ଼ଦେଉଳ ଉତ୍ତର ଦ୍ୱାର ନିକଟସ୍ଥ ଶୀତଳା ଠାକୁରାଣୀଙ୍କ ମନ୍ଦିର ନିକଟରେ ଅବସ୍ଥିତ । ଏହି କୂଅରୁ ପୂର୍ବଦିନ ସୁନା ଗୋସେଇଁ ଓ ମୁଦିରଥ ଏକଶହ ଆଠଗୋଟି ନୂତନ କୁମ୍ଭରେ ଜଳ, ଗରାବଡୁ ସେବକ ମାନଙ୍କ ଦ୍ୱାରା ଅଣାଇ ଭୋଗ ମଣ୍ଡପରେ ଅଧିବାସ କରି ରଖାଯାଏ । ସ୍ନାନ ପୂର୍ଣ୍ଣମୀ ପୂର୍ବଦିନ ସ୍ନାନ ମଣ୍ଡପରେ ଚାନ୍ଦୁଆ ବନ୍ଧା ସରିଥାଏ । ସ୍ନାନବେଦୀରେ ଠାକୁର ମାନେ ପହଞ୍ଚିଲା ପରେ ରୁନ୍ଧା ହୁଅନ୍ତି, ଅର୍ଥାତ୍ ବନ୍ଧା ହୁଅନ୍ତି, ପରେ ଦୈନିକ ନୀତି



ଆରମ୍ଭ ହୋଇ ସମସ୍ତ ନୀତିକାନ୍ତି ସମାପନ ହୁଏ । ସର୍ବୋପରି ପ୍ରିୟମ୍ବଦ ନାମକ ଜଣେ ଗାଣପତ୍ୟ ଭକ୍ତଙ୍କୁ ଶ୍ରୀ ଜଗନ୍ନାଥ ସ୍ନାନ ପୂର୍ଣ୍ଣମୀ ଦିନ ସ୍ନାନ ମଣ୍ଡପରେ ଗଣେଶ ବେଶରେ ଦର୍ଶନ ଦେଇ ସବୁବର୍ଷ ତାଙ୍କର ହାତୀବେଶ ହେବବୋଲି ବଡ଼ପଣ୍ଡାଙ୍କୁ ସ୍ୱପ୍ନାଦେଶ ଦେଇଥିଲେ ବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ଶ୍ରୀଜଗନ୍ନାଥ ସଂସ୍କୃତି ଏକ ମୂଲ୍ୟାଙ୍କନ ପ୍ରସଙ୍ଗରେ ସ୍ନାନବେଦୀ ମାହାତ୍ମ୍ୟ ବର୍ଣ୍ଣନାବେଳେ ଜଗନ୍ନାଥ ସଂସ୍କୃତିର ବରିଷ୍ଠ ଗବେଷକ ପ୍ରଫେସର ହରିହର କାନୁନଗୋ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ପରିବାରର ସଂପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ନୀଳଗିରିର ବିଦ୍ୱାନ କର୍ମକାଣ୍ଡବିତ୍ ପଣ୍ଡିତ ପର୍ଶୁରାମ ମିଶ୍ର ଶ୍ରୀଜଗନ୍ନାଥଷ୍ଟକ ପାଠ କରିଥିବାବେଳେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ଶୁଭସ୍ମିତା ପତି ସ୍ୱାଗତ ଭଜନ ପରିବେଷଣ କରିଥିଲେ । ଶେଷରେ ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସ୍ଥିତିପ୍ରଜ୍ଞା ମହାନ୍ତି ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିବାବେଳେ କେନ୍ଦୁଝରର ଶିକ୍ଷାବିତ୍ ଶ୍ରୀଯୁକ୍ତ ରତିନାରାୟଣ ରାଉତ ଶାନ୍ତିପାଠ କରିଥିଲେ । ଏହି ଆଲୋଚନାଚକ୍ରରେ ଯାଜପୁରର ପଣ୍ଡିତ ଗୋବର୍ଦ୍ଧନ ପ୍ରଧାନ, ନୀଳଗିରିର ପଣ୍ଡିତ ଶକ୍ତିପଦ ମିଶ୍ର, ମୁମ୍ବାଇ ରୁ ଗାନ୍ଧିକା ସଂଯୁକ୍ତା ରାଉତଙ୍କ ସହ ସମଗ୍ର ଓଡ଼ିଶାରୁ ଶତାଧିକ ଶ୍ରୋତା ଯୋଗଦାନ କରିବା ସହ ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

## ଜନ ଶୁଣାଣି ଶିବରରେ ଅଭିଯୋଗ କରି ନପାରି ନିରାଶ ହୋଇ ଫେରିଲେ ୨୦ରୁ ଅଧିକ ଜନତା: କେବଳ ୭୯ ଅଭିଯୋଗରୁ ୨ ଫୈସଲା



ବସ୍ତା,୨୫।୧୧(ନିପ୍ର): ବାଲେଶ୍ୱର ଜିଲ୍ଲାର ବସ୍ତା ବ୍ଲକ ସଭା ଗୃହରେ ସୋମବାର ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନ ଶୁଣାଣି ଶିବିର ଆୟୋଜିତ ହୋଇଥିଲା। ପୂର୍ବାହ୍ନ ୧୦ ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୨ ଟା ପର୍ଯ୍ୟନ୍ତ ଏହି ଶିବିର ଚାଲିବାର ସମୟ ଧାର୍ଯ୍ୟ କରା ଯାଇଥିବା ବେଳେ ଜିଲ୍ଲାପାଳ ସୂର୍ଯ୍ୟବଂସୀ ମୟୁର ବିକାଶ ୧୦ ଟା ୪୫ ରେ ପହଞ୍ଚି ୧୧ ଟା ୫୦ ରେ ଚାଲି ଯାଇଥିଲେ ଏବଂ ଦିନ ୧୨ ଟା ୩୦ ସୁଦ୍ଧା ଶିବିରରେ ଯୋଗ ଦେଇଥିବା ସମସ୍ତ ଅଧିକାରୀ ମଧ ଚାଲି ଯାଇଥିଲେ ଯାହା ଫଳରେ ଅଭିଯୋଗ ନେଇ ଆସିଥିବା ୨୦ ରୁ ଉର୍ଦ୍ଧ୍ୱ ଅଭିଯୋଗକାରୀ ନିଜର ଅଭିଯୋଗ କରି ନପାରି ଅସନ୍ତୋଷ ହୋଇ ଫେରିଥିଲେ ।ତନ୍ମଧ୍ୟରୁ ବ୍ରାହ୍ମଣଦା ଗାଁର ଜଣେ ଦିବ୍ୟାଙ୍ଗ ନିଜର ଅଭିଯୋଗ ନେଇ ଜିଲ୍ଲାପାଳଙ୍କ ଭେଟି ନିଜର ସମସ୍ୟା ଜଣାଇଥାନ୍ତେ,ମାତ୍ର ଜିଲ୍ଲାପାଳ କି କୌଣସି ଅଧିକାରୀ ନଥିବାରୁ ଅଭିଯୋଗ କରି ନପାରି ନିରଶା ହୋଇ ଫେରିଥିଲେ ବୋଲି ଅଭିଯୋଗ ହୋଇଛି ।ତେବେ ଏହି ଶିବିରରେ ଏସପି ରାଜ ପ୍ରାସାଦ,ଉପ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ର।ଜସିକ୍ରେ,ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଂଜନ ନାୟକ,ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଗୋପୀନାଥ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।୭୯ ଅଭିଯୋଗ ମଧ ରୁ କେବଳ ୨ ଟି ଫଏସଲା ହୋଇଥିଲା ।ସେଥି ମଧ୍ୟରୁ ବ୍ଲକ ର ଆବାସ ଯୋଜନା ଓ ଅନ୍ୟାନ୍ୟ ଅଭିଯୋଗ ୧୬ ଟି,ରାଜସ୍ୱ ବିଭାଗର ୭ ଟି ଅଭିଯୋଗ ରହିଥିଲା । ତେବେ ବିଭିନ୍ନ ଜିଲା ଅଧିକାରୀ ନିଜ ନିଜ ମୋବାଇଲରେ ବ୍ୟସ୍ତ ଥିବା ଉଲ୍ଲେଖନୀୟ । ଜେଏମଏମ ର କମଳ ଲୋଚନ ବାରିକ ବସ୍ତା ବ୍ଲକରେ ଏକଲବ୍ୟ ବିଦ୍ୟାଳୟ,ଆଦିବାସୀ ଆବାସିକ ବିଦ୍ୟାଳୟ,ପୂର୍ବପରି ଉତ୍କଳ ଓ ଇଷ୍ଟ କୋଷ୍ଟ ଏକ୍ସପ୍ରେସ ରହଣି,ଶମ୍ଭୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ରେ + ୨ କଲେଜ,ଉଡନ୍ତା ରେଳ ପୋଲ, ଟିକିରାପଡା ରେ ବାତ୍ୟା ଆଶ୍ରୟ ସ୍ଥଳ ନିର୍ମାଣ ପାଇଁ ଦାବି ଜଣାଇ ଥିଲେ ।ବିଡ଼ିଓ ମୋହିନୀ କୁମାର ନାୟକ, ତହସିଲଦାର ରାଧା ରଂଜନ ଦାସ ଏହି ଶିବିରରେ ଜିଲ୍ଲାପାଳ ଓ ଏସପି ଙ୍କୁ ସହଯୋଗ କରିଥିଲେ।

## କଳଡ୍ୟାମକୁ ପ୍ଲାଷ୍ଟିକ୍‌ମୁକ୍ତ କରିବାକୁ ସଚେତନତା ରାଲି



କପ୍ତିପଦା, ୨୫/୧୧ (ନି.ପ୍ର): କପ୍ତିପଦା ବ୍ଲକସ୍ଥିତ ପୌରାଣିକ ଦର୍ଶନୀୟ କ୍ଷେତ୍ର ଶମୀବୃକ୍ଷ ପାଦଦେଶରେ ଅବସ୍ଥିତ କାଳଡ୍ୟାମକୁ ପ୍ଲାଷ୍ଟିକ୍‌ମୁକ୍ତ କରିବାକୁ ଏ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି ।ଏଥିରେ କପ୍ତିପଦା ବନାଞ୍ଚ ଅଧିନସ୍ଥ ବିଭିନ୍ନ ବନ ସୁରକ୍ଷା ସମିତି ସଦସ୍ୟ/ସଦସ୍ୟାମାନ ସାମିଲ ହୋଇଥିଲେ । ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ଯୋଗୁଁ କେବଳ ମଣିଷ ନୁହଁନ୍ତି ଅନେକ ଜୀବଜନ୍ତୁ ଓ ଜଳଚର ପ୍ରାଣୀମାନେ ମଧ ମୃତ୍ୟୁମୁଖରେ ପଡୁଛନ୍ତି । ପରିବେଶ ମଧ ବିଗିଡି ଯାଉଛି। ଏ ପରିପ୍ରେକ୍ଷୀରେ କାଳଡ୍ୟାମର ସମସ୍ତ ପିକନିକ୍ ସ୍ଥାନରୁ ବ୍ୟବହୃତ ପ୍ଲାଷ୍ଟିକ ସାମଗ୍ରୀକୁ ନଷ୍ଟ କରାଯାଇଥିଲା। ଏହି କର୍ଯକ୍ରମକୁ କପ୍ତିପଦା ବନାଞ୍ଚଳ ସଂଯୋଜକ ପୂର୍ଣ୍ଣମା ମିଶ୍ର,ଅମିତ ମହାପାତ୍ର,ବନରକ୍ଷୀ ବିଦ୍ୟୁତପ୍ରଭା ସିଂ,ଇକୋ ଟୁରିଜିମର ସଂଜୟ କୁମାର ହାଁସଦା ପ୍ରମୁଖ ପରିଚାଳନା କରିଥଲେ ।

## ୨୦୨୯ରେ ଓଡ଼ିଶାରେ ବିଜେଡି ହରାଇବ ସତ୍ତା: ଅମର ନାୟକ

ଭୁବନେଶ୍ୱର, ୨୫/୧୧ (ନି.ପ୍ର): ୨୦୨୯ରେ ଓଡ଼ିଶାରେ ବିଜେଡି ସତ୍ତା ହରାଇବ ବୋଲି କହିଛନ୍ତି ବିଜେପି ବିଧାୟକ ଅମର ନାୟକ । ଅମର ଶତପଥି ବିଜେଡିରେ ଥିଲା ବେଳେ ତାଙ୍କ ବିରୁଦ୍ଧରେ ଆମେ ଅପାତତଃ ନିର୍ବାଚନ ଜିତିଥିଲୁ । ଅମର ଶତପଥି ବିଜେପି ଆସିଲେ ବିଜେପି ସଂଗଠନର ଶକ୍ତି ବୃଦ୍ଧି ପାଇବ ।ବଡ଼ଚଣା ନୁହେଁ ସାରା ଯାଜପୁର ଜିଲ୍ଲାରେ ବହୁ ବିଜେଡି ବରିଷ୍ଠ ନେତୃତ୍ୱ ଆମ ସହ ଯୋଗାଯୋଗରେ ଅଛନ୍ତି । ଆମ ଦଳକୁ ଆସିବେ । ମୁଁ ସଂଗଠନ ଓ ସଂଘର୍ଷରୁ ଆସିଛି ମୁଁ ବିଚଳିତ ନୁହେଁ । ବିଜେଡିର ହ୍ୟାଙ୍ଗ ଓଭର ଯାଇନି । ୪ ରୁ ୫ ମାସ ବିରୋଧୀ ବସିବା ଯନ୍ତ୍ରଣାରେ ସେ ଛଟ ପଟ ହେଲେଣି ।

## 'ସାଇ ସାଧନା'ରେ ଶ୍ରୀ ସତ୍ୟସାଇ ବାବାଙ୍କ ଜୟନ୍ତୀ ଓ ଶ୍ରୀ ସତ୍ୟସାଇ ମହାଯଜ୍ଞ



ବାଲେଶ୍ୱର, ୨୫/୧୧ (ନି.ପ୍ର): ଉଦଳାର ସାଇ ସାଧନା ଟ୍ରଷ୍ଟ ଦ୍ୱାରା ପରିଚାଳିତ ସାଇ ସାଧନା ବିଜ୍ଞାନ କଲେଜ ପରିସରରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ୯୯ତମ ଜୟନ୍ତୀ ଟ୍ରଷ୍ଟର ଅଧକ୍ଷ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କ ଉଦ୍ୟମ କ୍ରମେ ଆଡମ୍ବର ସହକାରେ ପାଳିତ ହୋଇଯାଇଅଛି । ଏହି ଅବସରରେ କଲେଜ ତରଫରୁ ସକାଳେ ନଗର ସଂକୀର୍ତ୍ତନ, ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା, ଏଥି ସହିତ ଜଗତର ମଙ୍ଗଳ ନିମନ୍ତେ ସତ୍ୟସାଇ ବାବାଙ୍କ ପରିକଳ୍ପିତ ଶ୍ରୀ ସତ୍ୟ ସାଇ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏଥିରେ ଯଜ୍ଞ କର୍ତ୍ତା ଭାବରେ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କ ସହିତ ଶ୍ରୀମତୀ କୁମୁଦିନୀ ବିନ୍ଧାଣୀ ଏବଂ ଶ୍ରୀ ପ୍ରଭାତ କୁମାର ସାହୁଙ୍କ ସହିତ ଶ୍ରୀମତୀ ନନ୍ଦିତା ମହାନ୍ତି ଉପସ୍ଥିତ ରହି ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ । ପରେ ଉଦଳା ଉପଖଣ୍ଡ ଡାକ୍ତରଖାନା, ଅନ୍ଧ ମୁକ ବଧିର ବିଦ୍ୟାଳୟର ଅନ୍ତେବାସୀମାନଙ୍କୁ ଫଳ, ବିସ୍କୁଟ୍, ପାଉଁରୁଟି ବଂଟନ କରାଯାଇଥିଲା । ଏଥି ସହିତ କଲେଜ ପରିସରରେ ଅନ୍ୟୁନ ୫୦୦ ଜଣଙ୍କୁ ପ୍ରସାଦ ବଂଟନ କରାଯାଇ ଆପ୍ୟାୟିତ କରାଯାଇଥିଲା । ସନ୍ଧ୍ୟାରେ ଟ୍ରଷ୍ଟର କୋଷାଧକ୍ଷ ଶ୍ରୀ ସୁରେନ୍ଦ୍ର ନାଥ ପରିଚ୍ଛା ଓ ତାଙ୍କ ପତ୍ନୀ ଶ୍ରୀମତୀ ମମତା ପରିଚ୍ଛା ଅନ୍ତେବାସୀଙ୍କ ଗହଣରେ ଉପସ୍ଥିତ ରହି କେକ୍ କାଟି ଏହି ଜନ୍ମଦିନର ଉତ୍ସବର ଗୌରବକୁ ବୃଦ୍ଧି କରିଥିଲେ । ପରେ ପରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଆଧାତ୍ମିକ ଆଧାରିତ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସୁକାନ୍ତ କୁମାର ବିନ୍ଧାଣୀ, ଶ୍ରୀମତୀ ପ୍ରଭାସିନୀ ବିନ୍ଧାଣୀ, କମଳିକା ବିନ୍ଧାଣୀ, ଅନୁଷ୍ଠାନର ଅଧକ୍ଷ ଶ୍ରୀ ପ୍ରିୟବ୍ରତ ବେହେରା, ନିର୍ଦ୍ଦେଶକ ପ୍ରଫେସର ଅନାଦି ଚରଣ ଗାଁଣ, ଅଧାପକ ଚିନ୍ତିୟ କୁମାର ଗିରି, ଅଧାପକ ତାପସ କୁମାର ମହାନ୍ତ, ଉଦଳା ସତ୍ୟ ସାଇ ସେବା ସମିତିର ସଦସ୍ୟ ସୁବଳ ଚନ୍ଦ୍ର ବେହେରା, ଦିଲ୍ଲିପ୍ କୁମାର ଜେନା, ଅନ୍ତର୍ଯ୍ୟାମି ମୁଦୁଲି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିବା ସଙ୍ଗେ ସଙ୍ଗେ ପୂର୍ଣ୍ଣାହୁତି କାର୍ଯ୍ୟରେ ଯୋଗ ଦେଇଥିଲେ । ପ୍ରକାଶ ଥାଉକି ଏହି ଶ୍ରୀ ସତ୍ୟସାଇ ମହାଯଜ୍ଞ ପ୍ରତ୍ୟେକ ମାସ (୧୨ମାସରେ) ଭିନ୍ନ ଭିନ୍ନ ସ୍ଥାନରେ ୧୨ଟି ଶୈବ ପୀଠମାନଙ୍କରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଅଛି । ଏହି ଯଜ୍ଞରେ ଆବଶ୍ୟକ ହେଉଥିବା ଉପକରଣକୁ ଯୋଗାଇ ଦେବାପାଇଁ ସାଇ ସାଧନା ଟ୍ରଷ୍ଟର ଚେୟାରମେନ୍ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ସ୍ଥିର କରିଛନ୍ତି ଏବଂ ଉକ୍ତ କାର୍ଯ୍ୟରେ ପ୍ରତ୍ୟେକ ଶୈବ ପୀଠରେ ଶ୍ରୀ ବିନ୍ଧାଣୀ ଉପସ୍ଥିତ ରହି ଏହି କାର୍ଯ୍ୟକୁ ସମାପନ କରିବା ପାଇଁ ଧାର୍ଯ୍ୟ କରିଛନ୍ତି ।

## ଜଗବନ୍ଧୁ ହାଇସ୍କୁଲରେ ହାତ ଧୋଇବା ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ

ବଡ଼ସାହି , ୨୫/୧୧ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଯୋଡ଼ା ପରିସରରେ ମୟୂରଭଞ୍ଜ ଜିଲ୍ଲା ସ୍କାଉଟ ଓ ଗାଇଡ୍ସ ତରଫରୁ ହାତ ଧୋଇବା ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁ ଙ୍କ ମାର୍ଗଦର୍ଶନରେ ଓ ବିଦ୍ୟାଳୟର ସ୍କାଉଟମାଷ୍ଟର ଦୀପକ ରାମ ଙ୍କ ଉପସ୍ଥିତିରେ ମୟୂରଭଞ୍ଜ ଜିଲ୍ଲା ଗାଇଡ଼ ସଂଗଠନ କମିଶନର ତଥା ପିଲାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଅଭ୍ୟାସର ଜିଲ୍ଲା ସଂଯୋଜକ ସୁଲୋଚନା ମଙ୍ଗରାଜ ବିଦ୍ୟାଳୟର ସ୍କାଉଟ୍ସ ଓ ଗାଇଡ୍ସ ମାନଙ୍କୁ ହାତ ଧୋଇବା ଦଶଟି କ୍ରମ ଉଲ୍ଲେଖ କରିଥିଲେ ଏବଂ ହାତ ଧୋଇବାର ମହତ୍ତ୍ୱକୁ ସମସ୍ତ ପିଲା ଓ ପରିବାରକୁ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ କହିଥିଲେ । ଏହା ଦ୍ୱାରା ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟର ଉନ୍ନତି ଘଟିବ । ଯାହାଦ୍ୱାରା ସମସ୍ତେ ମିଳିମିଶି ଏକ ସୁସ୍ଥ ଓ ସୁରକ୍ଷିତ ପରିବେଶ ଗଢିପାରିବେ ବୋଲି ମତପୋଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ସମସ୍ତ ସ୍କାଉଟ୍ସ ଓ ଗାଇଡ୍ସ ମାନେ ଶିକ୍ଷା ଗ୍ରହଣ କରିବା ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo